
ଯା ଦେବୀ ସର୍ବଭୂତେଷୁ............

ନିରପେକ୍ଷ ଦୈନିକ ସମ୍ବାଦପତ୍ର

# ଧ୍ୱନି ପ୍ରତିଧ୍ୱନି

The Dhwani Pratidhwani

website : www.dhwanipratidhwani.net
email: pratidhwani.dhwani@gmail.com

ବାଲେଶ୍ୱର ❑ ମଙ୍ଗଳବାର ୦୨ ସେପ୍ଟେମ୍ବର ୨୦୨୫ ■ ମୂଲ୍ୟ ଟ. ୨.୦୦ ପଇସା ■ ପୃଷ୍ଠା ସଂଖ୍ୟା-ଆଠ ■ Baleshwar ♦ TUESDAY 02 September 2025
Vol.No. 36 ■ No.232 ■ Price :Rs.2.00 ( 8 pages) ■ R.N.I. Registered No. 52528/91 ■ Postal Registered No. Balasore (Odisha)/005/2019



ସଂଗ୍ରହ କରନ୍ତୁ
ବାର୍ଷିକ ସଂଖ୍ୟା
ସାଗରିକା
ଏବେଠାରୁ
ଡିଜିଟାଲ୍ ଫର୍ମାଟରେ ଉପଲବ୍ଧ...
website : sagarika.in.net


## ଆଫଗାନିସ୍ତାନରେ ଭୂମିକମ୍ପ: ୨୫୦ ଲୋକଙ୍କ ମୃତ୍ୟୁ, ୫୦୦ରୁ ଅଧିକ ଆହତ



ନୂଆଦିଲ୍ଲୀ,୧/୯ : ରବିବାର ବିଳମ୍ବିତ ରାତିରେ ପାକିସ୍ତାନ ସୀମା ନିକଟ ପୂର୍ବ ଆଫଗାନିସ୍ତାନରେ ୬.୦ ତୀବ୍ରତାର ଏକ ଭୂମିକମ୍ପ ଅନୁଭୂତ ହୋଇଛି । ଟଝଏଝ ଅନୁଯାୟୀ, ଭୂମିକମ୍ପର କେନ୍ଦ୍ରସ୍ଥଳ ନଙ୍ଗରହାର ପ୍ରଦେଶର ଜଲାଲାବାଦ ନିକଟରେ ଥିଲା ଏବଂ ଏହାର ଗଭୀରତା ୮ କିଲୋମିଟର ଥିଲା । ତେବେ ଏହି ଭୂମିକମ୍ପ କାରଣରୁ ନଙ୍ଗରହାରରେ ୨୫୦ ଜଣଙ୍କର ମୃତ୍ୟୁ ହୋଇଛି ଏବଂ ୫୦୦ରୁ ଅଧିକ ଲୋକ ଆହତ ହୋଇଛନ୍ତି । ଅନେକ ଅଞ୍ଚଳରେ ମଧ୍ୟ ପ୍ରବଳ କ୍ଷୟକ୍ଷତି ହୋଇଛି । ଭୂମିକମ୍ପ ଏତେ ଶକ୍ତିଶାଳୀ ଥିଲା ଯେ, ଏହାର ଝଟକା ଭାରତର ଅନେକ ସ୍ଥାନରେ, ବିଶେଷକରି ଦିଲ୍ଲୀ-ଏନସିଆରରେ ଅନୁଭୂତ ହୋଇଥିଲା । ଏହା ବ୍ୟତୀତ ପାକିସ୍ତାନରେ ମଧ୍ୟ ଭୂମିକମ୍ପର ଝଟକା ଅନୁଭୂତ ହୋଇଥିଲା । ପ୍ରାୟ ୨୦ ମିନିଟ୍ ପରେ, ସେହି ସେଠାରେ ଦ୍ୱିତୀୟଥର ପାଇଁ ଭୂମିକମ୍ପ ଅନୁଭୂତ ହୋଇଥିଲା, ଯାହାର ତୀବ୍ରତା ୪.୫ ଏବଂ ଗଭୀରତା ୧୦କିଲୋମିଟର ଥିଲା । ଜାଣିରଖିବା ଉଚିତ ଯେ, ଏହା ପୂର୍ବରୁ ୭ ଅକ୍ଟୋବର, ୨୦୨୩ରେ ଆଫଗାନିସ୍ତାନରେ ୬.୩ ତୀବ୍ରତାର ଏକ ଭୂମିକମ୍ପ ହୋଇଥିଲା ଏବଂ ତା' ପରେ ପ୍ରବଳ ଝଟକା ଅନୁଭୂତ ହୋଇଥିଲା । ତେବେ ଗତ ଗୋଟିଏ ମାସ ମଧ୍ୟରେ ଏହା ଆଫଗାନିସ୍ତାନରେ ପଞ୍ଚମ ଭୂମିକମ୍ପ । ପୂର୍ବରୁ, ୨୭ ଅଗଷ୍ଟରେ ୫.୪ ତୀବ୍ରତାର, ୧୭ ଅଗଷ୍ଟରେ ୪.୯ ତୀବ୍ରତାର ଏବଂ ୧୩ ଅଗଷ୍ଟରେ ୧୦ କିଲୋମିଟର ଗଭୀରତାରେ ୪.୨ ତୀବ୍ରତାର ଭୂମିକମ୍ପ ହୋଇଥିଲା । ଏହାସହିତ ୮ ଅଗଷ୍ଟରେ ୧୦ କିଲୋମିଟର ଗଭୀରତାରେ ୪.୩ ତୀବ୍ରତାର ଭୂମିକମ୍ପ ହୋଇଥିଲା ।

## ଶିକ୍ଷକଙ୍କ ପାଇଁ ଟିଇଟି ପାସ୍ ବାଧ୍ୟତାମୂଳକ: ସୁପ୍ରିମକୋର୍ଟଙ୍କ ଗୁରୁତ୍ୱପୂର୍ଣ୍ଣ ରାୟ



ନୂଆଦିଲ୍ଲୀ,୧।୯: ସୁପ୍ରିମକୋର୍ଟ ସୋମବାର ରାୟ ଦେଇଛନ୍ତି ଯେ, ଶିକ୍ଷକତା ସେବାରେ ଜାରି ରହିବା କିମ୍ବା ପଦୋନ୍ନତି ପାଇଁ ଶିକ୍ଷକ ଯୋଗ୍ୟତା ପରୀକ୍ଷା (ଟିଇଟି) ବାଧ୍ୟତାମୂଳକ। ଜଷ୍ଟିସ ଦୀପଙ୍କର ଦତ୍ତା ଓ ଅଗଷ୍ଟିନ ଜର୍ଜ ମସିହଙ୍କ ଖଣ୍ଡପୀଠ ଏକ ରାୟରେ କହିଛନ୍ତି, ଯେଉଁ ଶିକ୍ଷକମାନଙ୍କର ଅବସର ପାଇଁ ୫ ବର୍ଷରୁ କମ ସମୟ ବାକି ଅଛି, ସେମାନେ ସେବାରେ ଜାରି ରହିପାରିବେ। କିନ୍ତୁ, ୫ ବର୍ଷରୁ ଅଧିକ ସେବା ଅବଧି ଥିବା ଶିକ୍ଷକମାନେ ସେବା ଜାରି ରଖିବାକୁ ଟିଇଟିରେ ଉତ୍ତୀର୍ଣ୍ଣ ହେବା ଆବଶ୍ୟକ। ଅନ୍ୟଥା , ସେମାନେ ଇସ୍ତଫା ଦେଇପାରିବେ କିମ୍ବା ଅବସର ସୁବିଧା ସହ ବାଧ୍ୟତାମୂଳକ ଅବସର ପାଇଁ ଆବେଦନ କରିପାରିବେ। ଏହା ସହ, ଅଳ୍ପସଂଖ୍ୟକ ଶିକ୍ଷାନୁଷ୍ଠାନ ପାଇଁ ଟିଇଟି ବାଧ୍ୟତାମୂଳକ କରିବା ଏବଂ ଏହା ସେମାନଙ୍କ ଅଧିକାର ଉପରେ କିପରି ପ୍ରଭାବ ପକାଇବ, ତାହା ଏକ ବୃହତ୍ ଖଣ୍ଡପୀଠକୁ ପଠାଯାଇଛି। ଏହି ରାୟ ତାମିଲନାଡୁ ଓ ମହାରାଷ୍ଟ୍ର ସମେତ ବିଭିନ୍ନ ରାଜ୍ୟରୁ ଆସିଥିବା ଟିଇଟିର ବାଧ୍ୟତାମୂଳକତା ସମ୍ପର୍କିତ ଆବେଦନଗୁଡ଼ିକ ଉପରେ ଦିଆଯାଇଛି। ୨୦୧୦ରେ ଜାତୀୟ ଶିକ୍ଷକ ଶିକ୍ଷା ପରିଷଦ (ଏନସିଟିଇ) ପ୍ରଥମେ ପ୍ରାଥମିକ ଓ ମାଧ୍ୟମିକ ଶ୍ରେଣୀ (୧ ରୁ ୮) ପାଇଁ ଶିକ୍ଷକ ନିଯୁକ୍ତିର ନ୍ୟୂନତମ ଯୋଗ୍ୟତା ନିର୍ଦ୍ଧାରଣ କରିଥିଲା ଏବଂ ପରେ ଟିଇଟି ପ୍ରବର୍ତ୍ତନ କରିଥିଲା। ଏହି ନିଷ୍ପତ୍ତି ସହ ସୁପ୍ରିମକୋର୍ଟ ଏକ ଉଦ୍ଧୃତି ଦେଇଛନ୍ତି: "ସର୍ବକାଳୀନ ଶ୍ରେଷ୍ଠ ଆବିଷ୍କାର ହେଉଛି, ଜଣେ ବ୍ୟକ୍ତି କେବଳ ନିଜର ମନୋଭାବ ବଦଳାଇ ନିଜର ଭବିଷ୍ୟତ ବଦଳାଇ ପାରେ।"

## ଚାଷୀଙ୍କ ପାଇଁ ସାର ଅଭାବ ରହିବ ନାହିଁ: ବିଜେପି

ଭୁବନେଶ୍ୱର, ୧/୯ (ନି.ପ୍ର): ସାରର ଅଭାବୀ ବିକ୍ରି ପ୍ରସଙ୍ଗରେ ବିଜେଡିର ଅଭିଯୋଗକୁ କାଉଂଟର କରିଛି ବିଜେପି। ବିଜେପି ସମବାୟ ସେଲର ରାଜ୍ୟ ସଂଯୋଜକ ଶ୍ରୀରଞ୍ଜନ ମଙ୍ଗରାଜ କହିଛନ୍ତି ୨୪ବର୍ଷ ଧରି ଶାସନ କରୁଥିବା ବିଜେଡି ସରକାର ସମୟରେ ଯେଉଁ ସାର ଡିଲର କଳାବଜାରୀ କରୁଥିଲେ ତାଙ୍କ ଉପରେ ଏବେ କାର୍ଯ୍ୟାନୁଷ୍ଠାନ ନିଆଯାଉଛି । ଗତକାଲି ୬୨ ଜଣ ଡିଲରଙ୍କୁ ନିଲମ୍ବନ କରଯାଇଛି । ସରକାର ଯତ୍ନବାନ ଅଛନ୍ତି, ଚାଷୀଙ୍କ ପାଇଁ ସାର ଅଭାବ ରହିବ ନାହିଁ । ଆଗାମୀ ଦିନରେ ସାର ଯୋଗାଣ ଠିକ ରହିବ । ସାରର ଅଭାବ ନାହିଁ, କୃତିମ ଉପାୟରେ ଏହିଭଳି ପରିସ୍ଥିତି ସୃଷ୍ଟି କରାଯାଇଥିଲା। ଦୁଇ ତିନି ଦିନ ଭିତରେ ପରିସ୍ଥିତି ଠିକ ହୋଇଯିବ। ଅଭିଯୋଗ ଆସିଲା ପରେ କାର୍ଯ୍ୟାନୁଷ୍ଠାନ ହୋଇଛି । ସାରର କମ୍ପାନୀ ଡିଲରଙ୍କୁ ୬୦ ପ୍ରତିଶତ ଓ ନାଫେଡ୍ କୁ ୪୦ ପ୍ରତିଶତ ଦେଇଛନ୍ତି । ତାଙ୍କର ଦୋଷ ବି ରହିଛି । ଜଣା ପଡିବା ପରେ କୃଷି ମନ୍ତ୍ରୀଙ୍କ ନିର୍ଦ୍ଦେଶ ତୁରନ୍ତ ପରେ କାର୍ଯ୍ୟନୁଷ୍ଠାନ ଗ୍ରହଣ କରଯାଇଛି । ଦିନେ ଦୁଇ ଦିନ ଭିତରେ ସାର ଯୋଗାଣ ସ୍ଥିତି ସ୍ୱାଭାବିକ ହେବ।

## ଶ୍ରୀମନ୍ଦିରକୁ ନେଇ ଭୂଲ ତଥ୍ୟ ଦେଲେ କଡା କାର୍ଯ୍ୟାନୁଷ୍ଠାନ: ଏସପି



ପୁରୀ, ୧/୯ (ନି.ପ୍ର): ଶ୍ରୀମନ୍ଦିରକୁ ନେଇ ମାଳ ମାଳ ୱେବସାଇଟରେ ରହିଛି ଭୁଲ ତଥ୍ୟ ଏହି ସବୁ ୱେବସାଇଟରେ ଟଙ୍କା ଦେଇ ଭିଆଇପି ଦର୍ଶନ ବାବଦରେ ରହିଛି ଭୁଲ ସୂଚନା। ଏ ନେଇ ଭକ୍ତମାନେ ସଚେତନ ହେବା ଆବଶ୍ୟକତା ରହିଛି। ଗତ ୩୦ ତାରିଖରେ ପୁଜାପରିସେବା. କମ୍ ନାମକ ଏକ ନକଲି ୱେବସାଇଟ୍ ପୁରୀ ପୋଲିସର ନଜରକୁ ଆସିଥିଲା, ଯାହା ଶ୍ରୀଜଗନ୍ନାଥ ମନ୍ଦିରରେ 'ବିଶେଷ ପୂଜା ସେବା' ପ୍ରଦାନ କରୁଥିଲା। ପୋଲିସ ରିପୋର୍ଟ ଆଧାରରେ ତୁରନ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇ ସିଂହଦ୍ୱାର ଥାନାରେ ଏକ ମାମଲା ରୁଜୁ କରାଯାଇଥିଲା । ବର୍ତ୍ତମାନ ଏହି ମାମଲା ତଦନ୍ତାଧୀନ ଅଛି ବୋଲି କହିଛନ୍ତି ପୁରୀ ଏସପି ପ୍ରତୀକ ସିଂ। ସେହିପରି ଗତକାଲି ଇଣ୍ଡିଆ ଥ୍ରୀଲସ ଓ ଜଗନ୍ନାଥ ପୁରୀ ଦର୍ଶନ ନାମକ ଆଉ ଏକ ନକଲି ୱେବସାଇଟ୍ ଚିହ୍ନଟ ହୋଇଥିଲା, ଯାହା 'ବିଶେଷ ଦର୍ଶନ' ସେବା ପ୍ରଦାନ କରୁଥିଲା। ଶ୍ରୀ ଜଗନ୍ନାଥ ମନ୍ଦିର ପ୍ରଶାସନର ଅଭିଯୋଗ ଆଧାରରେ, ସାଇବର ଥାନାରେ ଏକ ମାମଲା ରୁଜୁ କରାଯାଇଥିଲା। ସମୟୋଚିତ ହସ୍ତକ୍ଷେପ ସହିତ ଉକ୍ତ ୱେବସାଇଟ୍ କୁ ସମ୍ପୂର୍ଣ୍ଣ ଭାବରେ ଅବରୋଧ କରାଯାଇଛି। ପୁରୀ ପୋଲିସ ସମସ୍ତ ଭକ୍ତ ଏବଂ ପର୍ଯ୍ୟଟକଙ୍କୁ ଏପରି ନକଲି ଏବଂ ନକଲି ୱେବସାଇଟ୍ ପ୍ରତି ସତର୍କ ରହିବାକୁ ଅନୁରୋଧ କରାଯାଇଛି। ମନ୍ଦିର ସମ୍ବନ୍ଧୀୟ ସୂଚନା ପାଇଁ ସମସ୍ତଙ୍କୁ କେବଳ ସରକାରୀ ଏବଂ ଶ୍ରୀମନ୍ଦିର ପ୍ରଶାସନ ସାଇଟ ଅନୁସରଣ କରିବାକୁ ପରାମର୍ଶ ଦିଆଯାଇଛି। କୌଣସି ସାଇବର ଠକେଇର ସନ୍ଦେହ ହେଲେ, ଲୋକଙ୍କୁ ତୁରନ୍ତ ସାଇବର ପିଏସ ସହିତ ୮୨୮୦୪୯୧୩୦୦ ନମ୍ବରରେ ଯୋଗାଯୋଗ କରିବାକୁ ଅନୁରୋଧ କରାଯାଇଛି। ପୁରୀ ଜିଲ୍ଲାରେ ▶▶ପୃଷ୍ଠା ୭

## ୨୦୨୫ର ନୂଆ ସିଡିପି ଆଣିବ ବିଡ଼ିଏ

ଭୁବନେଶ୍ୱର, ୧/୯ (ନି.ପ୍ର): ୨୦୨୫ ର ନୂଆ ସିଡିପି ଆଣିବ ବିଡ଼ିଏ। ଏଥିପାଇଁ ୫୬୦ ଗାଁକୁ ସାମିଲ କରାଯାଇଛି। ୫୬୦ ଗାଁ କୁ ବାଦ୍ ଦେଲେ ଆହୁରି ୧୪୩ ଗାଁ କୁ ସାମିଲ କରିବା ପାଇଁ ସରକାରଙ୍କୁ ପ୍ରସ୍ତାବ ଦେଇଛି ବିଡ଼ିଏ। ଏହି କାମ ୭ ପ୍ରୋସେସରେ ଅଛି। ଏବେ ୫୬୦ ଗାଁ ୧୧୨୨ ଶହ ବର୍ଗ କିଲୋମିଟର ପର୍ଯ୍ୟନ୍ତ ରହିଛି । ୨୦୧୪ ସିଡିପିରେ ୨୬୦ ଗାଁ ଥିଲା ,୫୬୦ ଗାଁ ରେ ସର୍ଭେ କରିବା ପାଇଁ ଟେଣ୍ଡର ଆହ୍ୱାନ କରାଯାଇଛି। ଯେଉଁ ସଂସ୍ଥା ନେବ ସିଏ ସର୍ଭେ କରିବେ। ଏବେ ଅନେକ ଗାଁରେ ଜନ ଶୁଣାଣି ସରିଛି। ଆଉ କିଛି ବାକି ଅଛି। ସେଠାରେ ଆପତି ଶୁଣାଣି ହେବାର ଯୋଜନା ରହିଛି। ୨୦୧୪ ସିଡିପି ରେ ଥିବା ୨୬୦ ଗାଁର ଯୋଜନାକୁ ମୋଡ଼ିଫାଏ କରାଯାଉଛି ଯାହାଦ୍ୱାରା ଅନେକ ସୁବିଧା ସୁଯୋଗ କରାଯାଇପାରିବ ବୋଲି ବିଡିଏ ପକ୍ଷରୁ କୁହାଯାଇଛି ।

## ଦୁର୍ଗାପୂଜା ଭସାଣିରେ ଡିଜେ ବନ୍ଦ



ଭୁବନେଶ୍ୱର, ୧/୯ (ନି.ପ୍ର): ରାଜଧାନୀର ଦୁର୍ଗାପୂଜା ଭସାଣିରେ ଏଥର ଡିଜେ ବନ୍ଦ। ଖାଲି ଡିଜେ ନୁହେଁ ଲେଜର ଲାଇଟ୍ ଓ ବାଣ ବି ବନ୍ଦ। ଟୁଇନ ସିଟି କଟକ ଓ ଭୁବନେଶ୍ୱରରେ ଲାଗିଛି ଏଭଳି କଟକଣା। କେବଳ ପାରମ୍ପରିକ ବାଜାରେ ହେବ ମାଆଙ୍କ ଭସାଣି। ପୋଲିସ ସେବା ଭବନରେ ବସିଥିବା ଦୁର୍ଗା ପୂଜା ପ୍ରସ୍ତୁତି ବୈଠକରେ ନିଷ୍ପତ୍ତି ନିଆଯାଇଛି। ରାଜଧାନୀରେ ଦୁର୍ଗା ପୂଜା ପାଇଁ ଆଜି କମିଶନରେଟ ପୋଲିସର ବଡ ବୈଠକ ବସିଥିଲା। ଶାରଦୀୟ ପୂଜା ପୂର୍ବରୁ ସମସ୍ତ ପୂଜା କମିଟି ସହ ବୈଠକ ଡାକି ଆଲୋଚନା କରିଛନ୍ତି ପୋଲିସ କମିଶନର। ପୂଜାକୁ ନେଇ ଅନେକ ସ୍ଥାନରେ ବିଶୃଙ୍ଖଳା ଦେଖା ଯାଉଥିବା ବେଳେ ଏହି ପ୍ରସ୍ତୁତି ବୈଠକରେ ଅନେକ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ହୋଥିବା ଜଣାଯାଇଛି। ବୈଠକରେ ସମସ୍ତ ବିଧାୟକ ସହ ଜିଲ୍ଲାପାଳ, ବିଏମସି କମିଶନର ଓ ଅନ୍ୟ ବ୍ୟକ୍ତି ବିଶେଷ ଯୋଗ ଦେଇଥିଲେ।

## ନୂଆ ଏନ୍ଏସିକୁ ନେଇ ରାଜନୀତି : ଶାସକ-ବିରୋଧୀ କଥା କଟାକଟି



ଭୁବନେଶ୍ୱର, ୧/୯ (ନି.ପ୍ର): ସ୍ୱାୟତ୍ତ ଶାସନ ଦିବସ ଅବସରରେ ଘୋଷଣା ହୋଇଥିବା ନୂଆ ଏନ୍ଏସି ଓ ମ୍ୟୁନିସିପାଲିଟିକୁ ନେଇ ଜୋରଦାର ହୋଇଛି ବୟାନବାଜି। ଏହି ଘୋଷଣା ପଛରେ ରାଜନୀତିର ଗନ୍ଧ ବାରି ବର୍ଷିଛି ବିଜେଡି । ବିଜେଡି ସରକାର ସମୟରେ ନିୟମ ଅନୁସାରେ ଘୋଷଣା ହୋଇଥିବା ଏନ୍ଏସି ଗୁଡ଼ିକୁ କାଟି ଦିଆଯାଇଥିବା ଅଭିଯୋଗ କରିଛନ୍ତି ବିଜେଡି ନେତା । କିନ୍ତୁ ବିଜେଡିର ଅଭିଯୋଗକୁ ଖଣ୍ଡନ କରିଛନ୍ତି ନଗର ଉନ୍ନୟନ ମନ୍ତ୍ରୀ । ଏସବୁ ଭିତରେ ଚଣ୍ଡିଖୋଲ, ବୋରିଗୁମ୍ମା, ସାଲେପୁର ସମେତ ଆଉ କେତେକ ନିର୍ବାଚନ ମଣ୍ଡଳୀରେ ଆରମ୍ଭ ହୋଇଯାଇଛି ଶ୍ରେୟ ରାଜନୀତି । ଅନ୍ୟପଟେ ଯେଉଁ ସବୁ ଅଞ୍ଚଳ ଘୋଷଣାରୁ ବାଦ୍ ପଡ଼ିଛି ସେଠି ଅସନ୍ତୋଷ ତେଜିଛି । ଜଳେଶ୍ୱର, କାକଟପୁର, ବୋଲଗଡ଼, ବେଗୁନିଆ ଭଳି ଅଞ୍ଚଳରେ ବିରୋଧୀ ଶାସକ ଦଳକୁ ଘେରିଛନ୍ତି । ପୁନଃବିଚାର ନକଲେ ଆନ୍ଦୋଳନକୁ ▶▶ପୃଷ୍ଠା ୭

## ଖୁବ୍‌ଶୀଘ୍ର ଫୁଟିବ ହାଇଡ୍ରୋଜନ ବୋମା: 'ଭୋଟ ଚୋରି'ରେ ନୂଆ ଖୁଲାସାର ସଂକେତ ଦେଲେ ରାହୁଲ




ନୂଆଦିଲ୍ଲୀ,୧/୯ : ଲୋକସଭାରେ ବିରୋଧୀ ଦଳ ନେତା ରାହୁଲ ଗାନ୍ଧି 'ଭୋଟ ଚୋରି' ଅଭିଯୋଗର ନୂଆ ପର୍ଦ୍ଦାଫାସ କରିବେ ବୋଲି ସୋମବାର ସଂକେତ ଦେଇଛନ୍ତି ଓ ମହାଦେବପୁରାର ଆଟମ ବୋମା ପରେ ଏଥର ହାଇଡ୍ରୋଜନ ବୋମା ବିସ୍ଫୋରଣ ହେବ ବୋଲି କହିଛନ୍ତି। ତେବେ ବିଜେପି ଏ ନେଇ ରାହୁଲଙ୍କୁ ପାଲଟା ଆକ୍ରମଣ କରିଛି। କହିଛି ଏପରି ଦାବି କରିବା ବିରୋଧୀ ଦଳ ନେତାଙ୍କ ଦାୟିତ୍ୱହୀନତା। ରାହୁଲ ଗାନ୍ଧି ସୋମବାର ପାଟନାରେ ତାଙ୍କ ଭୋଟ ଅଧିକାର ଯାତ୍ରାର ସମାପନ ଅବସରରେ ଜନସଭାକୁ ସମ୍ବୋଧିତ କରି କହିଛନ୍ତି ଯେ 'ଯେତେବେଳେ ଆମେ ଭୋଟ ଚୋରିର ହାଇଡ୍ରୋଜନ ବୋମା ଆଣିବୁ ସେମାନେ ଲୋକଙ୍କୁ ନିଜର ମୁହଁ ଦେଖାଇ ପାରିବେନି'। ତେବେ କଂଗ୍ରେସ ନେତା ଏଥର କେଉଁ ନିର୍ବାଚନମଣ୍ଡଳିକୁ ଟାର୍ଗେଟ୍ କରିବେ ସେ ନେଇ କିଛି କହିନାହାନ୍ତି। ସେ କେବଳ କହିଛନ୍ତି ଯେ ମୁଁ ବିଜେପି ଲୋକଙ୍କୁ କହିବାକୁ ଚାହୁଁଛି 'ପ୍ରସ୍ତୁତ ରୁହ ହାଇଡ୍ରୋଜନ ବୋମା ଆସୁଛି। ଲୋକଙ୍କୁ ଖୁବ୍ ଶୀଘ୍ର ଭୋଟ ଚୋରିର ବାସ୍ତବତା ଜଣାପଡିଯିବ'। ରାହୁଲ କହିଛନ୍ତି ଯେ 'ମୁଁ ଆପଣଙ୍କୁ ଗ୍ୟାରେଣ୍ଟି ଦେଉଛି ▶▶ପୃଷ୍ଠା ୭

## ମୋଦୀ-ପୁଟିନ୍ ମହାବୈଠକ : ଟେନସନ୍‌ରେ ଟ୍ରମ୍ପ



ନୂଆଦିଲ୍ଲୀ,୧/୯ :ଚୀନର ତିଆନଜିନରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଓ ସହ ଋଷ ରାଷ୍ଟ୍ରପତି ଭ୍ଲାଦିମର ପୁଟିନଙ୍କ ମଧ୍ୟରେ ଆଲୋଚନା ହୋଇଛି । ଆଲୋଚନା ପାଇଁ ମୋଦୀ ଓ ପୁଟିନ ଗୋଟିଏ କାରରେ ଯାତ୍ରା କରିଥିଲେ। ଉଭୟ ନେତାଙ୍କ ମଧ୍ୟରେ ଗୁରୁତ୍ୱପୂର୍ଣ୍ଣ ବୈଠକ ଚାଲିଛି । ୟୁକ୍ରେନ ସହ ଋଷର ଯୁଦ୍ଧ ବନ୍ଦ ପାଇଁ ଉଭୟ ଆଲୋଚନା କରିଛନ୍ତି। ଶକ୍ତି, ନିବେଶ, ବାଣିଜ୍ୟ ଆଦି କ୍ଷେତ୍ରରେ ଦୁଇ ଦେଶ ମଧ୍ୟରେ ଏକାଧିକ ଚୁକ୍ତି ହେବାର ଅଛି । ଆମେରିକାର ୫୦ ପ୍ରତିଶତ ଟାରିଫ ଯୋଗୁ ଋଷକୁ ଅଧିକ ରପ୍ତାନି କରିବା ଉପରେ ଗୁରୁତ୍ୱ ଦେଉଛି ଭାରତ । ଅକ୍ଟୋବର ୨୦୨୪ରେ କାଜାନରେ ଅନୁଷ୍ଠିତ ବ୍ରିକ୍ସ ସମ୍ମିଳନୀରେ ମୋଦୀ ଓ ପୁଟିନଙ୍କ ସାକ୍ଷାତ ହୋଇଥିଲା । ଟ୍ରମ୍ପ ଦ୍ୱିତୀୟ ଥର ଆମେରିକା ରାଷ୍ଟ୍ରପତି ହେବା ପରେ ପୁଟିନଙ୍କ ସହ ମୋଦୀଙ୍କ ଏହା ପ୍ରଥମ ବୈଠକ । ଚୀନ ସହ ମିଶି ଆମେରିକାକୁ ମାତ୍ ଦେବାକୁ ସ୍ୱତନ୍ତ୍ର ରଣନୀତି ପ୍ରସ୍ତୁତ କରୁଛନ୍ତି ଦୁଇନେତା । ଏହା ପୂର୍ବରୁ ଅଗଷ୍ଟ ୨୨ରେ ବୈଦେଶିକ ମନ୍ତ୍ରୀ ଏସ୍. ଜୟଶଙ୍କର ଓ ଋଷ ବୈଦେଶିକ ମନ୍ତ୍ରୀଙ୍କ ମଧ୍ୟରେ ବାଣିଜ୍ୟ ନେଇ ଆଲୋଚନା ହୋଇଥିଲା । ପୁଟିନ ଆସନ୍ତା ଡିସେମ୍ବର ମାସରେ ଭାରତ ଆସିବେ । ବଢ଼ୁଛି ଡୋନାଲ୍ଡ ଟ୍ରମ୍ପଙ୍କ ବ୍ଲଡ ପ୍ରେସର । ଆଜ୍ଞା ହଁ ବିଶ୍ୱ ମଞ୍ଚରେ ବିଶ୍ୱ ଶକ୍ତିଙ୍କୁ ଏକଜୁଟ୍ ଦେଖି ଆକ୍ତାମାକ୍ତା ହେଲେଣି ଟ୍ରମ୍ପ । ଡୋନାଲ୍ଡ ଟ୍ରମ୍ପ ଏବେ ମନେ ମନେ ଭାବିବାକୁ ବାଧ ହେଉଥିବେ ଯେ ଟାରିଫ୍ ମାଡ ମୋ ପାଇଁ ବିପଦ ସୃଷ୍ଟି କରିବନି ତ ? ଏହା ଭୁଲ୍ ? ନିଷ୍ପତ୍ତି ଥିଲା କି ମୋର ? କାରଣ ଏସସିଓ ମଞ୍ଚରେ ମୋଦୀ, ଜିନ୍‌ପିଙ୍ଗ, ପୁଟିନ୍‌ଙ୍କ ବନ୍ଧୁତ୍ୱ, ହାତରେ ହାତ ଏବଂ ଗଭୀର କଥାବାର୍ତ୍ତା ଯାହା ଟ୍ରମ୍ପଙ୍କୁ ଦ୍ୱନ୍ଦରେ ପକାଇବା ସ୍ୱାଭାବିକ୍ । ଟାରିଫର ପ୍ରହାର ତିନି ମାସ ମଧ୍ୟରେ ବିଶ୍ୱ ରାଜନୀତିର ସମିକରଣ ବଦଳିଛି । ଯଦି ଆମେ ଅନ୍ୟ ଏକ ଦିଗକୁ ବିଚାର କରି ଦେଖିବା, ତେବେ ଆନ୍ତର୍ଜାତୀୟ ରାଜନୀତିରେ ▶▶ପୃଷ୍ଠା ୭

## ପୁରୀ-ବାଙ୍ଗିରିପୋସି ଏକ୍ସପ୍ରେସରେ ନୂଆ ସୁବିଧା

ଭୁବନେଶ୍ୱର, ୧/୯ (ନି.ପ୍ର): ପୂର୍ବତଟ ରେଳପଥ ଯାତ୍ରୀଙ୍କ ସୁବିଧା ବୃଦ୍ଧି ଏବଂ ବର୍ଦ୍ଧିତ ଚାହିଦାକୁ ଦୃଷ୍ଟିରେ ରଖି ଟ୍ରେନ ନଂ ୧୨୮୯୨/୧୨୮୯୧ ପୁରୀ-ବାଙ୍ଗିରିପୋଷି-ପୁରୀ ଏକ୍ସପ୍ରେସରେ ଏକ ଅତିରିକ୍ତ ନନ୍-ଏସି ଚେୟାର କାର କୋଚ୍ ସ୍ଥାୟୀ ଭାବରେ ସଂଯୋଗ କରିବାକୁ ଘୋଷଣା କରିଛି। ସଂଶୋଧିତ ଟ୍ରେନ୍ କୋଚ୍ ସଂଖ୍ୟା ବୃଦ୍ଧି ୧ ସେପ୍ଟେମ୍ବର ରୁ ପୁରୀରୁ ଏବଂ ୨ ସେପ୍ଟେମ୍ବରରୁ ବାଙ୍ଗିରିପୋସିରୁ କାର୍ଯ୍ୟକାରୀ ହେବ, ଟ୍ରେନର ସଂଶୋଧିତ ସାରାଂଚନା ଦ୍ୱାରା ଅଧିକ ଆସନ କ୍ଷମତା ବୃଦ୍ଧି ପାଇବା ସହିତ ଆରାମଦାୟକ ଯାତ୍ରା ପ୍ରଦାନ କରିବ। ପୂର୍ବ ତଟ ରେଳପଥର ଏହି ପଦକ୍ଷେପ ପୁରୀ-ବାଙ୍ଗିରିପୋଷି ରୁଟରେ ଅଧିକ ଆରାମଦାୟକ ଯାତ୍ରା ଏବଂ ଅଧିକ ଆସନ ବ୍ୟବସ୍ଥା ପ୍ରଦାନ କରିବ।

# ଶତାୟୁ ପୁରୁଷ ଭାସ୍କର ମଲ୍ଲିକଙ୍କୁ ଶ୍ରଦ୍ଧାଞ୍ଜଳି



ଭଦ୍ରକ , ୧/୦୯ (ନି.ପ୍ର): ତିହିଡ଼ି ବ୍ଲକ୍ ବୋଡ଼କ ଗ୍ରାମ ପଞ୍ଚାୟତର ଅଣ୍ଡରାଇ ଗ୍ରାମର ବର୍ଷୀୟାନ ବ୍ୟକ୍ତିତ୍ୱ ଶତାୟୁ ପୁରୁଷ ଭାସ୍କର ମଲ୍ଲିକଙ୍କ ବିୟୋଗରେ ତାଙ୍କର ଏକାଦଶାହ ଅବସରରେ ଅଣ୍ଡରାଇ ସେବା ସମବାୟ ସମିତି ପ୍ରାଙ୍ଗଣରେ ଏକ ଭାବପୂର୍ଣ୍ଣ ଶ୍ରଦ୍ଧାଞ୍ଜଳି ସଭା ଅନୁଷ୍ଠିତ ହୋଇଯାଇଥିଲା। ବରିଷ୍ଠ ସାମ୍ବାଦିକ ଅଜୟ କୁମାର ମଲ୍ଲିକଙ୍କ ଅଧ୍ୟକ୍ଷତାରେ ଶ୍ରଦ୍ଧାଞ୍ଜଳି ସଭା ସଞ୍ଚାଳନ ହୋଇଥିଲା। ଉକ୍ତ ଶ୍ରଦ୍ଧାଞ୍ଜଳି ସଭାରେ ତିହିଡ଼ି ବ୍ଲକର ବୋଡ଼କ, ବିଲଣା, ତଳଗୋପବିନ୍ଧା, ଗ୍ରାମ ପଞ୍ଚାୟତର ବିଶିଷ୍ଟ ବ୍ୟକ୍ତିମାନେ ଯୋଗ ଦେଇଥିବା ବେଳେ ଧାମନଗର ବ୍ଲକର କାଶୀମପୁର, କଟସାହି ଗ୍ରାମ ପଞ୍ଚାୟତର ବିଶିଷ୍ଟ ବ୍ୟକ୍ତିମାନେ ଯୋଗଦେଇ ଶ୍ରଦ୍ଧାଞ୍ଜଳୀ ଅର୍ପଣ କରିଥିଲେ। ଓଡ଼ିଶା ବହୁଜନ ସାମୁଖ୍ୟ ରାଜ୍ୟ ସଭାପତି ବିଶ୍ୱନାଥ ଜେନା, ସମାଜସେବୀ ଓ ସମାଜ ସଂସ୍କାରକ ଭାଗବତ ପଲାଇ, ଆମବିକାଶ ଦଳର ରାଜ୍ୟ ଉପସଭାପତି ପ୍ରକାଶ କୁମାର ନାୟକ, ଅବସରପ୍ରାପ୍ତ ବ୍ୟାଙ୍କ ଅଫିସର ବୀରେନ୍ଦ୍ର କୁମାର ମଲ୍ଲିକ, ଭଦ୍ରକ ଚାରୁ ଓ କାରୁକଳା ମହାବିଦ୍ୟାଳୟର ଅବସରପ୍ରାପ୍ତ ଅଧ୍ୟାପକ ଶିଳ୍ପୀ ଜୟନ୍ତ କୁମାର ନାୟକ, ବାରିକପୁର ଆଞ୍ଚଳିକ ମହାବିଦ୍ୟାଳୟର ଇତିହାସ ବିଭାଗର ଅଧ୍ୟାପକ ଉମାକାନ୍ତ ମହାଳିକ, ଯୁବନେତା ତଥା ସମାଜସେବୀ ଅଭୟ କୁମାର ମଲ୍ଲିକ, ବୋଡ଼କ ଗ୍ରାମ ପଞ୍ଚାୟତର ସମିତି ସଭ୍ୟ ଜୟପ୍ରକାଶ ମଲ୍ଲିକ, ସରପଞ୍ଚଙ୍କ ପ୍ରତିନିଧି ବିଷ୍ଣୁ ମୋହନ ଜେନା, ସମାଜସେବୀ ପ୍ରଭାତ ଜେନା, ଖିରସିନ୍ଧୁ ବାରିକ, ମୁକ୍ତିକାନ୍ତ ନାୟକ ଯୋଗଦେଇ ସ୍ମୃତିଚାରଣ କରି ଶ୍ରଦ୍ଧା ନିବେଦନ କରିଥିଲେ। ଏଥି ସହିତ ଗଣମାଧ୍ୟମ ବନ୍ଧୁମାନେ ମୁଦ୍ରିତ ଓ ବୈଦୁତିକ ଗଣମାଧ୍ୟମ ପ୍ରତିନିଧିମାନେ ଯୋଗଦେଇ ଶ୍ରଦ୍ଧାସୁମନ ଅର୍ପଣ କରିଥିଲେ। ବିଶେଷ କରି ଭାସ୍କର ମଲ୍ଲିକଙ୍କ ବାଲ୍ୟ ଜୀବନ ଠାରୁ ଯୌବନଦୀପ୍ତ ଅତିକ୍ରାନ୍ତ କରି ବାର୍ଦ୍ଧକ୍ୟରେ ଉପନୀତ ହୋଇ ଏକଶତ ବର୍ଷ ପର୍ଯ୍ୟନ୍ତ ଜୀବିତ ରହି ନିଜର ଜୀବନର ବହୁ ଉ ।ନପତନ ମଧ୍ୟରେ ଜଣେ କୃଷିଜୀବି ଓ ଶ୍ରମଜୀବିର ଜୀବନରେ ସତ୍ୟକୁ ଆଶ୍ରୟ କରି ପିଲାମାନଙ୍କୁ ଉପଯୁକ୍ତ ଦିଗ୍‌ଦର୍ଶନ ଦେଇ ମଣିଷ କରିଥିଲେ। ସେମାନେ ପିତାଙ୍କ ଆଦର୍ଶରେ ଅନୁପ୍ରାଣୀତ ହୋଇ ଆଜି ପ୍ରତିଷ୍ଠିତ ହୋଇ ପାରିଛନ୍ତି ବୋଲି ବକ୍ତାମାନେ ମତବ୍ୟକ୍ତ କରିଥିଲେ। ଆଞ୍ଚଳିକ ଜନସାଧାରଣ ଓ ପଡ଼ୋଶୀ ଗ୍ରାମ ପଞ୍ଚାୟତ ମାନଙ୍କରୁ ଆସିଥିବା ଭଦ୍ରବ୍ୟକ୍ତିମାନେ ତାଙ୍କର ନିରଳସ ଜୀବନଚର୍ଯ୍ୟା ଓ ସତ୍ୟବାଦିତା, ମାଧୁର୍ଯ୍ୟପୂର୍ଣ୍ଣ ବ୍ୟବହାର ପାଇଁ ସେ ସବୁଦିନ ପାଇଁ ଆମ୍ଭମାନଙ୍କ ହୃଦୟ ଭିତରେ ରହିଥିବେ ବୋଲି ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ଉକ୍ତ ଶ୍ରଦ୍ଧାଞ୍ଜଳି ସଭାର ଆଭିମୁଖ୍ୟ ପ୍ରଦାନ ସହ ବହୁ ଦୂରରୁ ଆସି ଯୋଗଦେଇଥିବା ବିଶିଷ୍ଟ ବ୍ୟକ୍ତିମାନଙ୍କୁ ପରିବାର ତରଫରୁ କୃତଜ୍ଞତା ଜଣାଇଥିଲେ ତାଙ୍କର କନିଷ୍ଠ ଭାଇ ମଞ୍ଚ କଳାକାର ଓ ସମାଜସେବୀ କାଳନ୍ଦୀ ମଲ୍ଲିକ।

# ଯୋଡ଼ା ନଗର ନିଗମ ପରିମଳ ବ୍ୟବସ୍ଥା ବିପର୍ଯ୍ୟସ୍ତ

ଚମ୍ପୁଆ, ୧/୦୯ (ନି.ପ୍ର): ଚମ୍ପୁଆ ଉପଖଣ୍ଡସ୍ଥ ଯୋଡ଼ା ନଗର ନିଗମର ପରିମଳ ବ୍ୟବସ୍ଥା ଅତି ଶୋଚନୀୟ ହୋଇ ପଡିଥିବା ଦେଖିବାକୁ ମିଳୁଛି। ଯାହାଦ୍ୱାରା ସ୍ଥାନୀୟ ଜନସାଧାରଣ ନାହିଁ ନଥିବା ଅସୁବିଧାର ସମ୍ମୁଖିନ ହେଉଛନ୍ତି।କାଗଜ କଲମରେ ସବୁ କାମ ଠିକଠାକ ଚାଲିଥିବାବେଳେ ପ୍ରକୃତପକ୍ଷେ କାର୍ଯ୍ୟ କ୍ଷେତ୍ରରେ ସେପରି ଦେଖିବାକୁ ମିଳୁନାହିଁ। ଯାଗା ଯାଗାରେ କୁଢ଼ କୁଢ଼ ଅଳିଆ ଗଦା ପଡି ରହୁଥିଲେ ମଧ୍ୟ ଯୋଡ଼ା ନଗର ନିଗମର ସେଥିପ୍ରତି ନଜର ନାହିଁ। ବର୍ଷାଦିନେ ଗ୍ରାସ କଟିଙ୍ଗ, ବ୍ଲିଚିଂ ଓ ମଶା ଧୂଆଁ ପରି ପ୍ରତିଷେଧକ ବ୍ୟବସ୍ଥା ନ ହେବାରୁ ମଶାର ପ୍ରାଦୁର୍ଭାବ ଅଂଚଳରେ ଅସହ୍ୟ ହୋଇ ପଡିଛି। ଅଳିଆ ବୁହା ଗାଡ଼ି ସପ୍ତାହରେ ମଧ୍ୟ ବସ୍ତି ଭିତରକୁ ଯିବା ଦେଖିବାକୁ ମିଳୁନାହିଁ। ଯାହାଦ୍ୱାରା ଲୋକମାନେ ରାସ୍ତା କଡରେ ଥିବା ଫାଙ୍କା ଜାଗାରେ ଅଳିଆ ପକାଉଥିବା ଦେଖିବାକୁ ମିଳୁଛି। ଯେପରି ନଗର ନିଗମର ସଫେଇ ବ୍ୟବସ୍ଥା ସହିତ କୌଣସି ସମ୍ପର୍କ ନ ଥିବା ପରି ଜଣାପଡୁଛି। ତେବେ ଭେଣ୍ଡର ବଦଳି ହେବା ପୂର୍ବରୁ ଦିନକୁ ୮୬ ଜଣ ଶ୍ରମିକ ଠିକ୍ ଠାକ୍ କାମ କରୁଥିବା ବେଳେ ନୂଆ ଭେଣ୍ଡର୍ ଦିନକୁ ୧୬୦ ଜଣ ଶ୍ରମିକଙ୍କୁ କାମରେ ଲଗାଉ ଥିଲେ ମଧ୍ୟ ସଫେଇ କାର୍ଯ୍ୟ ଠିକ୍ ଠାକ୍ ହୋଇ ପାରୁନାହିଁ। ଯାହାକୁ ନେଇ ଯୋଡ଼ା ନଗର ନିଗମର କାର୍ଯ୍ୟଦକ୍ଷତା ଉପରେ ପ୍ରଶ୍ନବାଚୀ ସୃଷ୍ଟି କରିଛି। ଏସମ୍ପର୍କରେ କାମକରୁଥିବା ଶ୍ରମିକ ମାନଙ୍କୁ ପଚାରିବାରୁ ପ୍ରତିଦିନ ୬୦ ରୁ ୭୦ ଜଣ ଶ୍ରମିକ କାମ କରିବାକୁ ଆସୁଥିବା କହୁଥିବା ବେଳେ ଏହି କାମକୁ ନେଇଥିବା ଭେଣ୍ଡର କଟକର କଳିଙ୍ଗ ବିକାଶ କନଷ୍ଟ୍ରକ୍ସନ ମାଲିକ ୧୬୦ ଜଣ ଶ୍ରମିକ କାମ କରୁଥିବା ପ୍ରକାଶ କରିବା ସହିତ ମୁଁ କେବଳ ଶ୍ରମିକ ମାନଙ୍କ ପେମେଂଟ ସମୟରେ କଟକରୁ ଯୋଡ଼ା ଯାଏ ଅନ୍ୟସମୟରେ ସୁପରଭାଇଜର ମାନେ କାମ ତଦାରଖ କରିଥାନ୍ତି ବୋଲି ପ୍ରକାଶ କରିଛନ୍ତି। ତେବେ ଯୋଡ଼ା ପରି ଉପାନ୍ତ ଆଦିବାସୀ ଅଧ୍ୟୁଷିତ ଅଂଚଳରେ ଭେଣ୍ଡର ଉପସ୍ଥିତ ରହୁନଥିବାରୁ କାମରେ ଠକେଇ ହେଉଥିବା ସାଧାରଣରେ ଅଭିଯୋଗ ହେଉଛି। ଯଦି ଯୋଡ଼ାର ପରିମଳ ବ୍ୟବସ୍ଥା ଏପରି ରହେ ଆଗକୁ ଡେଙ୍ଗୁ, ମ୍ୟାଲେରିଆ ସହିତ ବିଭିନ୍ନ ପ୍ରକାର ଚର୍ମ ରୋଗ ଯେ ନ ବ୍ୟାପିବ ତାହା କହିହେବ ନାହିଁ। ତେଣୁ ଏଥିପ୍ରତି ସ୍ୱତନ୍ତ୍ର ଦୃଷ୍ଟି ଦେବାକୁ ବୁଦ୍ଧିଜୀବୀ ମହଲରେ ଦାବୀ ହେଉଛି।

# ଛଅ ନମ୍ବର ଜୋନ ସଭାପତି ସମ୍ବର୍ଦ୍ଧନା ସଭା ଅନୁଷ୍ଠିତ

କେନ୍ଦୁଝର, ୧/୦୯ (ନି.ପ୍ର): ବିଜେପି ନରଣପୁର ୦୬ ନମ୍ବର ଜୋନର ନୂଆ ସଭାପତି ରତିକାନ୍ତ ସାହୁଙ୍କୁ ଆଜି ରଘୁନାଥପୁର ଚକ ଠାରେ ସମ୍ବର୍ଦ୍ଧିତ କରାଯାଇଛି। ଉକ୍ତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଜିଲ୍ଲା ସଭାପତି ଶୁକଦେବ ମହନ୍ତ, ଜିଲ୍ଲା ଉପସଭାପତି ଗଣେଶ୍ୱର ମହାନ୍ତ, ଜିଲ୍ଲା ସାଧାରଣ ସମ୍ପାଦକ ଅନୁବ୍ରତ ବେହେରା, ପୂର୍ବତନ ଜିଲ୍ଲା ଉପସଭାପତି ଦିଲ୍ଲୀପ କୁମାର ପଣ୍ଡା, ସଦର ବ୍ଲକ ମୁଖ୍ୟମନ୍ତ୍ରୀ ଙ୍କ ପ୍ରତିନିଧି ଧନୁର୍ଜୟ ମହନ୍ତ, ପୂର୍ବତନ ମଣ୍ଡଳ ସଭାପତି ଚିନ୍ତାମଣି ମହାନ୍ତ, ବେଣୁଧର ମହନ୍ତ, ଚନ୍ଦ୍ରଶେଖର ମହାନ୍ତ, ରୁପେଶ ମହନ୍ତ, ତଥା ସାଧାରଣ ସମ୍ପାଦକ ଦେବବ୍ରତ ଗିରି, ରଞ୍ଜନ ପଣ୍ଡା, ରଘୁନାଥପୁର ଗ୍ରାମ ପଂଚାୟତ ସରପଂଚ ଗୌରୀ ନାୟକ, ମଣ୍ଡଳ ର ସମସ୍ତ ପଦାଧିକାରୀ, କାର୍ଯ୍ୟକାରିଣୀ ସଦସ୍ୟ, ମୋର୍ଚ୍ଚା ପଦାଧିକାରୀ, ଶକ୍ତିକେନ୍ଦ୍ର ପ୍ରମୁଖ /ସହ ପ୍ରମୁଖ, ଓ ମଣ୍ଡଳର ଆଗଧାଡ଼ିର ପ୍ରମୁଖ କାର୍ଯ୍ୟକର୍ତ୍ତା ଭାଇ /ଭଉଣୀ ମାନେ ଯୋଗ ଦେବା ସହ ଶୁଭେଚ୍ଛା ଜଣାଇଥିଲେ।

# ସାର କଳାବଜାରୀକୁ ନେଇ ୩୨୬ ନଂ ଜାତୀୟ ରାଜପଥ ଅବରୋଧ

ମାଲକାନଗିରି, ୧/୦୯ (ନି.ପ୍ର): ୟୁରିଆ ସାର ଅଭାବ ଯୋଗୁଁ ସବୁଆଡେ ଚାଷୀ ଅସନ୍ତୋଷ ଲାଗି ରହିଥିବା ବେଳେ ଆଜି ମୋଟୁ ନିକଟସ୍ଥ ପୁସୁଗୁଡା ନିକଟରେ ଶତାଧିକ ଚାଷୀ ସାରର କଳା ବଜାରୀକୁ ନେଇ ୩୨୬ ନଂ ଜାତୀୟ ରାଜପଥ ଅବରୋଧ କରିଥିବାର ଦେଖିବାକୁ ମିଳିଛି। ୟୁରିଆ ସାର କଳାବଜାରୀକୁ ନେଇ ରାସ୍ତା ଅବରୋଧ କରିବା ସହ ନିର୍ଦ୍ଧାରିତ ମୂଲ୍ୟଠାରୁ ଅଧିକ ମୂଲ୍ୟରେ ବିକ୍ରି ହେଉଥିବାରୁ ଲୋକେ ଅସନ୍ତୋଷ ପ୍ରକାଶ କରି ୩୨୬ ନମ୍ବର ଜାତୀୟ ରାଜପଥ ଅବରୋଧ କରିଥିଲେ। ସରକାରଙ୍କ ନିୟମ ଅନୁଯାୟୀ ଗୋଟିଏ ସାର ବସ୍ତାର ମୂଲ୍ୟ ୨୬୮ ଟଙ୍କା ରହିଥିବା ବେଳେ ପୁସୁଗୁଡାର ଜ୍ୟୋତିର୍ମୟୀ ଆଣ୍ଡ ସୁଦର୍ଶନ ଟ୍ରେଡ଼ର୍ସ ଡିଲର ଚାଷୀମାନଙ୍କୁ ବସ୍ତା ପ୍ରତି ୮୦୦ ରୁ ୧୦୦୦ ଟଙ୍କାରେ ବିକ୍ରି କରୁଥିବାର ଅଭିଯୋଗ ହୋଇଛି କ୍ଷ ଯାହାଫଳରେ ଲୋକେ ଅସନ୍ତୋଷ ପ୍ରକାଶ କରି ରାସ୍ତା ଅବରୋଧ କରିଛନ୍ତି । ଫଳରେ ରାସ୍ତାର ଉଭୟ ପଟେ ବହୁ ସଂଖ୍ୟାରେ ଯାନବାହାନ ଅଟକି ରହିଥିଲା। ଖବର ପାଇ ଘଟଣାସ୍ଥଳରେ ମୋଟୁ ପୁଲିସ ପହଂଚି ଲୋକଙ୍କୁ ବୁଝାସୁଝା କରିବା ପରେ ଚାଷୀ ମାନେ ରାସ୍ତାରୁ ହଟିଥିବାର ସୂଚନା ମିଳିଛି।

# ଓଡ଼ିଶା ଅମଲା ସଂଘର ଦାବି ପୂରଣ ନିମନ୍ତେ ସରକାରଙ୍କ ଆନ୍ତରିକତା ରହିଛି : ଓଡ଼ିଶା ଅମଲା ସଂଘ ବୈଠକରେ ସ୍ପଷ୍ଟ କଲେ ସଭାପତି

ଜୟପୁର, ୧/୦୮ (ନି.ପ୍ର): ଓଡ଼ିଶା ଅମଲା ସଂଘ ର ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ ଜୟପୁର ଗୋଷ୍ଠୀ ଶିକ୍ଷା ଅଧିକାରୀ ଙ୍କ କାର୍ଯ୍ୟାଳୟ ସଭାଗୃହ ଠାରେ ଅନୁଷ୍ଠିତ ହୋଇଯାଇଅଛି । ଓଡ଼ିଶା ଅମଲା ସଂଘ କୋରାପୁଟ ଜିଲ୍ଲା ଶାଖା ତଥା ରାଜ୍ୟ ଅତିରିକ୍ତ ସାଧାରଣ ସମ୍ପାଦକ ଶଶୀ ଭୂଷଣ ଦାସଙ୍କ ଆହ୍ୱାନ କ୍ରମେ ବିଭିନ୍ନ ବିଭାଗରେ କାର୍ଯ୍ୟରତ ଶତାଧିକ ଅମଲା ଯୋଗଦାନ କରିଥିଲେ ।

ଶ୍ରୀ ଦାଶ୍ ସଭାପତି ଉକ୍ତ ବୈଠକରେ ସଭାପତିତ୍ୱ କରିଥିଲାବେଳେ, ଓଡ଼ିଶା ଅମଲା ସଂଘ କୋରାପୁଟ ଜିଲ୍ଲା ଶାଖା ସମ୍ପାଦକ ସଞ୍ଜୟ କୁମାର ପଣ୍ଡା, ଓଡ଼ିଶା ଅମଲା ସଂଘ କୋରାପୁଟ ଜିଲ୍ଲା ଶାଖାର ଅଧ୍ୟକ୍ଷ ୱାଇ ଶ୍ରୀନିବାସ ରାଓ, ଓଡ଼ିଶା ଅମଲା ସଂଘ କୋରାପୁଟ ଜିଲ୍ଲା ଶାଖା ସାଂଗଠନିକ ସମ୍ପାଦକ କୈଳାଶ ସାମନ୍ତରାୟ ଓଡ଼ିଶା ଅମଲା ସଂଘ କୋରାପୁଟ ଜିଲ୍ଲା ଶାଖା ଉପ ସଭାପତି କିଶୋର ଚନ୍ଦ୍ର ଦାସ ମଂଚାସିନ ହୋଇ ନିଜ ନିଜର ଅଭିଭାଷଣ ପ୍ରଦାନ କରିଥିଲେ । ଓଡ଼ିଶା ଅମଲା ସଂଘ କୋରାପୁଟ ଜିଲ୍ଲା ଶାଖାର ବିଭିନ୍ନ ପଦବୀରେ ରହିଥିବା ନେତୃବୃନ୍ଦଙ୍କ ଅବସର ଓ ଅନ୍ୟ ଜିଲ୍ଲାକୁ ବଦଳି ହୋଇଥିବା ସ୍ଥଳେ ଜିଲ୍ଲା ସଂଘର ନିଷ୍ପତି ଅନୁଯାୟୀ ରାଜ୍ୟ ସଂଘ ୱାଇ ଶ୍ରୀନିବାସ ରାଓଙ୍କୁ ଅଧ୍ୟକ୍ଷ, କୈଳାସ ସାମନ୍ତରାୟଙ୍କୁ ସାଙ୍ଗଠନିକ ସମ୍ପାଦକ, କିଶୋର ଚନ୍ଦ୍ର ଦାଶଙ୍କୁ ଉପସଭାପତି ନିମନ୍ତେ ଚୟନ କରିଥିଲେ। ସେମାନଙ୍କୁ ଓଡ଼ିଶା ଅମଲା ସଂଘ କୋରାପୁଟ ଜିଲ୍ଲା ଶାଖା ତରଫରୁ ଫୁଲତୋଡ଼ା ଓ ଉପଢ଼ୌକନ ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା । ତତ୍ ସହିତ ବିଭିନ୍ନ ଜିଲ୍ଲାରୁ କୋରାପୁଟ ଜିଲ୍ଲାକୁ ବଦଳି ହୋଇ ଆସିଥିବା ଅମଲା ମାନଙ୍କୁ ମଧ୍ୟ ଫୁଲତୋଡ଼ା ଓ ଉପଢ଼ୌକନ ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା ।

ଓଡ଼ିଶା ଅମଲା ସଂଘର ଏକ ମାତ୍ର ନ୍ୟାର୍ଯ୍ୟ ଦାବି ଦୀର୍ଘ ୮ ବର୍ଷ ଧରି ଓଡ଼ିଶା ଅମଲା ସଂଘ ରାଜ୍ୟ ସରକାରଙ୍କ ଦୃଷ୍ଟି ଆକର୍ଷଣ କରି ଆସୁଥିବା ବେଳେ ପୂର୍ବ ସରକାର ସମୟରେ ଏହା କେବଳ ପ୍ରତିଶୃତି ରେ ରହି ଯାଇଥିବା ଶ୍ରୀ ଦାଶ୍ ପ୍ରକାଶ କରିଥିଲେ । ନୂତନ ସରକାର ଓଡ଼ିଶା ଅମଲା ସଂଘର ଏକ ମାତ୍ର ନ୍ୟାର୍ଯ୍ୟ ଦାବି କନିଷ୍ଠ ସହାୟକ ମାନଙ୍କର ପ୍ରବେଶିକା ଦରମା ହାର ଷଷ୍ଠ ବେତନ କମିଶନ ଅନୁସାରେ ୪୨୦୦/- ଗ୍ରେଡ୍ ପେ ଲେବେଲ୍ ୯ ଉପରେ ଅବଗତ ଥିବା ସହିତ ସରକାରଙ୍କ ଆନ୍ତରିକତା ରହିଥିବା ଶ୍ରୀ ଦାଶ୍ ସୂଚନା ଦେଇଥିଲେ । ସରକାର ଅମଲା ମାନଙ୍କର ପ୍ରତି ପାତରଅନ୍ତର କରିବେ ନାହିଁ ବୋଲି ଓଡ଼ିଶା ଅମଲା ସଂଘ ପୁର୍ଣ୍ଣ ବିଶ୍ୱାସ ରଖିଥିବା ଶ୍ରୀ ଦାଶ୍ ମତ ଦେଇଥିଲେ । ବିଗତ ଦିନରେ ରାଜସ୍ୱ ଅମଲା ସଂଘ ଆନ୍ଦୋଳନକୁ ଯିବା ସମୟରେ ରାଜସ୍ୱ ଅମଲା ସଂଘର ପ୍ରଥମ ଦାବିକୁ ରାଜସ୍ୱ ମନ୍ତ୍ରୀ କହିଥିଲେ ଯେ, ଏହି ଦାବି ସମସ୍ତ ଅମଲାଙ୍କର କେବଳ ରାଜସ୍ୱ ଅମଲା ସଂଘର ନୁହଁ ଏହା ଉପରେ ସାଧାରଣ ପ୍ରଶାସନ ବିଭାଗ ନିଷ୍ପତି ନେବ ବୋଲି କହିଥିବା କଥାକୁ ଶ୍ରୀ ଦାଶ୍ ବୈଠକରେ ଦୋହରାଇ ଥିଲେ । ଏଥିରୁ ସ୍ପଷ୍ଟ ଯେ ସରକାର ଅମଲା ମାନଙ୍କର ପ୍ରତି ପାତରଅନ୍ତର କରିବେ ନାହିଁ, ଓଡ଼ିଶା ଅମଲା ସଂଘର ରାଜ୍ୟ ନେତୃବୃନ୍ଦ ମୁଖ୍ୟମନ୍ତ୍ରୀ ଓଡ଼ିଶାଙ୍କୁ ସାକ୍ଷାତ କରି ଓଡ଼ିଶା ଅମଲା ସଂଘ ର ଏକମାତ୍ର ଦାବି ପୁରଣ ନିମନ୍ତେ ଦାବି ପତ୍ର ପ୍ରଦାନ କରିଥିଲେ । ମୁଖ୍ୟମନ୍ତ୍ରୀ ଅତି ଶିଘ୍ର ଓଡ଼ିଶା ଅମଲା ସଂଘର ନେତୃବୃନ୍ଦଙ୍କୁ ଆଲୋଚନା କରିବା ନିମନ୍ତେ ଡାକିବା ନିମନ୍ତେ ଜଣାଇଥିବା ଶ୍ରୀ ଦାଶ୍ ବୈଠକରେ ସୂଚନା ଦେଇଥିଲେ। ସମସ୍ତ ଉପସ୍ଥିତ ଅମଲା ଏ ନେଇ ଓଡ଼ିଶା ଅମଲା ସଂଘର ନେତୃବୃନ୍ଦ ମୁଖ୍ୟମନ୍ତ୍ରୀଙ୍କୁ ଭେଟି ଅମଲା ମାନଙ୍କ ଏକ ମାତ୍ର ନ୍ୟାର୍ଯ୍ୟ ଦାବି ପୁରଣ ନିମନ୍ତେ ଅନୁରୋଧ କରିବା ପାଇଁ ରାଜ୍ୟ ସଂଘ ର ଦୃଷ୍ଟି ଆକର୍ଷଣ କରିଥିଲେ।

ଉକ୍ତ ବୈଠକରେ ମୁଖ୍ୟତଃ ରାଜେନ୍ଦ୍ର ନାରାୟଣ ପାଢି, ଜଗନ୍ନାଥ ଦାଶ, ବିନାୟକ ପଣ୍ଡା, ରବି ନାରାୟଣ ଗୈଡ, ଅଶ୍ୱିନୀ ମିଶ୍ର, ବାଳ ଗୋପାଳ ମିଶ୍ର, ସୁଶାନ୍ତ ମିଶ୍ର, ସାନ୍ତୁନୁ ଜେନା, ଶ୍ରୀ ରାମକୃଷ୍ଣ ପଣ୍ଡା, ତ୍ରିନାଥ ପଣ୍ଡା, ସିତାନାଥ ସତପଥି, ଶରତ ଚନ୍ଦ୍ର ଜେନା ଙ୍କ ସମେତ ବହୁ ବରିଷ୍ଠ ସଦସ୍ୟ ଯୋଗଦାନ କରିଥିଲେ ପରିଶେଷରେ ଶ୍ରୀ ଦାଶ୍ ସମସ୍ତ ଙ୍କୁ ଧନ୍ୟବାଦ ଅର୍ପଣ କରିବା ସହିତ ସଭା ସାଙ୍ଗ କରିଥିଲେ ।

# ମେଗା ସ୍ୱାସ୍ଥ୍ୟ ଚିକିତ୍ସା ଶିବିର ପାଇଁ ମା’ ସୁରେଶ୍ୱରୀ ମନ୍ଦିରରେ ପ୍ରସ୍ତୁତି ବୈଠକ

ସୁବର୍ଣ୍ଣପୁର, ୧/୦୯ (ନି.ପ୍ର): ମା ସୁରେଶ୍ୱରୀଙ୍କ ମନ୍ଦିର ପ୍ରାଙ୍ଗଣରେ ଆସନ୍ତା ୧୪ ତାରିଖରେ ହେବାକୁ ଥିବା ଏକ ମାଗଣା ମେଗା ସ୍ୱାସ୍ଥ୍ୟ ଚିକିତ୍ସା ଶିବିର ପାଇଁ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି କ୍ଷ ଚିତ୍ତ ଜ୍ଞାନୀ ଚେରି ଟେବୁଲ୍ ଟ୍ରଷ୍ଟ (ମା ଘର) ପକ୍ଷରୁ ଆୟୋଜିତ ଏହି ମେଳା ପାଇଁ ଆଜି କଟକ ୟୁରୋ ଲୋଜିଷ୍ଟ ସ୍ପେସିଆଲିଷ୍ଟ ଡ. ଦୈତ୍ୟ ଶ୍ୱର୍ ହୋତା ଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଓ ଅବସରପ୍ରାପ୍ତ ବିଚାରପତି ଶ୍ରଯୁକ୍ତ ଚିତ୍ତ ରଞ୍ଜନ ଦାଶ , ସମାଜସେବୀ ଶ୍ରୀବତ୍ସ ମଲ୍ଲିକ , ବୈକୁଣ୍ଠ ଶତପଥି, ଆଡଭୋକେଟ ରାଜ କିଶୋର ମିଶ୍ର, ସତ୍ୟ ନାରାୟଣ ତ୍ରିପାଠୀ, ଅଭ୍ୟାଗାତ ମହାପାତ୍ର, ସୈଲେନ୍ଦ୍ର ସାହୁ, ପୂଜକ କାଳୀ ଚରଣ ମିଶ୍ର, ଅନିରୁଦ୍ଧ ଦାଶ, ପ୍ରମୋଦ କୁମାର ସାହୁ, ମନୋରଂଜନ ତ୍ରୀପାଠୀ, ଲଡୁ କିଶୋର ମଲ୍ଲିକ, ପ୍ରଭାତ କିଶୋର ଦାନୀ ପ୍ରମୁଖ ସହରର ବହୁ ବିଶିଷ୍ଟ ବ୍ୟକ୍ତି ଉପସ୍ଥିତ ରହି ସ୍ୱାସ୍ଥ୍ୟ ଚିକିତ୍ସା ଶିବିର ସଫଳ ପାଇଁ ବିଭିନ୍ନ ମତ ରଖି ଥିଲେ।

# ଷଷ୍ଠ ଦିବସରେ କନ୍ଧମାଳ ଜିଲ୍ଲା କୃଷି ଓ କୃଷକ ସୁରକ୍ଷା ପରିଷଦର ଧାରଣା

କନ୍ଧମାଳ, ୧/୦୯ (ନି.ପ୍ର): କନ୍ଧମାଳ ଜିଲ୍ଲା କୃଷି ଓ କୃଷକ ସୁରକ୍ଷା ପରିଷଦ ର ସଦସ୍ୟ ସଦସ୍ୟା ମାନେ ଗତ ୨୫ ତାରିଖ ସୋମବାର ଦିନ ସକାଳ ୧୧ଟା ସମୟରେ ମଣ୍ଡାକିଆ ଛକ ଠାରୁ ମଣ୍ଡାକିଆ ପଂଚାୟତ କାଯ୍ୟାଳୟ ମୁଖ୍ୟ ଫାଟକ ସମୁଖରେ ଶାନ୍ତିପୂର୍ଣ୍ଣ ଭାବରେ ଗଣ ଧାରଣାରେ ବସିଛନ୍ତି। ଜିଲ୍ଲାର କୃଷି ଓ କୃଷକ ମାନଙ୍କର ୮ ଦଫା ଦାବିରେ ଅନିର୍ଦ୍ଧିଷ୍ଟ କାଳ ପଯ୍ୟନ୍ତ ଧାରଣାରେ ବସିବେ ବୋଲି ସଂଗଠନର ସଦସ୍ୟ ମାନେ କହିଛନ୍ତି।

ଆଜି ଧାରଣାର ସପ୍ତମ ଦିନ ରେ ପିଲିମିନା ପ୍ରଧାନ, ମାଗ ପ୍ରଧାନ, ଗୁପୁଡି ପ୍ରଧାନ, ଲୁଲିତା ପ୍ରଧାନ,ଜୟନ୍ତୀ ପ୍ରଧାନ, ପନିମା ପ୍ରଧାନ, ସୁଜାତା ପ୍ରଧାନ, ମାନୀନି ପ୍ରଧାନ, ଇରାବତୀ ପ୍ରଧାନ, ସୁଭଦ୍ରା ପ୍ରଧାନ, ସୁବନ୍ତି ପ୍ରଧାନ, କୃଷି ଓ କୃଷକ ମାନଙ୍କ ଦୈନ ଦିନ ଜୀବନରେ ସମ୍ମୁଖୀନ ହେଉଥିବା ସମସ୍ୟା ଗୁଡିକୁ ଉପସ୍ଥାପନ କରିଥିଲେ ବନ୍ୟଜନ୍ତୁ ଦ୍ୱାରା ଫସଲ କ୍ଷୟକ୍ଷତି ହେଲେ କୈଣସି ସରକାରୀ ଅନୁଦାନ ନ ମିଳିବା, ଭାଗଚାଷି ଅଧିକାଂଶ ସମୟରେ ଦୈବିର୍ଦୂବିପାକ, ଜଗଂଲି ପଶୁ ଯୋଗୁ କ୍ଷତିଗ୍ରସ୍ତ ହେଲେ ସରକାରଙ୍କ କୌଣସି ଅନୁଦାନ ପାଇବାରୁ ବଂଚିତ ହେବା, ହର୍ଟିକଲଚର ଠାରୁ କ୍ରୟ କରାଯାଇଥିବା ଆଳୁ ବିହନର ସବସିଡି ଟଙ୍କା ସମନ୍ୱିତ ଆଦିବାସୀ ଉନ୍ନୟନ ସଂସ୍ଥା ନଦେବା ପ୍ରତିବାଦରେ, ବାର୍ଦ୍ଧକ୍ୟ ଭତ୍ତା ପ୍ରଦାନରେ ଅନିୟମିତା, ସାର କଳାବଜାରୀ , ଖଟିଖିଆ ମଜୁରିଆ, ଜମି ଓ ବାସହିନ ଅଂଚଳ ବାସିନ୍ଦା ସରକାାରୀ ଅନୁଦାନରୁ ବଞ୍ଚିତ ଥିବା , ସ୍ଥାୟୀ ବାସିନ୍ଦା ପ୍ରମାଣ ପତ୍ର ପ୍ରଦାନରୁ ବଂଚିତ କରିବା, ଜଙ୍ଗଲରେ ମହୁମାଛିର ଦଂଶନରେ ଛେଳି ଚାଷିର ମୃତ୍ୟୁ ହେବାର ୧୪ ମାସ ପରେ ମଧ ସରକାରଙ୍କ ଅନୁଦାନରୁ ବଂଚିତ, ଛେଳି ମଡକ ଏକ ବର୍ଷରୁ ଉର୍ଦ୍ଧ ହେଲା କୈଣସି କ୍ଷତିପୂରଣର ନଜର ନାହିଁ, ପଂଚାୟତରେ ହୋଇଥିବା ଦୁର୍ନୀତି, ଇତ୍ୟାଦି ସମସ୍ୟା ଗୁଡିକୁ ଉପସ୍ଥାପନ କରିଥିଲେ। ଅନୁଷ୍ଠାନର ସଚେତକ ମହମ୍ମଦ ଜିଆଉଦ୍ଦିନ, କାଯ୍ୟକାରୀ ସଭାପତି ସନାତନ ପ୍ରଧାନ ଏବଂ କୋଷାଧକ୍ଷ ବିପିନ ପ୍ରଧାନ, ସଂଗଠନର ସଭାପତି ବିଜୟ ପ୍ରଧାନ ଏବଂ ଶିବରାମ ପ୍ରଧାନ ଧାରଣାକୁ ସୁଚାରୁରୂପେ ପରିଚାଳନା କରିଥିଲେ। ଏବଂ ଜିଲ୍ଲା ପ୍ରସାଶନ ଆମର ଦାବି ପୁରଣ ନ କରନ୍ତି ତାହାହେଲେ ଆମେ ଆସନ୍ତାକାଲି ପଂଚାୟତ କାର୍ଯ୍ୟାଳୟରେ ତାଲାପକାଇବା ସହିତ ପଂଚାୟତ ସମିତି ରାଇକିଆ କାଯ୍ୟାଳୟ ସମ୍ମୁଖରେ ଧାରଣାରେ ବସିବା ସୂଚନା ଦେଇଛନ୍ତି ।

# ପ୍ରଶାସନିକ ଅବହେଳା ହେତୁ ନିଜ ଉଦ୍ୟମରେ ରାସ୍ତା ମରାମତି କଲେ ଯୁବଗୋଷ୍ଠୀ

ବଲାଙ୍ଗିର, ୧/୦୯ (ନି.ପ୍ର): ଲାଠୋର୍ ପଂଚାୟତ ଅନ୍ତର୍ଗତ ଫୁଲକିମୁଣ୍ଡାରୁ ଭାରୁଆମୁଣ୍ଡାକୁ ଯାଇଥିବା ରାସ୍ତା ମରଣଯନ୍ତା ପାଲଟିଯାଇଛି । ବର୍ଷା ଦିନ ଯୋଗୁଁ ରାସ୍ତାର ଅବସ୍ଥା ଶୋଚନୀୟ ହୋଇପଡିଛି । ପ୍ରତିଦିନ ଏହି ରାସ୍ତାରେ ଶହଶହ ଲୋକ ଯିବା ଆସିବା କରନ୍ତି । ଗ୍ରାମବାସୀ ରାସ୍ତା ମରାମତି ପାଇଁ ଅନେକ ଥର ଜନପ୍ରତିନିଧ, ପ୍ରଶାସନିକ ଅଧିକାରୀ ଏପରିକି ଉପ -ମୁଖ୍ୟ ମନ୍ତ୍ରୀଙ୍କୁ ଜଣାଇଥିଲେ ମଧ କେହି କର୍ଣ୍ଣପାତ କରୁନାହାନ୍ତି । ଶେଷରେ ବାଧ ହୋଇ ସୁଶାନ୍ତ ପଧାନଙ୍କ ନେତୃତ୍ୱରେ ଉପର ପଡା ଯୁବ ବାହିନୀ, ବେନ୍ଦେର’ର ଯୁବକମାନେ ନିଜେ ପଇସା ଖର୍ଚ୍ଚ କରି ରାସ୍ତାର ମରାମତି କାର୍ଯ୍ୟ କରିଥିଲେ । ସେମାନେ ହେଲେ -ଲିଙ୍ଗରାଜ ଶବର, ବିକେଶ ପଧାନ, ଗୁଣ ସାଗର ବାରିକ, ସୌରଭ ସହୁ, ଶୁଭମ୍ ସାହୁ, ମୋହିତ ସାହୁ, ବସନ୍ତ ସାହୁ, ପିଙ୍କୁ ପଧାନ, ଜଗାବଳିଆ ସରାଫ, କୁଞ୍ଜବନ ପଧାନ, ସଞ୍ଜୁ ଶବର, ଅଶୋକ ପଧାନ, ପ୍ରକାଶ ପଧାନ, ଅରୁଣ ଶବର, ବଲ୍ଲବ ମାଝି, ବିକାଶ ପଧାନ, ଭିକ ଭୋଇ । ଏହି ମହତ କାର୍ଯ୍ୟ ପରେ ଲୋକେ ଯୁବକମାନଙ୍କର ଖୁବ୍ ପ୍ରଶଂସା କରିଛନ୍ତି ।

# ଜୟପୁର ସହରର ପୂର୍ବତନ ପୌର କାଉନସିଲର, ଅଧ୍ୟକ୍ଷ ଓ ଉପାଧ୍ୟକ୍ଷଙ୍କୁ ନେଇ ବୈଠକ

ଜୟପୁର, ୧/୦୯ (ନି.ପ୍ର): ଜୟପୁର ସହରର ଏକ ହୋଟେଲର ସମ୍ମିଳନୀ କକ୍ଷ ଠାରେ ପୂର୍ବତନ କାଉନସିଲର, ଅଧ୍ୟକ୍ଷ ଏବଂ ଉପାଧ୍ୟକ୍ଷକଙ୍କୁ ନେଇ ବୈଠକ ରବିବାର ଅନୁଷ୍ଠିତ ହୋଇଥିଲା । ପୂର୍ବତନ କାଉନସିଲର ସୁରେଶ ଦାସ ଙ୍କ ଆହ୍ୱାନ କ୍ରମେ ଅନୁଷ୍ଠିତ ଏହି ବୈଠକରେ ମୁଖ୍ୟତଃ ଜୟପୁର ପୌରସଂସ୍ଥାର ବିଷୟକୁ ନେଇ ଆଲୋଚନା ହୋଇଥିଲା । ଜୟପୁର ସହରର ଦୃତଗତି ବୃଦ୍ଧି ପାଉଥିବା ଯୋଗୁଁ ଏହାର ଚାରିଦିଗରେ ରହିଥିବା ଆଖପାଖ ଗ୍ରାମାଚଂଳ ସହର ସହିତ ମିଶି ଯାଇଥିବା ଯୋଗୁଁ ଏହା ଅଂଚଳକୁ ପୌରାଚଂଳର ଅଧିନକୁ ନେଇ ଆୟୋତନ ଏବଂ ଜନସଂଖ୍ୟା ଅନୁଯାୟୀ ମହାନଗର ନିଗମରେ ପରିଣତ କରିବାକୁ ବୈଠକରେ ସମସ୍ତ ଉପସ୍ଥିତ ପୂର୍ବତନ କାଉନସିଲର, ଅଧକ୍ଷ ଏବଂ ଉପାଧ୍ୟକ୍ଷ ମାନେ ମିଳିତ ଭାବେ ପ୍ରସ୍ତାବ ଗ୍ରହଣ କରିବାକୁ ସହ ଦାବି କରିଥିଲେ । ସେହିପରି ରାଜ୍ୟ ଓ କେନ୍ଦ୍ର ସରକାରଙ୍କ ସହରୀ ବିକାଶ ଯୋଜନା ପୌରାଚଂଳରେ କାର୍ଯ୍ୟକାରୀ ଏବଂ ସଫଳତାକୁ ନେଇ ସମସ୍ତେ ଗୁରତ୍ୱ ପ୍ରଦାନ କରିଥିଲେ । ଏହି ଅବସରରେ ସମସ୍ତେ ଦଳବଳ ନିର୍ବିଶେଷରେ ଉପସ୍ଥିତ ରହିଥିଲେ ।

ଏହି ଅବସରରେ ଅତିଥି ଭାବ ପୂର୍ବତନ ପୌର ମନ୍ତ୍ରୀ ତଥା ଅଧ୍ୟକ୍ଷ ରବିନାରାୟଣ ନନ୍ଦ, ଆର.ପଦ୍ମା,ପୂର୍ବତନ ଉପାଧକ୍ଷ ସୂର୍ଯ୍ୟନାରାୟଣ ରଥ, କେ ପ୍ରସାଦ ରାଓ ପଟ୍ଟନାୟକ, ଦୁର୍ଗା ପ୍ରସାଦ ଶର୍ମା, ଅତିରିକ୍ତ ଉପଧକ୍ଷା ପଦ୍ମିନୀ ଦାଶ, ପୂର୍ବତନ କାଉନସିଲର ବିନୋଦ ମହାପାତ୍ର, ଉମାଚରଣ ମହାପାତ୍ର,ଆନନ୍ଦ ମହାପାତ୍ର , ନିହାର ବିଶୋୟୀ, ଦୁର୍ଗା ପ୍ରସାଦ ମିଶ୍ର, କୃଷ୍ଣ ଚନ୍ଦ୍ର ହୋତା, ବିନ୍ଦୁରାଣି ମିଶ୍ର, ଏ.ଶ୍ରୀନିବାସ ରାଓ, ରାମ ପ୍ରସାଦ ପଣ୍ଡା,ପ୍ରମୋଦ ମାଝି, ୱାଇ.ଏସ.ଖାନ୍ନା, ଶଶି ପଟ୍ଟନାୟକ, ଆଶୁତୋଷ ସାନ୍ତାପାତ୍ର ପ୍ରମୁଖଙ୍କ ସମେତ ୬୦ ଜଣ ପୂର୍ବତନ କାଉନସିଲର ଉପସ୍ଥିତ ଥିଲେ । ସେହିପରି ଏହି ଅବସରରେ ବର୍ତମାନର ଅଧ୍ୟକ୍ଷ ନରେନ୍ଦ୍ର ମହାନ୍ତି, ଉପାଧ୍ୟକ୍ଷ ବି.ସୁନିତା ଏବଂ ଅନ୍ୟାନ୍ୟ କାଉନସିଲର ମାନେ ଉପସ୍ଥିତ ଥିଲେ ।

# ଚଣ୍ଡିଖୋଲକୁ ବିଜ୍ଞାପିତ ଅଂଚଳ ପରିଷଦ ଘୋଷଣା ପରେ ବିଜେପି ପକ୍ଷରୁ ମୁଖ୍ୟମନ୍ତ୍ରୀଙ୍କୁ କୃତଜ୍ଞତା

ଧର୍ମଶାଳା, ୧/୦୯ (ନି.ପ୍ର): ଦୀର୍ଘ ଦିନର ଅପେକ୍ଷାର ଅନ୍ତ ଘଟିଲା । ଏନଏସି ପାଇଁ ଅଂଚଳବାସୀଙ୍କ ବହୁ ବର୍ଷରୁ ଦାବି ହୋଇ ଆସୁଥିଲା । ରାଜ୍ୟ ସ୍ତରୀୟ ସ୍ୱାୟତ ଶାସନ ଦିବସ ଅବସରରେ ଆଜି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ବଡ ଘୋଷଣା କରିଛନ୍ତି । ରାଜ୍ୟରେ ୭ଟି ପୌରପାଳିକା ଓ ୧୬ଟି ବିଜ୍ଞାପିତ ଅଂଚଳ ପରିଷଦ (ଏନଏସି) ଗଠିତ ହୋଇଛି । ଏହି କ୍ରମରେ ଯାଜପୁର ଜିଲାର ଚଣ୍ଡିଖୋଲକୁ ଏନ୍ଏସି ଘୋଷଣା ହେବା ଖବର ପ୍ରଚାରିତ ହେବା ପରେ ସ୍ଥାନୀୟ ଅଂଚଳରେ ଅବିନିଆ ହୋଲି ପାଳିତ ହୋଇଥିବା ଦେଖିବାକୁ ମିଳିଛି । ତିନୋଟି ଜାତୀୟ ରାଜପଥ ସଂଗମସ୍ଥଳ ଓ ସହରୀକରଣ ପାଇଁ ସମସ୍ତ ମାପ ଦଣ୍ଡ ଥାଇ ଦୀର୍ଘ ଦିନ ହେବ ଏନଏସିର ମାନ୍ୟତା ମିଳି ପାରି ନ ଥିଲା । ସରକାର ବଦଳିବା ପରେ ନିକଟରେ ସରକାର ନୂଆ ଏନଏସି ଘୋଷଣା କରିଥିଲେ । ସେଥିରୁ ଚଣ୍ଡିଖୋଲ ବାଦ ପଡିଥିଲା । ଯାହାକୁ ନେଇ ଗତ ସପ୍ତାହରେ ବିଜୁ ଜନତା ଦଳ ପକ୍ଷରୁ ଏନଏସି ଦାବି ପାଇଁ ଆନ୍ଦୋଳନକୁ ଓହ୍ଲାଇ ଥିଲା । ଏବଂ ୧୫ ଦିନ ଭିତରେ ଏନଏସି ଘୋଷଣା ନ ହେଲେ ରାଜପଥକୁ ସମ୍ପୂର୍ଣ୍ଣଭାବେ ବନ୍ଦ କରିବାକୁ ଚେତାବନୀ ଦେଇଥିଲେ । ତେବେ ଆଜି ଏନଏସି ଘୋଷଣା ହେବା ପରେ ବିଜେପି ଜିଲା ସଭାନେତ୍ରୀ ଦେବଯାନୀ ପ୍ରଧାନ, ସମ୍ପାଦକ ପ୍ରମୋଦ କୁମାର ଜେନା, ମଣ୍ଡଳ ସଭାପତି ବିମଳ ପ୍ରସନ୍ନ ପ୍ରଧାନ, ଜିଲା ପରିଷଦ ସଭ୍ୟ ଯତିନ୍ଦ୍ର ନାୟକ, ସରପଂଚ ଅଞ୍ଜୁଲତା ସ୍ୱାଇଁ, ରଂଜନ କୁମାର ଦାସ,ନବଦ୍ୱୀପ ନାୟକ, ଯଯାତି କେଶରୀ ରାଉତ, ରବିନ୍ଦ୍ର ରାଉତ, ପ୍ରୀତମ ନାୟକ, ଅକ୍ଷୟ ସ୍ୱାଇଁ, ସୁବ୍ରତ ନାୟକ, ଅଭୟ ତରାଇ, ପ୍ରକାଶ ସାହୁ, ବିଜୟ ଦାସ, ପ୍ରଶାନ୍ତ ଦାସ, କ୍ରୀତିରାଜ ସ୍ୱାଇଁ, ସ୍ମୃତି ରଂଜନ ଜେନା ଓ ଲିଗୁନ ସେନାପତିଙ୍କ ସମେତ ଶତାଧିକ ଭାଜାପା କର୍ମୀ ଚଣ୍ଡିଖୋଲ ଛକ ଠାରେ ଏକତ୍ର ହୋଇ ବାଜାବାଣ ଓ ଅବିର ଖେଳି ଖୁସି ମନାଇବା ସହିତ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ, ନଗର ଉନ୍ନୟନ ମନ୍ତ୍ରୀ କୃଷ୍ଣ ଚନ୍ଦ୍ର ପାତ୍ର ଓ ବଡଚଣା ବିଧାୟକ ଅମର ନାୟକଙ୍କୁ କୃତଜ୍ଞତା ଜଣାଇ ଥିଲେ ।

# ବୟୋଜ୍ୟେଷ୍ଠଙ୍କ ଦର୍ଶନ ପାଇଁ ସ୍ୱତନ୍ତ୍ର ବ୍ୟବସ୍ଥା ହେବ : ଡକ୍ଟର ସମ୍ବିତ ପାତ୍ର

ପୁରୀ, ୧/୦୯ (ନି.ପ୍ର): ବଡଦାଣ୍ଡ ମାର୍କେଟ ଛକ ସ୍ଥିତ ନୀଳଗିରି ଚାର ଗଣେଶ ପୂଜାର ୨୫ ବର୍ଷ ପୂର୍ତ୍ତି ଉପଲେକ୍ଷ ମୁଖ୍ୟ ଅତିଥି ଭାବେ ଯୋଗଦେଇ ପୁରୀ ଲୋକସଭା ସାଂସଦ ଡ. ସମ୍ବିତ ପାତ୍ର ଯୋଗଦେଇ କହିଲେ ବୟୋଜ୍ୟେଷ୍ଠ ମାନେ ଶ୍ରୀମନ୍ଦିରରେ ପ୍ରବେଶ ଓ ଦର୍ଶନ ପାଇଁ ସ୍ୱତନ୍ତ୍ର ବ୍ୟବସ୍ଥା କରାଯିବ ବୋଲି ମତବ୍ୟକ୍ତ କରିଥିଲେ । ଚେତନାରେ ଭାରତବର୍ଷ ମହିମାମୟ ହେଉ ବୋଲି କହିଛନ୍ତି ସାଂସଦ ଡକ୍ଟର ସମ୍ବିତ ପାତ୍ର । ଗଣେଶ ପୂଜାର ଚତୁର୍ଥ ଦିନ ଆୟୋଜିତ ଉତ୍ସବରେ ନିତ୍ୟ ପ୍ରସାଦ ପଟ୍ଟନାୟ ସଭାପତିତ୍ୱ କରିଥିଲେ । ସଂପାଦକ ନିମାଇଁ ଚରଣ ମହାନ୍ତି କାର୍ଯ୍ୟକ୍ରମ ସଭା ପରିଚାଳନା କରିଥିଲେ । ସମ୍ମାନିତ ଅତିଥି ଭାବେ ପୁରୀ ବିଧାୟକ ସୁନୀଲ ମହାନ୍ତି ଯୋଗଦେଇ କହିଲେ ଶ୍ରୀମନ୍ଦିର ବିକାଶ, ଜଗନ୍ନାଥ ସଂସ୍କୃତିର ପ୍ରଚାର, ଧାର୍ମିକ ପୀଠର ବିକାଶ ପାଇଁ ସେ ଉଦ୍ୟମ ଜାରି ରଖିଛନ୍ତି। ଅନ୍ୟତମ ଅତିଥି ଭାବେ ଶ୍ରୀମନ୍ଦିରର ବିଶିଷ୍ଟ ଦଇତାପତି ନବକିଶୋର ପତି ମହାପାତ୍ର, ଶ୍ରୀମନ୍ଦିର ପରିଚାଳନା କମିଟି ସଦସ୍ୟ ମଧୁସୂଦନ ସିଂହାରୀ, ଜିଲ୍ଲା ସଂସ୍କୃତି ଅଧିକାରୀ ହେମନ୍ତ କୁମାର ବେହେରା, ଜିଲ୍ଲା ସ୍ୱାସ୍ଥ୍ୟ ଅଧିକାରୀ ଅଶୋକ ମିଶ୍ର, ବରିଷ୍ଠ ସେବାୟତ ତଲୁଛ ନୀଳକଣ୍ଠ ମହାପାତ୍ର, ଜୀତେନ୍ଦ୍ର ମହାପାତ୍ର,ରବି ନାରାୟଣ ଦାସ ଓ ବଳଭଦ୍ର ମହାନ୍ତି ଯୋଗ ଦେଇଥିଲେ। ଓଡ଼ିଶା ସଂଗୀତ ନାଟକ ଏକାଡ଼େମୀ ସଦସ୍ୟ ଡକ୍ଟର ବଦ୍ରି ମିଶ୍ରଙ୍କ ସଂଯୋଜନାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ କେଶବ ପରିଜା, ଚିତ୍ତରଞ୍ଜନ ଦାସ, ହରିବନ୍ଧୁ ପଣ୍ଡା, ପୂର୍ଣ୍ଣଚନ୍ଦ୍ର ପାଣି, କ୍ଷେତ୍ରମୋହନ ସାହୁ, ମହମ୍ମଦ ଉଜିରଓ୍ୱାଲା ଓ ଚିତ୍ତରଂଜନ ମହାପାତ୍ର ପରିଚାଳନା ରେ ସହଯୋଗ କରିଥିବା ବେଳେ ପୁରୀ ଡ୍ୟାନ୍ସ ଏକାଡେମୀ ପକ୍ଷରୁ ସାଂସ୍କୃତିକ କାର୍ଯ୍ୟକ୍ରମକୁ ସଞ୍ଚାଳନ କରିଥିଲେ ଭରତ ନାୟକ ।

# କ୍ଷତିକାରକ ଧୂମପାନ



ପ୍ରଥମ ପ୍ରକାର ଧୂମ ହେଲା ଯାହା ଧୂମପାୟୀ ବ୍ୟକ୍ତିର ଶରୀରକୁ ଯାଏ। ଦ୍ୱିତୀୟ ପ୍ରକାର ଧୂମ ହେଲା ଯାହା ଧୂମପାୟୀ ବ୍ୟକ୍ତି ବାହାରକୁ ଛାଡ଼ିଥାଏ ଏବଂ ସେ ବ୍ୟବହାର କରୁଥିବା ଜଳନ୍ତା ସିଗାରେଟ୍ କିମ୍ବା ବିଡିର ଅଂଶରୁ ବାହାରୁଥିବା ଧୂଆଁ। ପରିସଂଖ୍ୟାନ ତଥ୍ୟାନୁଯାୟୀ ଗୋଟିଏ ମାତ୍ର ସିଗାରେଟ୍ ପାନ କଲେ ଆମ ଜୀବନରୁ ୧୧ ମିନିଟ୍ କ୍ଷୟ ହୋଇଥାଏ। ସମସ୍ତ ପ୍ରକାର ହୃଦ୍‌ରୋଗଜନିତ ରୋଗର ୨୦ ପ୍ରତିଶତ ଧୂମପାନ ଯୋଗୁ ହୋଇଥାଏ। ଆମ ଦେଶରେ ପ୍ରତିବର୍ଷ ହାରାହାରି ୧୦ ଲକ୍ଷରୁ ଅଧିକ ଲୋକ ଧୂମପାନଜନିତ ରୋଗରେ ମୃତ୍ୟୁବରଣ କରିଥାଆନ୍ତି। ନିୟମିତ ଧୂମପାନ କଲେ ହୃଦ୍‌ରୋଗ, ଫୁସ୍‌ଫୁସ୍‌ଜନିତ ରୋଗ ସହିତ ଅନ୍ଧତ୍ୱ, ଦ୍ୱିତୀୟ ପ୍ରକାର ମଧୁମେହ (ଟାଇପ-୨ ଡାଇବେଟିସ୍), ଉଚ୍ଚ ରକ୍ତଚାପ, ଯୌନ ଅକ୍ଷମତା, ହାଡର ଦୁର୍ବଳତା ଏପରି କି ଜନ୍ମିତ ଶିଶୁର ବିକଳାଙ୍ଗତା ଇତ୍ୟାଦି ହୋଇଥାଏ। ଧୂମପାନ ଫୁସ୍‌ଫୁସ୍‌କୁ କ୍ଷତି ପହଞ୍ଚାଇବା ସହିତ ସ୍ୱାସ୍ଥ୍ୟାବସ୍ଥାକୁ ଅଧିକ ମାତ୍ରାରେ କ୍ଷତି କରିଥାଏ। ତମାଖୁର ସୂକ୍ଷ୍ମ କଣିକା ଶରୀର ମଧ୍ୟକୁ ଯାଇ ନିମୋନିଆ,ଏମଫିସିମା, ହୃଦ୍‌ରୋଗ, ଉଚ୍ଚ ରକ୍ତଚାପ ଓ କ୍ୟାନ୍‌ସର ପରି ଜୀବନନାଶକ ରୋଗ ସୃଷ୍ଟି କରିଥାଏ। ପ୍ରକାର ଭେଦରେ ତମାଖୁ ଧୂମବିହୀନ ଏବଂ ଧୂମଯୁକ୍ତ-ଏହି ଦୁଇ ପ୍ରକାରର ଅଟେ। ଧୂମବିହୀନ ତମାଖୁ ମଧ୍ୟ ଅତ୍ୟନ୍ତ କ୍ଷତିକାରକ। ଧୂମପାନ ତ୍ୟାଗ ଅତ୍ୟନ୍ତ ଉପକାରୀ ହୋଇଥାଏ। ଧୂମପାନ ତ୍ୟାଗର ମାତ୍ର କେଇ ମାସ ମଧ୍ୟରେ ଅନେକ ଉନ୍ନତି ମିଳିଥାଏ। ଏହାଦ୍ୱାରା ଉଚ୍ଚ ରକ୍ତଚାପ ହ୍ରାସ, କଫ ଓ କାଶରେ କମ୍ ଏବଂ ନିଃଶ୍ୱାସ ନେବାରେ କ୍ଷମତା ବଢ଼ିଥାଏ। ତେଣୁ ଏଭଳି ଅଭ୍ୟାସଠାରୁ ନିଜକୁ ଯେତେ ଦୂରେଇ ରଖିବେ ତାହା ସେତେ ଭଲ।

# ଅଧିକ ଫ୍ୟାଟ୍ ଯୁକ୍ତ ଖାଦ୍ୟ ଖାଉଛନ୍ତି କି ? ଦେଖାଦେଇପାରେ ଏସବୁ ସମସ୍ୟା



ଆମେ ସବୁବେଳେ ସୁଷମ ଖାଦ୍ୟ ଖାଇବା ଦରକାର। ଯଦି ଏଣ୍ଡୁତେଣ୍ଡୁ ଖାଦ୍ୟ ଖାଇବା ଅଭ୍ୟାସରେ ପଡ଼ିଥାଏ ତେବେ ଏହା କିଛି ରୋଗକୁ ପରୋକ୍ଷରେ ଆମନ୍ତ୍ରଣ କରିଥାଏ। ବିଶେଷଭାବରେ ଜଣେ ବ୍ୟକ୍ତି ଫ୍ୟାଟ୍‌ଜାତୀୟ ଖାଦ୍ୟ ପ୍ରତି ଅଧିକ ସର୍ତକତା ଅବଲମ୍ବନ କରିବା ଦରକାର। କାରଣ ଏହାର ଖରାପ ପ୍ରଭାବ ଅଧିକ ପରିମାଣରେ ଶରୀର ଉପରେ ପଡ଼ିଥାଏ। ଏଭଳି ଖାଦ୍ୟ ସବୁବେଳେ ଖାଇଲେ ତାହାଦ୍ୱାରା ଷ୍ଟ୍ରୋକ୍ ଆଶଙ୍କା ରହିଛି ବୋଲି ଲଣ୍ଡନ ବିଶ୍ୱବିଦ୍ୟାଳୟର ବିଶେଷଜ୍ଞମାନେ ସତର୍କ କରାଇ ଦେଇଛନ୍ତି। ଏଭଳି ବିଷୟକୁ ନେଇ ସେମାନେ ଏକ ସର୍ଭେ କରିଥିଲେ। ପ୍ରାୟ ନିୟମିତ ଫ୍ୟାଟ୍‌ଜାତୀୟ ଖାଦ୍ୟ ଖାଉଥିବା କେତେକ ବ୍ୟକ୍ତିଙ୍କୁ ଏହାର ପରିସରଭୁକ୍ତ କରାଯାଇଥିଲା। ଅନ୍ୟପକ୍ଷରେ ଏହାର ପ୍ରଭାବ ସେମାନଙ୍କର ମସ୍ତିଷ୍କ ଉପରେ ପଡୁଛି ତାହାକୁ ସେମାନେ ତନ୍ନ ତନ୍ନ କରି ନିରୀକ୍ଷଣ କରିଥିଲେ। ପରିଶେଷରେ ଜଣାପଡିଥିଲା ଯେ, ଏଭଳି ଖାଦ୍ୟ ଖାଇବା ଦ୍ୱାରା ସେମାନଙ୍କ ମଧ୍ୟରୁ ପ୍ରାୟ ୪୫ ପ୍ରତିଶତ ବ୍ୟକ୍ତିଙ୍କଠାରେ ବ୍ରେନ୍ ଷ୍ଟ୍ରୋକ୍‌ର ପ୍ରାରମ୍ଭିକ ଲକ୍ଷଣ ଦେଖିବାକୁ ମିଳିଥିଲା। ତେଣୁ ଏଭଳି ଖାଦ୍ୟ ଖାଇବା ଅଭ୍ୟାସକୁ ଯେତେ ସୀମିତ ରଖିବେ ତାହା ସ୍ୱାସ୍ଥ୍ୟ ପାଇଁ ସେତେ ଭଲ ବୋଲି ସେମାନେ ରିପୋର୍ଟରେ ଉଲ୍ଲେଖ କରିଛନ୍ତି।

# ଏସବୁ ପରିବାକୁ ତେଲରେ ଭାଜି ଖାଇଲେ ହୁଏ ନାନା ସମସ୍ୟା

**ସାଧାରଣତଃ ନିତିଦିନ ଆମେ କିଛି ନା କିଛି ପରିବା ଖାଇଥାଉ। ହେଲେ ଆମ ଭିତରେ ଅନେକ ଅଛନ୍ତି ଯେଉଁମାନେ କେଉଁ କେଉଁ ପରିବାକୁ ତେଲରେ ଭାଜି ଖାଇଲେ ରୋଗ ସୃଷ୍ଟି ହୋଇଥାଏ ତାହା ହୁଏତ ଜାଣି ନ ଥିବେ। ଆମେ ଆପଣଙ୍କୁ କହିବୁ ସେମିତି କିଛି ପରିବା ବିଷୟରେ।**

ବନ୍ଧାକୋବି : ଯଦି ଆପଣ କେବଳ ସ୍ୱାଦ ପାଇଁ ବନ୍ଧାକୋବି ଖାଉଛନ୍ତି, ତେବେ ଆପଣ ଏହାକୁ ତେଲରେ ଭାଜି ପାରିବେ। ତଥାପି, ଯଦି ଆପଣ ଓଜନ ହ୍ରାସ କିମ୍ବା ଦୈନନ୍ଦିନ ଅନ୍ତନଳୀ ସ୍ୱାସ୍ଥ୍ୟକୁ ଧ୍ୟାନରେ ରଖି ଏହାକୁ ଆପଣଙ୍କ ଖାଦ୍ୟର ଏକ ଅଂଶ କରୁଛନ୍ତି, ତେବେ ଭାଜିବା ଏକ ଭଲ ବିକଳ୍ପ ନୁହେଁ।

ପାଳଙ୍ଗ : ପାଳଙ୍ଗ ଏକ ଅତ୍ୟନ୍ତ ସ୍ୱାସ୍ଥ୍ୟକର ପତ୍ର ବା ସାଗ, କିନ୍ତୁ ଯଦି ଏହାକୁ ତେଲରେ ଭାଜି ଖିଆଯାଏ, ତେବେ ଏହାର ଅନେକ ପୁଷ୍ଟିକର ପଦାର୍ଥ ନଷ୍ଟ ହୋଇପାରେ।

ଆଳୁ : ଅଧିକାଂଶ ଲୋକ ଆଳୁକୁ ଭାଜିବା ପରେ ହିଁ ଖାଆନ୍ତି। ଆଳୁକୁ ଭାଜିବା ଦ୍ୱାରା ଏହାର ପୁଷ୍ଟିକର ତତ୍ତ୍ୱ ହ୍ରାସ ପାଏ। ଯଦି ଆପଣ ସିଝା ଆଳୁ ଖାଆନ୍ତି କିମ୍ବା ଏଥିରୁ ଏକ ଖାଦ୍ୟ ତିଆରି କରନ୍ତି, ତେବେ ଏହା ଅଧିକ ସ୍ୱାସ୍ଥ୍ୟକର।

ବ୍ରୋକୋଲି : ସାଲାଡ, ତରକାରୀ, ସୁପ ଭଳି ଅନେକ ଖାଦ୍ୟ ଏଥିରୁ ପ୍ରସ୍ତୁତ କରାଯାଏ। କିନ୍ତୁ ଅନେକ ଲୋକ ସ୍ୱାଦ ଏବଂ କଞ୍ଚା ପାଇଁ ଏହାକୁ ତେଲରେ ଭାଜିଥାନ୍ତି, ଯାହା ଯୋଗୁ ବ୍ରୋକୋଲିର ପୁଷ୍ଟିକର ତତ୍ତ୍ୱ ନଷ୍ଟ ହୋଇଯାଏ।

ଟମାଟୋ : ଟମାଟୋ ମଧ୍ୟ ଏକ ପରିବା ଯାହାକୁ ପ୍ରାୟ ସମସ୍ତେ ତେଲରେ ଭାଜିଥାନ୍ତି। କିନ୍ତୁ ଯଦି ଆପଣ ଟମାଟୋର ସମ୍ପୂର୍ଣ୍ଣ ଲାଭ ଚାହାଁନ୍ତି, ତେବେ ଏହାକୁ ଫୁଟାଇ ଖାଇବା ଭଲ।













# ନିୟମିତ ଅଙ୍ଗୁର ଖାଇଲେ...

ଅଙ୍ଗୁରରେ ଅନେକ ପ୍ରକାର ଉପକାରୀ ଗୁଣ ଭରି ରହିଛି। ଏକ ସଦ୍ୟତମ ସର୍ଭେରୁ ଜଣାପଡ଼ିଛି ଯେ, ଏହାକୁ ନିୟମିତ ଖାଇଲେ ତାହା କେତେକାଂଶରେ ସଂକ୍ରମଣ ଆଶଙ୍କା ଦୂର କରିଥାଏ। ୱାଶିଂଟନ ବିଶ୍ୱବିଦ୍ୟାଳୟର ବିଶେଷଜ୍ଞମାନେ ଏକଥା ପ୍ରକାଶ କରିଛନ୍ତି। ଏଭଳି ସିଦ୍ଧାନ୍ତରେ ଉପନୀତ ହେବା ପୂର୍ବରୁ ସେମାନେ ସଂକ୍ରମଣଜନିତ ସମସ୍ୟା ସହ ଜଡ଼ିତ କେତେକ ବ୍ୟକ୍ତିଙ୍କୁ ନିୟମିତ ଅଙ୍ଗୁର ଖାଇବାକୁ ପରାମର୍ଶ ଦେଇଥିଲେ। ଅନ୍ୟପକ୍ଷରେ ନିର୍ଦ୍ଦିଷ୍ଟ ସମୟ ବ୍ୟବଧାନରରେ ଏହାର କେଉଁ ପ୍ରକାର ପ୍ରଭାବ ସେମାନଙ୍କର ସଂକ୍ରମଣ ଉପରେ ପଡୁଛି ତାହାକୁ ନିରୀକ୍ଷଣ ମଧ୍ୟ କରିଥିଲେ। ଏହାଦ୍ୱାରା ସର୍ଭେ ପରିସରଭୁକ୍ତ ବ୍ୟକ୍ତିମାନଙ୍କ ମଧ୍ୟରୁ ପ୍ରାୟ ୪୫ ପ୍ରତିଶତଙ୍କଠାରେ ସଂକ୍ରମଣ କମୁଥିବାର ଜଣାପଡିଥିଲା ବୋଲି ରିପୋର୍ଟରେ ଉଲ୍ଲେଖ କରାଯାଇଛି। କେବଳ ସେତିକି ନୁହେଁ, ଏହାକୁ ନିୟମିତ ଖାଇଲେ ତାହା ଶରୀରରେ କୋଲେଷ୍ଟରଲ ପରିମାଣକୁ ସନ୍ତୁଳିତ ରଖେ। ସବୁଠାରୁ ଖାସ୍ କଥା ହେଲା, ରୋଗ ପ୍ରତିରୋଧକ ଶକ୍ତିକୁ ବୃଦ୍ଧି କରିବାରେ ଏହା ମଧ୍ୟ ସହାୟକ ହୋଇଥାଏ। ଅଙ୍ଗୁରରେ ଭିଟାମିନ୍ 'କେ', କ୍ୟାଲସିୟମ୍, ପୋଟାସିୟମ୍ ଓ ମ୍ୟାଗ୍ନେସିୟମ୍ ଭରି ରହିଛି। ଏହା ମଧ୍ୟ ଅସ୍ଥି ଓ ମଜ୍ଜାକୁ ଶକ୍ତ ରଖିଥାଏ।

# ରିସର୍ଚ୍ଚରୁ ଖୁଲାସା : ଭାରତୀୟଙ୍କୁ କ୍ୟାନ୍‌ସର ହେବା ସମ୍ଭାବନା ୧୧ ପ୍ରତିଶତ



ଭାରତରେ ଜୀବନକାଳ ଭିତରେ କର୍କଟ ରୋଗ ହେବାର ଆଶଙ୍କା ପ୍ରାୟ ୧୧ ପ୍ରତିଶତ ରହିଛି । ଇଣ୍ଡିଆନ୍ କାଉନସିଲ୍ ଅଫ୍ ମେଡିକାଲ୍ ରିସର୍ଚ୍ଚ (ଆଇସିଏମ୍ଆର)ର ଏକ ନୂତନ ଅଧ୍ୟୟନ ଅନୁଯାୟୀ ମିଜୋରାମରେ ଏହି ବିପଦ ପ୍ରାୟ ଦୁଇଗୁଣ- ପୁରୁଷଙ୍କ ପାଇଁ ୨୧.୧ ପ୍ରତିଶତ ଓ ମହିଳାଙ୍କ ପାଇଁ ୧୮.୯ ପ୍ରତିଶତ । ବଡ଼ ମହାନଗରଗୁଡ଼ିକ ମଧ୍ୟରେ ଦିଲ୍ଲୀରେ ପୁରୁଷଙ୍କଠାରେ କର୍କଟ ହାର ସର୍ବାଧିକ ଥିବା ବେଳେ ଶ୍ରୀନଗରରେ ଫୁସ୍‌ଫୁସ୍ କର୍କଟ ରୋଗ ସମ୍ଭାବନା ସର୍ବାଧିକ ରହିଛି । ଭାରତର ଡାକ୍ତରୀ ଗବେଷଣା ପ୍ୟାନେଲର ଏହି ଅଧ୍ୟୟନରେ ଦେଶରେ ବଢୁଥିବା କର୍କଟ ମାମଲାକୁ ନେଇ ଚିନ୍ତାଜନକ ତଥ୍ୟ ସାମ୍ନାକୁ ଆସିଛି । ନ୍ୟାସନାଲ କ୍ୟାନ୍‌ସର ରେଜିଷ୍ଟ୍ରି ପ୍ରୋଗ୍ରାମ୍ ଇନ୍‌ଭେଷ୍ଟିଗେଟର ଗ୍ରୁପ୍‌ର ନେତୃତ୍ୱ ନେଇଥିଲା, ଯେଉଁଥିରେ ଇଣ୍ଡିଆନ କାଉନସିଲ ଅଫ୍ ମେଡିକାଲ ରିସର୍ଚ୍ଚ (ଆଇସିଏମ୍ଆର), ଟାଟା ମେମୋରିଆଲ ସେଣ୍ଟର ଓ ଡକ୍ଟର ବିଆର ଆମ୍ବେଡ଼କର ଇନ୍‌ଷ୍ଟିଚ୍ୟୁଟ୍ ରୋଟାରୀ କ୍ୟାନସର ହସ୍ପିଟାଲ ଓ ଦିଲ୍ଲୀ ଏମ୍ସର ବୈଜ୍ଞାନିକମାନେ ସାମିଲ ଥିଲେ ଏବଂ ୪୩ଟି ଜନସଂଖ୍ୟାଭିତ୍ତିକ କର୍କଟ ପଞ୍ଜୀକରଣର ତଥ୍ୟକୁ ବ୍ୟବହାର କରି ସମଗ୍ର ଭାରତରେ ୭ ଲକ୍ଷରୁ ଅଧିକ କର୍କଟ ମାମଲା ଏବଂ ୨ ଲକ୍ଷରୁ ଅଧିକ ମୃତ୍ୟୁର ବିଶ୍ଳେଷଣ କରିଥିଲେ । ମିଜୋରାମରେ ଆଇଜଲ ଜିଲ୍ଲାରେ ପ୍ରତି ୧ ଲକ୍ଷ ପୁରୁଷଙ୍କ ମଧ୍ୟରେ ୨୫୬ ଏବଂ ପ୍ରତି ୧ ଲକ୍ଷ ମହିଳାଙ୍କ ମଧ୍ୟରେ ୨୧୭ ଜଣ କର୍କଟ ରୋଗୀ ଚିହ୍ନଟ ହୋଇଛନ୍ତି । ପୁରୁଷମାନଙ୍କ ମଧ୍ୟରେ ସବୁଠାରୁ ସାଧାରଣ କର୍କଟ ମୁଖଗହ୍ୱର, ଫୁସ୍‌ଫୁସ୍ ଓ ପ୍ରୋଷ୍ଟେଟ୍ କର୍କଟ ହୋଇଥିବା ବେଳେ ମହିଳାମାନଙ୍କ କ୍ଷେତ୍ରରେ ଏହା ସ୍ତନ, ଗର୍ଭାଶୟ ଗ୍ରୀବା ଓ ଡିମ୍ବାଶୟ କର୍କଟ ଥିଲା । ମୁଖଗହ୍ୱର କର୍କଟରେ ଏକ ଚିନ୍ତାଜନକ ଧାରା ଦେଖିବାକୁ ମିଳିଥିଲା । ଅହମଦାବାଦରେ ମୁଖଗହ୍ୱର କର୍କଟ ପୁରୁଷଙ୍କଠାରେ ୪.୭% ଓ ମହିଳାଙ୍କଠାରେ ୬.୯% ବୃଦ୍ଧି ପାଇଛି । ଜାମା ନେଟୱାର୍କ ଓପନରେ ପ୍ରକାଶିତ ଏହି ଅଧ୍ୟୟନରୁ ଏହା ମଧ୍ୟ ଜଣାପଡିଛି ଯେ ଦେଶର କେତେକ ସ୍ଥାନରେ ସାମଗ୍ରିକ କର୍କଟ ମାମଲା କ୍ରମାଗତ ଭାବରେ ବୃଦ୍ଧି ପାଉଛି । ଉଦାହରଣ ସ୍ୱରୂପ, କାମରୂପ ସହରାଞ୍ଚଳ (ଆସାମ)ରେ ପୁରୁଷଙ୍କଠାରେ କର୍କଟ ମାମଲା ବାର୍ଷିକ ୩.୩ ପ୍ରତିଶତ ବୃଦ୍ଧି ପାଇଥିବା ବେଳେ ତିରୁଅନନ୍ତପୁରମ୍ (କେରଳ)ରେ ମହିଳାଙ୍କ କ୍ଷେତ୍ରରେ ବାର୍ଷିକ ୩.୪ ପ୍ରତିଶତ ବୃଦ୍ଧି ଘଟିଛି । ଗବେଷକମାନେ ଆକଳନ କରିଛନ୍ତି ଯେ, କେବଳ ୨୦୨୪ରେ ଭାରତରେ ପ୍ରାୟ ୧୫ ଲକ୍ଷ ୬୨ ହଜାର ୯୯ ଜଣ ନୂତନ କର୍କଟ ରୋଗୀ ଚିହ୍ନଟ ହୋଇଛନ୍ତି ଏବଂ ୮ ଲକ୍ଷ ୭୪ ହଜାର ୪୦୪ ଜଣ ଏହି ରୋଗରେ ପ୍ରାଣ ହରାଇଛନ୍ତି । ଅଧ୍ୟୟନ ଅନୁଯାୟୀ, ଭାରତରେ କର୍କଟକୁ ନିୟନ୍ତ୍ରଣ କରିବା ପାଇଁ ସଚେତନତା, ପ୍ରତିରୋଧ ଓ ଶୀଘ୍ର ଚିହ୍ନଟ ଉପରେ ଧ୍ୟାନ ଦେବା ପାଇଁ ମିଳିତ ପ୍ରୟାସ ଆବଶ୍ୟକ । ପ୍ରତିରୋଧ ସହିତ କର୍କଟ ଚିକିତ୍ସା ସୁବିଧାରେ ଉନ୍ନତି ଆଣିବା ଓ ସେବାକୁ ବିସ୍ତାର କରିବା ଜରୁରୀ, ବିଶେଷକରି ଯେଉଁ ଅଞ୍ଚଳରେ କର୍କଟ ମାମଲା ଅଧିକ ଥାଏ ।

# ବାରମ୍ବାର ରୋଗରେ ପଡୁଥିବା ଲୋକ ଖାଦ୍ୟରେ ସାମିଲ କରନ୍ତୁ ଏହି ଫଳ : ବଢ଼ିବ ଇମ୍ୟୁନିଟି

ପ୍ରାୟତଃ ପ୍ରତି ଘରେ ଏମିତି ଜଣେ ବ୍ୟକ୍ତି ଥିବେ ଯାହାଙ୍କୁ ଯେତେବେଳେ ବି ଦେଖ କିଛି ନା' କିଛି ରୋଗ ଲାଗିରହିଥିବ । ବାରମ୍ବାର ଅସୁସ୍ଥ , ସାମାନ୍ୟ ଜ୍ୱର ଏବଂ ଥଣ୍ଡା, କାଶ ,ଛିଙ୍କ ଭଳି ସମସ୍ୟା ଲାଗିରହିଥିବ । ଏହା ସାଧାରଣତଃ ଦୁର୍ବଳ ରୋଗ ପ୍ରତିରୋଧକ ଶକ୍ତି (ଇମ୍ୟୁନିଟି) କାରଣରୁ ହୋଇଥାଏ । ଯଦି ଆପଣଙ୍କ ମଧ୍ୟରେ ମଧ୍ୟ ପାଣିପାଗ ବଦଳିବା ସହିତ ଅସୁସ୍ଥ ହେବାର ସମସ୍ୟା ଦେଖାଯାଉଛି ତେବେ ଆପଣଙ୍କୁ ନିଜ ଖାଦ୍ୟରେ ଏପରି ଦ୍ରବ୍ୟ ସାମିଲ କରିବା ଉଚିତ ଯାହା ରୋଗ ପ୍ରତିରୋଧକ ଶକ୍ତିକୁ ଦୃଢ଼ କରିବା ପାଇଁ ସାହାଯ୍ୟ କରିବ । ଫଳ, ବିନ୍ସ, ଡ୍ରାଏ ଫ୍ରୁଟ୍ସ , ପନିପରିବା, ଲିନ୍ ପ୍ରୋଟିନରେ ଭରପୂର ଏକ ସନ୍ତୁଳିତ ଆହାର ଶରୀରକୁ ସୁସ୍ଥ ରଖିବା ଏବଂ ରୋଗରୁ ରକ୍ଷା କରିବା ପାଇଁ ଜରୁରୀ । ଓଟ୍ସ, କିନୋଆ, ସ୍ପ୍ରାଉଟ୍ସ ଏବଂ ଚଣା ଭଳି ଖାଦ୍ୟ ପ୍ରତିଦିନ ଖାଦ୍ୟରେ ସାମିଲ କରିବା ଉଚିତ । ଏଥିରେ ଭରପୂର ମାତ୍ରାରେ ମିନେରାଲ୍ସ ଏବଂ ଭିଟାମିନ୍ସ ଥାଏ, ଯାହା ଶରୀରକୁ ଭିତରୁ ପୋଷଣ ଦିଏ ଏବଂ ଶକ୍ତିଶାଳୀ କରେ । ଏତଦ୍ ବ୍ୟତୀତ, ଭରପୂର ମାତ୍ରାରେ ପର୍ଯ୍ୟାପ୍ତ ନିଦ, ଫିଜିକାଲ ଆକ୍ଟିଭିଟି ଏବଂ ଚାପକୁ କମ୍ କରିବା ମଧ୍ୟ ନିହାତି ଜରୁରୀ । ଏଠାରେ ଆମେ ଆପଣଙ୍କୁ କିଛି ଏପରି ଖାଦ୍ୟ ବିଷୟରେ କହୁଛୁ, ଯାହା ଶରୀରର ରୋଗ ପ୍ରତିରୋଧକ କ୍ଷମତା ବଢ଼ାଇବାରେ ବହୁତ ସାହାଯ୍ୟ କରେ । ଯଦି ଆପଣ ନିଜର ଇମ୍ୟୁନିଟିକୁ ବଢ଼ାଇବାକୁ ଚାହୁଛନ୍ତି, ତେବେ ଆପଣଙ୍କୁ ନିଜର ଡେଲି ଡାଏଟରେ ଭିଟାମିନ ସି ରିଚ୍ ଫଳର ସେବନ କରିବା ଉଚିତ । କମଳା, ଲେମ୍ବୁ , କିୱି, ଅମୃତଭଣ୍ଡା ଭଳି ଫଳରେ ଭିଟାମିନ ସି ପ୍ରଚୁର ମାତ୍ରାରେ ଥାଏ ଯାହା ଇମ୍ୟୁନିଟିକୁ ବଢ଼ାଏ । ଖଟା ଫଳ ରୋଗ ପ୍ରତିରୋଧକ କ୍ଷମତାକୁ ବଢ଼ାଇଥାଏ, ଯାହା ସଂକ୍ରମଣ ସହିତ ଲଢ଼ିବା ପାଇଁ ଧଳା ରକ୍ତ କୋଷିକାର ଉତ୍ପାଦନକୁ ଉତ୍ତେଜିତ କରିଥାଏ । ଏଥିରେ ଆଣ୍ଟିଅକ୍ସିଡେଣ୍ଟ ମଧ୍ୟ ଥାଏ, ଯାହା କୋଷିକାଗୁଡ଼ିକୁ ନଷ୍ଟ ହେବାରୁ ବଞ୍ଚାଇଥାଏ, ଫ୍ଲେଭୋନଏଡ୍ସ ଥାଏ, ଯାହା ହୃଦୟ ସ୍ୱାସ୍ଥ୍ୟ ପାଇଁ ଭଲ ହୋଇଥାଏ ଏବଂ ଖଟା ଫଳରେ ପ୍ରଚୁର ପରିମାଣରେ ଫାଇବର ଥାଏ, ଯାହା ହଜମରେ ସାହାଯ୍ୟ କରେ ଏବଂ ଆପଣଙ୍କ ଓଜନକୁ ମଧ୍ୟ ନିୟନ୍ତ୍ରଣରେ ରଖେ ।







## ଆଟଲାଣ୍ଟିକ୍ ପ୍ରବାହର ବିପର୍ଯ୍ୟୟ: ଏକ ଆସନ୍ନ ବିପଦ

ବିଶ୍ୱ ଜଳବାୟୁ ପ୍ରଣାଳୀର ଏକ ଗୁରୁତ୍ୱପୂର୍ଣ୍ଣ ଅଂଶ ଭାବରେ ଆଟଲାଣ୍ଟିକ୍ ମେରିଡିଓନାଲ୍ ଓଭରଟର୍ନିଂ ସର୍କୁଲେସନ୍ (**AMOC**) କାର୍ଯ୍ୟ କରେ । ଏହା ଉତ୍ତର ଗୋଲାର୍ଦ୍ଧର ଜଳବାୟୁକୁ ନିୟନ୍ତ୍ରଣ କରିବାରେ ଏକ ପ୍ରମୁଖ ଭୂମିକା ଗ୍ରହଣ କରିଥାଏ । ନିକଟରେ ପ୍ରକାଶିତ ଏକ ବୈଜ୍ଞାନିକ ଅଧ୍ୟୟନ ସମଗ୍ର ବିଶ୍ୱକୁ ଚକିତ କରିଛି । ଏହି ଅଧ୍ୟୟନ ଅନୁଯାୟୀ, **AMOC**ର ବିପର୍ଯ୍ୟୟ ଆଉ ଏକ ନିମ୍ନ ସମ୍ଭାବନାର ଘଟଣା ହୋଇ ରହିନାହିଁ, ବରଂ ଏହା ଏକ ଅଧିକ ବାସ୍ତବ ସମ୍ଭାବନାରେ ପରିଣତ ହୋଇଛି । ଏହି 'ଚକିତ କଲା ଭଳି' ଆବିଷ୍କାର ଜୀବାଶ୍ମ ଇନ୍ଧନରୁ ନିର୍ଗତ ଅଙ୍ଗାରକ ଗ୍ୟାସକୁ ତୁରନ୍ତ ହ୍ରାସ କରିବାର ଜରୁରୀ ଆବଶ୍ୟକତାକୁ ଦର୍ଶାଉଛି, ଯାହା ବିନାଶକାରୀ ପରିଣାମକୁ ଏଡ଼ାଇବା ପାଇଁ ଅପରିହାର୍ଯ୍ୟ । ଏହି ସାମୁଦ୍ରିକ ପ୍ରବାହର ଭବିଷ୍ୟତ କେବଳ ୟୁରୋପ ନୁହେଁ, ସମଗ୍ର ବିଶ୍ୱର ଜଳବାୟୁ ଏବଂ ମାନବ ସଭ୍ୟତାର ଭବିଷ୍ୟତକୁ ପ୍ରଭାବିତ କରିବାର ସାମର୍ଥ୍ୟ ରଖେ ।

**AMOC** ହେଉଛି ଆଟଲାଣ୍ଟିକ୍ ମହାସାଗରରେ ପ୍ରବାହିତ ଏକ ବିଶାଳ ସାମୁଦ୍ରିକ ପ୍ରବାହ ପ୍ରଣାଳୀ, ଯାହାକୁ ଅନେକ ସମୟରେ 'ମହାସାଗରର କନଭେୟର ବେଲ୍ଟ' ଭାବରେ ବର୍ଣ୍ଣନା କରାଯାଏ । ଏହା ସୂର୍ଯ୍ୟ ତାପରେ ଉଷ୍ମ ହୋଇଥିବା ବିଷୁବମଣ୍ଡଳୀୟ ଜଳକୁ ଉତ୍ତର ଆଟଲାଣ୍ଟିକ୍, ବିଶେଷ କରି ୟୁରୋପ ଏବଂ ଆର୍କଟିକ୍ ଅଞ୍ଚଳକୁ ନେଇଯାଏ । ଏହି ଉଷ୍ମ ଜଳ ୟୁରୋପର ଜଳବାୟୁକୁ ଅପେକ୍ଷାକୃତ ଉଷ୍ମ ରଖିବାରେ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରେ, ଯାହା ସମାନ ଅକ୍ଷାଂଶରେ ଥିବା ଅନ୍ୟାନ୍ୟ ଅଞ୍ଚଳ ତୁଳନାରେ ଏଠାରେ ହାଲୁକା ଶୀତଦିନ ଦେଖିବାକୁ ମିଳେ । ଉତ୍ତରକୁ ଗତି କରିବା ପରେ, ଏହି ଜଳ ଥଣ୍ଡା ହୁଏ, ଘନ ହୁଏ ଏବଂ ତା'ପରେ ଗଭୀରକୁ ବୁଡ଼ିଯାଇ ଦକ୍ଷିଣକୁ ଏକ ପ୍ରତ୍ୟାବର୍ତ୍ତନ ପ୍ରବାହ ସୃଷ୍ଟି କରେ । ଏହି ପ୍ରାକୃତିକ ପ୍ରକ୍ରିୟା ମହାସାଗରରେ ତାପମାତ୍ରା ଏବଂ ଲୁଣିଆପଣର ସନ୍ତୁଳନ ବଜାୟ ରଖିବାରେ ସାହାଯ୍ୟ କରେ । ବୈଜ୍ଞାନିକମାନେ ପୂର୍ବରୁ ଜାଣିଥିଲେ ଯେ ଜଳବାୟୁ ସଙ୍କଟ ଯୋଗୁଁ **AMOC** ଗତ ୧,୬୦୦ ବର୍ଷ ମଧ୍ୟରେ ଏହାର ସର୍ବନିମ୍ନ ସ୍ତରରେ ରହିଛି, ଯାହା ଏହାର ଦୁର୍ବଳତା ଏବଂ ଭବିଷ୍ୟତର ବିପଦକୁ ସୂଚାଉଥିଲା ।

ପୂର୍ବରୁ, ବିଶ୍ୱ ଜଳବାୟୁ ମଡେଲ୍ ଗୁଡ଼ିକର ଅଧିକାଂଶ ପୂର୍ବାନୁମାନ ସୂଚାଇଥିଲା ଯେ ୨୧୦୦ ମସିହା ପୂର୍ବରୁ AMOC ର ସମ୍ପୂର୍ଣ୍ଣ ବିପର୍ଯ୍ୟୟ ଅସମ୍ଭବ ଥିଲା କିମ୍ବା ଏହାର ସମ୍ଭାବନା ଅତ୍ୟନ୍ତ କମ୍ ଥିଲା । କିନ୍ତୁ ନୂତନ ବିଶ୍ଳେଷଣ, ଯାହା 'ଏନଭାଇରନମେଣ୍ଟାଲ୍ ରିସର୍ଚ୍ଚ ଲେଟର୍ସ' ପତ୍ରିକାରେ ପ୍ରକାଶିତ ହୋଇଛି, ତାହା ଇଣ୍ଟରଗଭର୍ଣ୍ଣମେଣ୍ଟାଲ୍ ପ୍ୟାନେଲ୍ ଅନ୍ କ୍ଲାଇମେଟ୍ ଚେଞ୍ଜ୍ (**IPCC**) ଦ୍ୱାରା ବ୍ୟବହୃତ ମାନକ ମଡେଲ୍‌ଗୁଡ଼ିକୁ ପରୀକ୍ଷା କରିଛି । ବିଶେଷ କରି, ଏହି ଅଧ୍ୟୟନ ସେହି ମଡେଲ୍‌ଗୁଡ଼ିକୁ ଯାଞ୍ଚ କରିଛି ଯାହା ୨୩୦୦ ଏବଂ ୨୫୦୦ ମସିହା ପର୍ଯ୍ୟନ୍ତ କାର୍ଯ୍ୟ କରୁଥିଲା । ଏହି ନୂତନ ତଥ୍ୟ ଅଧିକ ଭୟଙ୍କର ଚିତ୍ର ପ୍ରଦାନ କରୁଛି । ଅଧ୍ୟୟନ ଦର୍ଶାଉଛି ଯେ **AMOC** ର ଅପରିହାର୍ଯ୍ୟ ବନ୍ଦ ହେବା ପାଇଁ ଟିପିଙ୍ଗ୍ ପଏଣ୍ଟ (ଯେଉଁଠାରୁ ପ୍ରତ୍ୟାବର୍ତ୍ତନ ଅସମ୍ଭବ ହୋଇଯାଏ) ଆଗାମୀ କିଛି ଦଶନ୍ଧି ମଧ୍ୟରେ ଅତିକ୍ରମ କରିବାର ସମ୍ଭାବନା ଅଛି, ଯଦିଓ ପ୍ରକୃତ ବିପର୍ଯ୍ୟୟ ୫୦ ରୁ ୧୦୦ ବର୍ଷ ପରେ ହୋଇପାରେ । ଏହାର ଅର୍ଥ ହେଉଛି, ଆମେ ବର୍ତ୍ତମାନ ଯେଉଁ ନିଷ୍ପତ୍ତି ନେଉଛୁ, ତାହା ଶତାବ୍ଦୀର ଶେଷ ଭାଗରେ ଏକ ବିରାଟ ପରିବର୍ତ୍ତନ ଆଣିପାରେ ।

ଅଧ୍ୟୟନରୁ ଜଣାପଡ଼ିଛି ଯେ ଯଦି ଅଙ୍ଗାରକ ନିର୍ଗମନ ବର୍ତ୍ତମାନର ଗତିରେ ବୃଦ୍ଧି ପାଇବା ଜାରି ରହେ, ତେବେ ୭୦% ମଡେଲ୍‌ରେ **AMOC** ର ସମ୍ପୂର୍ଣ୍ଣ ବିପର୍ଯ୍ୟୟ ଘଟିବ । ଯଦି ନିର୍ଗମନର ସ୍ତର ମଧ୍ୟମ ରୁହେ, ତେବେ ୩୭% ମଡେଲ୍‌ରେ ବିପର୍ଯ୍ୟୟ ଘଟିବାର ସମ୍ଭାବନା ଅଛି । ଆହୁରି ଚିନ୍ତାଜନକ ବିଷୟ ହେଉଛି, ଏପରିକି ନିମ୍ନ ନିର୍ଗମନ ପରିସ୍ଥିତିରେ, ଯାହା ପ୍ୟାରିସ୍ ଚୁକ୍ତିର ଲକ୍ଷ୍ୟ ପୂରଣ କରିବାକୁ ଉଦ୍ଦିଷ୍ଟ, ୨୫% ମଡେଲ୍‌ରେ **AMOC**ର ବନ୍ଦ ହେବା ଦେଖାଯାଇଛି । ଏହି ତଥ୍ୟ ସ୍ପଷ୍ଟ ଭାବରେ ଦର୍ଶାଉଛି ଯେ ଏହି ବିପଦ ପୂର୍ବ ଅପେକ୍ଷା ଅଧିକ ବାସ୍ତବ ଏବଂ ଅଧିକ ନିକଟତର ।

ପଟ୍‌ସଡାମ୍ ଇନଷ୍ଟିଚ୍ୟୁଟ୍ ଫର୍ କ୍ଲାଇମେଟ୍ ଇମ୍ପାକ୍ଟ ରିସର୍ଚ୍ଚର ବୈଜ୍ଞାନିକମାନେ, ଯିଏ ଏହି ଅଧ୍ୟୟନ ଦଳର ଅଂଶ ଥିଲେ, ଏହି ନୂତନ ଫଳାଫଳକୁ 'ଅତ୍ୟନ୍ତ ଚକିତ କଲା ଭଳି' ବୋଲି ବର୍ଣ୍ଣନା କରିଛନ୍ତି । ସେମାନେ ପୂର୍ବରୁ ଭାବୁଥିଲେ ଯେ ବିଶ୍ୱ ତାପନ ଯୋଗୁଁ **AMOC** ଭୁଶୁଡ଼ିବାର ସମ୍ଭାବନା କମ୍ ଥିଲା । ବର୍ତ୍ତମାନ, ସେମାନେ କହିଛନ୍ତି ଯେ ଏପରିକି ଏକ ନିମ୍ନ-ନିର୍ଗମନ ପରିସ୍ଥିତିରେ ମଧ୍ୟ ଏହି ସମ୍ଭାବନା ବୃଦ୍ଧି ପାଇଛି । ସେମାନେ ସ୍ପଷ୍ଟ କରିଛନ୍ତି ଯେ **AMOC** ର ବନ୍ଦ ହେବା ଅପରିହାର୍ଯ୍ୟ ହେବା ପାଇଁ ଟିପିଙ୍ଗ୍ ପଏଣ୍ଟ ବୋଧହୁଏ ଆଗାମୀ ୧୦ ରୁ ୨୦ ବର୍ଷ ମଧ୍ୟରେ ଆସିବ । ଏହା ଏକ 'ଚକିତ କଲା ଭଳି' ଖୋଜା ଏବଂ ଏଥିପାଇଁ ଆମକୁ ନିର୍ଗମନ ହ୍ରାସ କରିବାରେ ଅତ୍ୟନ୍ତ ଶୀଘ୍ର କାର୍ଯ୍ୟ କରିବାକୁ ପଡିବ। ରୟାଲ୍ ନେଦରଲାଣ୍ଡସ୍ ମେଟେଓରୋଲୋଜିକାଲ୍ ଇନଷ୍ଟିଚ୍ୟୁଟ୍‌ର ବୈଜ୍ଞାନିକମାନେ, ଯିଏ ମଧ୍ୟ ଏହି ଦଳର ଅଂଶ ଥିଲେ, କହିଛନ୍ତି ଯେ ଗତ ୫ରୁ ୧୦ ବର୍ଷ ମଧ୍ୟରେ ଗଭୀର ଉତ୍ତର ଆଟଲାଣ୍ଟିକ୍‌ରେ ପୂର୍ବରୁ ହିଁ ହ୍ରାସମୁଖୀ ଧାରା ଦେଖାଯାଉଛି, ଯାହା ମଡେଲ୍‌ଗୁଡ଼ିକର ପୂର୍ବାନୁମାନ ସହିତ ସୁସଙ୍ଗତ ।

**AMOC** ର ବିପର୍ଯ୍ୟୟକୁ 'ଯେକୌଣସି ମୂଲ୍ୟରେ' ଏଡ଼ାଇବାକୁ ବୈଜ୍ଞାନିକମାନେ ପୂର୍ବରୁ ଚେତାବନୀ ଦେଇଛନ୍ତି । ଏହାର ପରିଣାମ ବିଶ୍ୱବ୍ୟାପୀ ଭୟଙ୍କର ହେବ ଏବଂ ମାନବ ସମାଜ ଉପରେ ଦୂରଗାମୀ ପ୍ରଭାବ ପକାଇବ । ପ୍ରମୁଖ ପରିଣାମଗୁଡ଼ିକ ମଧ୍ୟରେ, **AMOC** ର ବନ୍ଦ ହେବା ଦ୍ୱାରା ବିଶ୍ୱର ବର୍ଷା ଅଞ୍ଚଳ, ବିଶେଷ କରି ଇଣ୍ଟରଟ୍ରପିକାଲ୍ କନଭର୍ଜେନ୍ସ ଜୋନ୍ (**ITCZ**) ବା ବିଷୁବମଣ୍ଡଳୀୟ ବର୍ଷା ବେଲ୍ଟ ସ୍ଥାନାନ୍ତରିତ ହୋଇଯିବ। **AMOC** ମହାସାଗରରେ ତାପମାତ୍ରା ବଣ୍ଟନକୁ ପ୍ରଭାବିତ କରୁଥିବାରୁ, ଏହାର ବିପର୍ଯ୍ୟୟ ଉତ୍ତର ଆଟଲାଣ୍ଟିକ୍‌ରେ ଗୁରୁତ୍ୱପୂର୍ଣ୍ଣ ଶୀତଳତା ଆଣିବ, ଯାହା ବାୟୁମଣ୍ଡଳୀୟ ସଞ୍ଚାଳନ ପାଟର୍ନକୁ ବ୍ୟାପକ ଭାବରେ ବ୍ୟାଘାତ କରିବ । **ITCZ** ହେଉଛି ସେହି ଅଞ୍ଚଳ ଯେଉଁଠାରେ ଉଷ୍ମ, ଆର୍ଦ୍ର ବାୟୁ ଏକତ୍ରିତ ହୋଇ ଉପରକୁ ଉଠେ, ଯାହା ପ୍ରବଳ ବର୍ଷା ସୃଷ୍ଟି କରେ । ଯଦି ଉତ୍ତର ଗୋଲାର୍ଦ୍ଧ **AMOC**ର ବିପର୍ଯ୍ୟୟ ଯୋଗୁଁ ଯଥେଷ୍ଟ ଥଣ୍ଡା ହୁଏ, ତେବେ **ITCZ** ଦକ୍ଷିଣ ଆଡକୁ ସ୍ଥାନାନ୍ତରିତ ହେବାର ସମ୍ଭାବନା ଅଛି । ଏହି ଦକ୍ଷିଣମୁଖୀ ସ୍ଥାନାନ୍ତରଣର ଅର୍ଥ ହେଉଛି ଯେ ଯେଉଁ ଅଞ୍ଚଳଗୁଡ଼ିକ ବର୍ତ୍ତମାନ କୃଷି ପାଇଁ ଏହି ମୌସୁମୀ ବର୍ଷା ଉପରେ ନିର୍ଭର କରନ୍ତି, ସେମାନେ ଭୟଙ୍କର ମରୁଡ଼ିର ସମ୍ମୁଖୀନ ହେବେ, ଯାହା ଖାଦ୍ୟ ଉତ୍ପାଦନକୁ ଗୁରୁତର ଭାବରେ ପ୍ରଭାବିତ କରିବ । ଅନ୍ୟପକ୍ଷରେ, ଦକ୍ଷିଣରେ ଥିବା ଅନ୍ୟାନ୍ୟ, ବୋଧହୁଏ ଅପ୍ରସ୍ତୁତ, ଅଞ୍ଚଳଗୁଡ଼ିକ ଅସାମୟିକ କିମ୍ବା ଅତ୍ୟଧିକ ବର୍ଷା ଅନୁଭବ କରିପାରନ୍ତି, ଯାହା ବନ୍ୟା ପରିସ୍ଥିତି ସୃଷ୍ଟି କରିବ । ଏହି ବ୍ୟାଘାତ ବହୁ ସଂଖ୍ୟକ ଜନସଂଖ୍ୟାର କୃଷି ଉତ୍ପାଦକତାକୁ ସିଧାସଳଖ ପ୍ରଭାବିତ କରିବ, ଯାହା ଖାଦ୍ୟ ଅସୁରକ୍ଷା, ବ୍ୟାପକ ଜନସଂଖ୍ୟା ସ୍ଥାନାନ୍ତରଣ ଏବଂ ସମ୍ବଳକୁ ନେଇ ସମ୍ଭାବ୍ୟ ବିବାଦର କାରଣ ହୋଇପାରେ । ଏହା ବ୍ୟତୀତ, **AMOC**ର ଉଷ୍ମ ଜଳ ପ୍ରବାହ ବନ୍ଦ ହେବା ଦ୍ୱାରା ପଶ୍ଚିମ ୟୁରୋପରେ ଅତ୍ୟଧିକ ଥଣ୍ଡା ଶୀତଦିନ ଏବଂ ଗ୍ରୀଷ୍ମ ଋତୁରେ ଭୟଙ୍କର ମରୁଡ଼ି ପରିସ୍ଥିତି ସୃଷ୍ଟି ହେବ । ଏହା କୃଷି, ଅର୍ଥନୀତି ଏବଂ ଜନଜୀବନକୁ ବ୍ୟାପକ ଭାବରେ ପ୍ରଭାବିତ କରିବ, ଯାହା ବିଶାଳ ଜନସଂଖ୍ୟା ବିସ୍ଥାପନ ଏବଂ ଆର୍ଥିକ ସଙ୍କଟର କାରଣ ହୋଇପାରେ । ଆହୁରି ମଧ୍ୟ, **AMOC** ର ବିପର୍ଯ୍ୟୟ ବର୍ତ୍ତମାନ ବୃଦ୍ଧି ପାଉଥିବା ସମୁଦ୍ର ପତ୍ତନରେ ଆହୁରି ୫୦ ସେଣ୍ଟିମିଟର ବୃଦ୍ଧି ଘଟାଇବ । ଏହା ବିଶେଷ କରି ଉପକୂଳବର୍ତ୍ତୀ ଅଞ୍ଚଳ ପାଇଁ ବିନାଶକାରୀ ହେବ, ଯାହା ଅନେକ ସହର ଏବଂ ନିମ୍ନ ଭୂମିକୁ ଜଳମଗ୍ନ କରିବାର ଆଶଙ୍କା ରହିଛି ।

ଏହି ବିପର୍ଯ୍ୟୟର ମୂଳ କାରଣ ହେଉଛି ଜଳବାୟୁ ସଙ୍କଟ ଯୋଗୁଁ ଆର୍କଟିକ୍ ଅଞ୍ଚଳରେ ବାୟୁ ତାପମାତ୍ରାର ଦ୍ରୁତ ବୃଦ୍ଧି । ଏହି ତାପମାତ୍ରା ବୃଦ୍ଧି ଯୋଗୁଁ ସମୁଦ୍ର ସେଠାରେ ଧୀରେ ଧୀରେ ଥଣ୍ଡା ହୁଏ । ଉଷ୍ମ ଜଳ କମ୍ ଘନ ହୋଇଥିବାରୁ ଏହା ଗଭୀରକୁ ଧୀରେ ଧୀରେ ବୁଡ଼ିଯାଏ । ଏହି ମନ୍ଥରତା ଯୋଗୁଁ ଲୁଣିଆ ପୃଷ୍ଠ ଜଳରେ ଅଧିକ ବର୍ଷା ଜଳ ଜମା ହୁଏ, ଯାହା ଏହାକୁ ଆହୁରି କମ୍ ଘନ କରିଥାଏ ଏବଂ ବୁଡ଼ିବା ପ୍ରକ୍ରିୟାକୁ ଆହୁରି ମନ୍ଥର କରି ଏକ ପ୍ରତିକ୍ରିୟା ଚକ୍ର (**self-amplifying feedback loop**) ସୃଷ୍ଟି କରେ । ଅର୍ଥାତ୍, ଯେତେ **AMOC** ଦୁର୍ବଳ ହେଉଛି, ତାହା ନିଜେ ନିଜକୁ ଆହୁରି ଦୁର୍ବଳ କରିବାରେ ସାହାଯ୍ୟ କରୁଛି । ଏହା ବ୍ୟତୀତ, ଗ୍ରୀନଲାଣ୍ଡ ବରଫ କ୍ୟାପ୍‌ରୁ ତରଳୁଥିବା ବିଶାଳ ଜଳରାଶି ମଧ୍ୟ ସମୁଦ୍ର ଜଳକୁ କମ୍ ଲୁଣିଆ କରୁଛି, ଯାହା **AMOC**କୁ ଆହୁରି ଦୁର୍ବଳ କରୁଛି । ଉଲ୍ଲେଖଯୋଗ୍ୟ ଯେ, ଏହି ମଡେଲ୍‌ଗୁଡ଼ିକରେ ଗ୍ରୀନଲାଣ୍ଡ ବରଫ ତରଳିବାର ପ୍ରଭାବ ସମ୍ପୂର୍ଣ୍ଣ ଭାବରେ ଅନ୍ତର୍ଭୁକ୍ତ କରାଯାଇ ନାହିଁ, ତେଣୁ ପ୍ରକୃତ ସମ୍ଭାବନା ଆହୁରି ଖରାପ ହୋଇପାରେ ବୋଲି ଅନୁମାନ କରାଯାଉଛି ।

**AMOC**ର ବିପର୍ଯ୍ୟୟ କେବଳ ୟୁରୋପ କିମ୍ବା ଆଟଲାଣ୍ଟିକ୍ ଅଞ୍ଚଳକୁ ପ୍ରଭାବିତ କରିବ ନାହିଁ, ବରଂ ଏହାର ପ୍ରଭାବ ବିଶ୍ୱବ୍ୟାପୀ ଅନୁଭୂତ ହେବ, ବିଶେଷ କରି ଭାରତ ଭଳି ଦେଶଗୁଡ଼ିକରେ ଯାହା ମୌସୁମୀ ବର୍ଷା ଉପରେ ଅତ୍ୟଧିକ ନିର୍ଭରଶୀଳ । **AMOC**ର ଦୁର୍ବଳତା ବିଶ୍ୱର ବାୟୁମଣ୍ଡଳୀୟ ସଞ୍ଚାଳନ ପାଟର୍ନକୁ ବଦଳାଇ ଦେବ, ଯାହା ଭାରତୀୟ ମୌସୁମୀ ଉପରେ ଗଭୀର ପ୍ରଭାବ ପକାଇପାରେ । ଯଦି ବିଷୁବମଣ୍ଡଳୀୟ ବର୍ଷା ବେଲ୍ଟ (**ITCZ**) ଦକ୍ଷିଣ ଆଡକୁ ସ୍ଥାନାନ୍ତରିତ ହୁଏ, ତେବେ ଏହା ଭାରତରେ ମୌସୁମୀ ବର୍ଷାର ପରିମାଣ ଏବଂ ସମୟକୁ ଅନିୟମିତ କରିପାରେ । ଏହାର ଅର୍ଥ ହେଉଛି ଅଧିକ ମରୁଡ଼ି କିମ୍ବା ଅତ୍ୟଧିକ ବର୍ଷା ଓ ବନ୍ୟା ପରିସ୍ଥିତିର ସମ୍ଭାବନା ବୃଦ୍ଧି ପାଇବ । ଭାରତର କୃଷି, ଯାହା ଦେଶର ଅର୍ଥନୀତିର ମେରୁଦଣ୍ଡ, ମୌସୁମୀ ଉପରେ ଅତ୍ୟଧିକ ନିର୍ଭରଶୀଳ । ମୌସୁମୀର ଅନିୟମିତତା ଫସଲ ଉତ୍ପାଦନରେ ହ୍ରାସ ଘଟାଇବ, ଯାହା ଖାଦ୍ୟ ସୁରକ୍ଷାକୁ ବିପଦରେ ପକାଇବ ଏବଂ ଗ୍ରାମୀଣ ଅର୍ଥନୀତି ଉପରେ ନକାରାତ୍ମକ ପ୍ରଭାବ ପକାଇବ। ଏହା ବ୍ୟତୀତ, ଜଳ ସଙ୍କଟ, ବିଦ୍ୟୁତ୍ ଉତ୍ପାଦନରେ ବ୍ୟାଘାତ ଏବଂ ଜନଜୀବନ ଉପରେ ବ୍ୟାପକ ପ୍ରଭାବ ପଡିପାରେ ।

ଏହି ନୂତନ ଅଧ୍ୟୟନ ଏକ ସ୍ପଷ୍ଟ ଏବଂ ଜରୁରୀ ସନ୍ଦେଶ ଦେଉଛି: ଆମ ପାଖରେ ସମୟ ଅତ୍ୟନ୍ତ କମ୍ । **IPCC**ର ମଡେଲ୍‌ଗୁଡ଼ିକର ବିଶ୍ଳେଷଣରୁ ଜଣାପଡ଼ିଛି ଯେ **AMOC** ର ଅଚାନକ ବିପର୍ଯ୍ୟୟ ଆଉ 'ନିମ୍ନ-ସମ୍ଭାବନା-ଉଚ୍ଚ-ପ୍ରଭାବ' ଘଟଣା ହୋଇ ରହିନାହିଁ । ଏହା ଏକ ବାସ୍ତବ ଏବଂ ନିକଟତର ବିପଦ, ଯାହାର ପରିଣାମ ମାନବ ସମାଜ ପାଇଁ ଅତ୍ୟନ୍ତ ବିନାଶକାରୀ ହେବ । ଯଦିଓ ଏହି ଅଧ୍ୟୟନଗୁଡ଼ିକରେ କିଛି ଅନିଶ୍ଚିତତା ରହିଛି, ତଥାପି ଏହା ଦର୍ଶାଉଛି ଯେ ଆମେ ଏକ ବିପଜ୍ଜନକ ମୋଡ଼ରେ ଅଛୁ । ମହାସାଗର ପୂର୍ବରୁ ହିଁ ବଦଳୁଛି, ଏବଂ ଉତ୍ତର ଆଟଲାଣ୍ଟିକ୍ ସମ୍ମିଳନୀରେ ଅନୁମାନିତ ପରିବର୍ତ୍ତନଗୁଡ଼ିକ ଏକ ପ୍ରକୃତ ଚିନ୍ତାର ବିଷୟ । ଆଟଲାଣ୍ଟିକ୍ ପ୍ରବାହର ଭବିଷ୍ୟତ ଏବେ ବି ଆମ ହାତରେ ଅଛି । ସମୟ ବହୁତ କମ୍, ଏବଂ କାର୍ଯ୍ୟ କରିବାର ମୁହୂର୍ତ୍ତ ଏବେ ।

## ଉତ୍ତମ ଜୀବନ ପାଇଁ ଠିକ୍ ଖାଆନ୍ତୁ

ଜ୍ୟୋତିରଞ୍ଜନ ଚମ୍ପତିରାୟ

ପ୍ରତିବର୍ଷ ସେପ୍ଟେମ୍ବର ୧ରୁ ୭ ତାରିଖ ପର୍ଯ୍ୟନ୍ତ ଜାତୀୟ ପୁଷ୍ଟି ସପ୍ତାହ ପାଳିତ ହୋଇଥାଏ। କେନ୍ଦ୍ର ସରକାରଙ୍କ ସ୍ୱାସ୍ଥ୍ୟ ବିଭାଗ ସହ ଓଡ଼ିଶା ସରକାରଙ୍କ ମହିଳା ଓ ଶିଶୁବିଭାଗ ଏହି ସପ୍ତାହରେ ବିଭିନ୍ନ ସଚେତନଧର୍ମୀ ଓ ସହାୟତା ଭିତ୍ତିକ କାର୍ଯ୍ୟକ୍ରମ ହାତକୁ ନେଇଥାନ୍ତି। ଚଳିତ ବର୍ଷର ଏହି ଜାତୀୟସ୍ତରର ପୁଷ୍ଟି ସପ୍ତାହ ଅବସର ପାଇଁ ସ୍ଲୋଗାନ ରହିଛି 'ଉତ୍ତମ ଜୀବନ ପାଇଁ ଠିକ ଖାଆନ୍ତୁ' ('Eat Right for a Better Life')। ବିଶେଷକରି ପିଲାମାନଙ୍କର ଅଭିଭାବକମାନେ ଏହି ପୁଷ୍ଟି ପ୍ରସଙ୍ଗକୁ ଅଣହେଳା କରିଥାନ୍ତି। ଏକ ସୁନ୍ଦର ଶିଶୁର ସ୍ୱାସ୍ଥ୍ୟ ତା'ର ପରବର୍ତ୍ତୀ ବିକଶିତ ବୟୋବୃଦ୍ଧି ପାଇଁ ଯେ ନିତ୍ୟାନ୍ତ ଅପରିହାର୍ଯ୍ୟ ଏହାକୁ ସମସ୍ତେ ହୃଦୟଙ୍ଗମ କରିବା ଉଚିତ। କୁହାଯାଏ ଆଜିର ଶିଶୁଟି ହେଉଛି ଆସନ୍ତା କାଲିର ଭବିଷ୍ୟତ। ହେଲେ ଶିଶୁଟିର ସ୍ୱାସ୍ଥ୍ୟ ଅବସ୍ଥା ଯଦି ଅବହେଳାର ଶିକାର ହୁଏ ତାହାଲେ ପିଲାଟି ଅନେକ ରୋଗର ଶିକାର ହେବା ସହ କେବଳ ତା'ର ଶାରୀରିକ ନୁହେଁ ମାନସିକ ଓ ବୌଦ୍ଧିକ ବିକାଶ ମଧ୍ୟ ବାଧାପ୍ରାପ୍ତ ହୋଇଥାଏ। ତେବେ ଉତ୍ତମ ପୁଷ୍ଟି ପାଇଁ ଜରୁରୀ କଥା ହେଉଛି ନବଜାତ ଶିଶୁପାଇଁ ମାଆର ପ୍ରଥମ କ୍ଷୀର ବା କଷ କ୍ଷୀର ତା' ସ୍ୱାସ୍ଥ୍ୟପାଇଁ ଏକ ଦିବ୍ୟ ସଞ୍ଜିବନୀ କହିଲେ ଅତ୍ୟୁକ୍ତି ହେବନାହିଁ। ଏଥିରେ ସମସ୍ତ ପ୍ରକାର ପୌଷ୍ଟିକତା ରହିବା ସହ ବିଶେଷକରି ଶିଶୁପାଇଁ ଏହା ଏକ ପ୍ରକାର ଈଶ୍ୱରପ୍ରଦତ୍ତ ରୋଗ ପ୍ରତିରୋଧକ ଶକ୍ତିକାରୀ ଅମୂଲ୍ୟ ଜିନିଷଟି। ନୂଆ ଜନ୍ମ ହୋଇଥିବା ପିଲାକୁ ପ୍ରଥମ ଛଅମାସ କେବଳ ମାଆ କ୍ଷୀର ନିହାତି ଜରୁରୀ। ଶିଶୁଟି ଯେତେଥର ଚାହୁଁଛି ମାଆମାନେ ପିଲାଙ୍କୁ ସ୍ତନ୍ୟପାନ ପ୍ରଦାନ କରନ୍ତୁ। ଶିଶୁଟିର ବୟସ ଛଅମାସ ପରେ ହେଲେ ଶିଶୁ ବିଶେଷଜ୍ଞଙ୍କ ପରାମର୍ଶ ନେଇ ଘରୋଇ ପ୍ରସ୍ତୁତ ଖାଦ୍ୟ ଦିଅନ୍ତୁ। ତେବେ ଏହାସହିତ ଦୁଇ ବର୍ଷ ଯାଏ ପିଲାଟି ଯେପରି ମାଆ କ୍ଷୀର ପାଏ ଏ କ୍ଷେତ୍ରରେ ମାଆମାନେ ଯତ୍ନବାନ ହେବା ଜରୁରୀ। କେହି କେହି ମାଆକ୍ଷୀର ଅପେକ୍ଷା ବଜାର ପ୍ରସ୍ତୁତ ଡବା ପାଉଡର, ପ୍ରୋଟିନଯୁକ୍ତ ଖାଦ୍ୟ ଦେବାକୁ ଚାହିଁଥାନ୍ତି କିନ୍ତୁ ମନେରଖିବା କଥା ଯେ, ମାଆ କ୍ଷୀର ପରି କୌଣସି ଖାଦ୍ୟ ପଦାର୍ଥ ତୁଳନୀୟ ନୁହେଁ। ବିଶେଷକରି ମାଆମାନେ ଯତ୍ନବାନ ହେବା କଥା ଯେ ଶିଶୁଟି ଯେଉଁ ଖାଦ୍ୟ ଖାଉଛି ସେଥିରେ ସବୁଜ ଶାଗ, ତଟକା ପନିପରିବା, ଫଳ, ତେଲ, ଚିନି, ଗୁଡ଼, ବାଦାମ ଓ ଆୟୋଡ଼ିନଯୁକ୍ତ ଲୁଣ ଯେପରି ସାମିଲ ହେବ। ଓଡ଼ିଆ ଘରର ଚଳଣିରେ ଅଧିକାଂଶ ଗାଁଗଣ୍ଡାର ମାଆ ମାନେ ପିଲାଟିର ସ୍ୱାସ୍ଥ୍ୟକୁ ଯତ୍ନରେ ରଖି ନିଜ ଖାଦ୍ୟ ଓ ବିଶ୍ରାମକୁ ପଛରେ ପକାଇ ଦେଇଥାନ୍ତି ଏହା କିନ୍ତୁ ଠିକ୍ ନୁହେଁ। ଶିଶୁକୁ କ୍ଷୀର ଦେଉଥିବା ମାଆମାନେ ନିର୍ଦ୍ଦିଷ୍ଟ ସମୟର ବିଶ୍ରାମ ସହିତ ସେମାନେ ଯେପରି ପୁଷ୍ଟିକର ଖାଦ୍ୟ ଖାଇବେ ସେଥିପ୍ରତି ଯତ୍ନବାନ ନିହାତି ଜରୁରୀ କାରଣ ମାଆଟିର ସ୍ୱାସ୍ଥ୍ୟ ସୁରକ୍ଷିତ ରହିଲେ ଶିଶୁଟିର ମଧ୍ୟ ସେହିପରି ଭାବରେ ଉତ୍ତମ ଅଭିବୃଦ୍ଧି ଓ ବିକାଶ ସମ୍ଭବ ହୋଇପାରିବ।

ପିଲାମାନେ ବିଶେଷକରି ନବଜାତ ଶିଶୁମାନଙ୍କ ସ୍ୱାସ୍ଥ୍ୟ ପ୍ରତି ଯତ୍ନ ନେବା ବେଳେ ପରିପାର୍ଶ୍ୱିକ କ୍ଷେତ୍ରକୁ ଦୃଷ୍ଟି ଦେବା ଅତ୍ୟନ୍ତ ଅପରିହାର୍ଯ୍ୟ। କାରଣ ବିଭିନ୍ନ ରୋଗ ସଂକ୍ରମଣ ହେତୁ ଶରୀରରେ ପୁଷ୍ଟିକର ତତ୍ତ୍ୱର କ୍ଷତି ହୋଇଥାଏ। ଯାହାଦ୍ୱାରା ଶିଶୁଟି ବିଭିନ୍ନ ରୋଗର ସହଜ ଶିକାର ହୋଇଥାଏ। ସେହିପରି ବ୍ୟକ୍ତିଗତ ଓ ଭୋଜନଗତ ସ୍ୱଚ୍ଛତାକୁ ଧ୍ୟାନ ଦେଇ ନିଜ ପରିବେଶକୁ ସ୍ୱଚ୍ଛ ରଖିପାରିଲେ ରୋଗ ସଂକ୍ରମଣକୁ ରୋକାଯାଇପାରିବ। ବର୍ତ୍ତମାନ ପରି ସାଧାରଣତଃ ବର୍ଷା ଦିନିଆ ପରିବେଶରେ ମାଆମାନେ ପିଲାଙ୍କ ଯତ୍ନ ନେଲାବେଳେ କିଛି ଘଟଣାକୁ ଅଣଦେଖା କରିଦିଅନ୍ତି। ପିଇବା ପାଣି ବି ଯେପରି ନିଶ୍ଚିନ୍ତ ଭାବରେ ଭଲଭାବରେ ଫୁଟା ଯାଇଥିବ ସେଥିପ୍ରତି ଧ୍ୟାନ ଦିଅନ୍ତୁ। ପିଲାଟିକୁ ପିନ୍ଧାଉଥିବା ପୋଷାକ ଯେପରି ଭଲ ଭାବରେ ସଫା ହୋଇ ସୂର୍ଯ୍ୟକିରଣ ଦ୍ୱାରା ଶୁଖିଥିବ ସେ ଦିଗକୁ ଦୃଷ୍ଟି ଦିଅନ୍ତୁ। କେହି କେହି ପିଲାମାନଙ୍କର ଲୁଗାପଟାକୁ ଫ୍ୟାନରେ ବା ୱାସିଂମେସିନର ଗରମରେ ଶୁଖାଇବାକୁ ପସନ୍ଦ କରିଥାନ୍ତି। କିନ୍ତୁ ଏହା ଆଦୌ ଠିକ୍ ନୁହେଁ। କାରଣ ପୋଷାକରେ ଯଦି ଆର୍ଦ୍ରତା ରହିବ ପିଲାଟି ଥଣ୍ଡାଜ୍ୱରର ଶିକାର ହେବାର ସମ୍ଭାବନା ଅଛି। ସେହିପରି ଖାଦ୍ୟ ପ୍ରସ୍ତୁତି ସମୟରେ ଭଲ ଭାବରେ ଗରମ ହୋଇଥିବା ଖାଦ୍ୟକୁ ଶୀତଳ କରି ପିଲାମାନଙ୍କୁ ଖାଇବାକୁ ଦିଅନ୍ତୁ। ବଜାରର ପନିପରିବା ଅପେକ୍ଷା ନିଜ ବାଡ଼ିର ବା ଘରୋଇ ପ୍ରସ୍ତୁତ ପରିବା ଯଥା ଅମୃତଭଣ୍ଡା, କଦଳୀ, ସଜନା ଛୁଇଁ, ଶାଗ ଦେଇପାରନ୍ତି। ଗାଜର ବିଟ ବି ଭଲ। ସେହିପରି ପିଲାମାନଙ୍କୁ ତଟକା ଫଳ ଖୋଇବାର ଅଭ୍ୟାସ ରଖନ୍ତୁ କିମ୍ବା ନିଜେ ଘରେ ଜୁସ୍ ତିଆରି କରି ପିଇବାକୁ ଦିଅନ୍ତୁ। ଛୋଟ ପିଲାଙ୍କୁ ଖାଇବାକୁ ଦେବାବେଳେ ଖାଦ୍ୟକୁ ଭଲ ଭାବରେ ଚକଟି ଦିଅନ୍ତୁ। ପିଲାମାନଙ୍କ ପାଇଁ ଚୁଡ଼ାରେ ପ୍ରସ୍ତୁତ ପାଉଡର ଖୁବ୍ ଭଲ। ଡାଲି ଭିତରେ ହରଡ଼ ଡାଲି, ମୁଗଡାଲି ଭଲ। ତେବେ ଡାଲି ପାଣିଟି ପିଲାମାନଙ୍କ ପାଇଁ ଖୁବ୍ ଭଲ। ପିଲାବେଳୁ ଶିଶୁଟିକୁ ରକ୍ତହୀନତାର ସମସ୍ୟାରୁ ଦୂରେଇବା ପାଇଁ ଏହାର ପ୍ରତିରୋଧ ନିମନ୍ତେ ଗର୍ଭବତୀ ମହିଳାମାନେ ଓ ପ୍ରସୂତୀ ମାଆମାନେ ପ୍ରଚୁର ଲୌହସାରଯୁକ୍ତ ଖାଦ୍ୟ ଖାଆନ୍ତୁ ଓ ପିଲାଟିକୁ ମଧ୍ୟ ଦିଅନ୍ତୁ। ସରକାର ଲୌହସାର ଯୁକ୍ତ ବଟିକା ଓ ବିଭିନ୍ନ ପୁଷ୍ଟିକର ଅଭିବୃଦ୍ଧି ପାଇଁ ମାଗଣା ଔଷଧ ପ୍ରଦାନ କରୁଛନ୍ତି ଏହାର ସୁଯୋଗ ନିଅନ୍ତୁ। ପିଲାଟି ଯେପରି ଆୟୋଡ଼ିନଯୁକ୍ତ ଲୁଣ ଖାଉଥାଏ ସେ ଦିଗଟିକୁ ଦେଖନ୍ତୁ। ରୁଗ୍ଣ ଓ ଅତିଶୟ ପୁଷ୍ଟିହୀନ ଶିଶୁପାଇଁ ସଠିକ୍ ଓ ନିର୍ଦ୍ଧାରିତ ସମୟର ପୁଷ୍ଟିକର ଖାଦ୍ୟ ଓ ଅଧିକ ଯତ୍ନ ଆବଶ୍ୟକ। ପିଲାକୁ ଯେ କୌଣସି ଖାଦ୍ୟ ବା ପାନୀୟ ଦେଉଥାନ୍ତି ଶିଶୁରୋଗ ବିଶେଷଜ୍ଞଙ୍କ ମତ ନିଅନ୍ତୁ। ସରକାରଙ୍କ ସ୍ୱାସ୍ଥ୍ୟ ବିଭାଗ ଗର୍ଭବତୀ ମାଆ ଓ ଶିଶୁମାନଙ୍କ ସ୍ୱାସ୍ଥ୍ୟ ପାଇଁ ଅନେକ ସଚେତନଧର୍ମୀ କାର୍ଯ୍ୟକ୍ରମ କରିବା ସହ ପର୍ଯ୍ୟାପ୍ତ ପରିମାଣରେ ଖାଦ୍ୟ ଓ ଔଷଧ ପ୍ରଦାନ କରୁଛନ୍ତି। ସେଥିପାଇଁ ସ୍ୱାସ୍ଥ୍ୟକର୍ମୀ ଓ ଅଙ୍ଗନବାଡ଼ିକର୍ମୀ ମାନେ ଘରେ ଘରେ ପହଞ୍ଚି ଏହି ସୁଯୋଗ ଆପଣମାନଙ୍କ ହାତ ପାହାନ୍ତାରେ ପ୍ରଦାନ କରୁଛନ୍ତି। ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର ଠାରୁ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର, ଜିଲ୍ଲାସ୍ତରୀୟ ଡାକ୍ତରଖାନା ଠାରୁ ଶିଶୁଭବନ ସବୁଠି ଶିଶୁମାନଙ୍କର ଉତ୍ତମ ପୁଷ୍ଟିଜନିତ ଚିକିତ୍ସା ପାଇଁ ଅଭିଜ୍ଞ ଓ ଅନୁଭବୀ ଶିଶୁରୋଗ ବିଶେଷଜ୍ଞ ରହିଛନ୍ତି। ସେମାନଙ୍କ ପରାମର୍ଶ ନିହାତି ନିଅନ୍ତୁ। ଗୁଣୀଗୁଣି ବା କାହାର କାନକୁହା କଥା ଶୁଣି ପିଲାଟିକୁ ଡଉଲଡାଉଲ ଓ ମୋଟା କରିଦେବା ପାଇଁ ନିଜେ କୌଣସି ଖାଦ୍ୟ ବା ଔଷଧ ଦେବା ପୂର୍ବରୁ ଶିଶୁ ବିଶେଷଜ୍ଞଙ୍କ ନିହାତି ପରାମର୍ଶ ନିଅନ୍ତୁ। ଚଳିତବର୍ଷର ଏହି ସପ୍ତାହ ପାଇଁ ରହିଥିବା ସ୍ଲୋଗାନଟି ବେଶ୍ ଗୁରୁତ୍ୱପୂର୍ଣ୍ଣ। ସମାଜର ସାମଗ୍ରୀକ ଆଗାମୀ ଭବିଷ୍ୟତର ବିକାଶ ପାଇଁ ଆଜିର ଶିଶୁମାନଙ୍କ ସ୍ୱାସ୍ଥ୍ୟଗତ ଦିଗ ଓ ପୁଷ୍ଟି ସାଧନ କ୍ଷେତ୍ରକୁ ଗୁରୁତ୍ୱ ଦେଇ ଏହାକୁ ପାଳନ କଲେ ଏହି ଜାତୀୟ ପୁଷ୍ଟି ସପ୍ତାହର ପ୍ରାସଙ୍ଗିକତାର ଗୁରୁତ୍ୱ ବଢ଼ିପାରିବ।


ପ୍ରଫେସର ଓ ବିଭାଗୀୟ ମୁଖ୍ୟ,
ଶିଶୁରୋଗ ବିଭାଗ, ଫକୀରମୋହନ
ମେଡ଼ିକାଲ କଲେଜ, ବାଲେଶ୍ୱର


## ୟୁକ୍ରେନ ପାଇଁ ୟୁରୋପ ଦୁଇଫାଳ

ସୌମେନ୍ଦ୍ର ଜେନା

ୟୁରୋପୀୟ ସଂଘ ଏବେ ସବୁଠୁ ଅଧିକ ଦ୍ୱନ୍ଦ୍ୱରେ । ଏକଦା ରୁଷିଆର ପ୍ରଭୁତ୍ୱକୁ ୟୁରୋପରେ ହ୍ରାସ କରିବାକୁ ଚିନ୍ତା କରି ୟୁରୋପୀୟ ସଂଘ ନାଟୋ ଏବଂ ଆମେରିକାକୁ ଡାକି ଆଣିଥିଲା ଯୁଦ୍ଧଭୂମିକୁ । ଦୁଇଦେଶର ମତଭେଦକୁ ଶେଷ କରିବା ବଦଳରେ ଏହି ଗୋଷ୍ଠୀ ଆମେରିକା ପରି ଦୁଷ୍ଟଗ୍ରହକୁ ଡାକି ଆଣିଥିଲେ ୟୁରୋପକୁ । ହେଲେ ଏଥିପାଇଁ ସବୁଠୁ ଅଧିକ କ୍ଷତି ୟୁରୋପର ରାଷ୍ଟ୍ରଗୁଡିକୁ ସହିବାକୁ ପଡୁଛି । ରୁଷିଆଠାରୁ ତୈଳ ଓ ଗ୍ୟାସ ସିଧାସଳଖ କିଣି ନପାରି ସେହି ଇନ୍ଧନକୁ ତୃତୀୟ ପକ୍ଷଠାରୁ କ୍ରୟକରି ବିଗତ ତିନିବର୍ଷରେ ଢେର ଅଧିକ ଖର୍ଚ୍ଚ ଏହି ରାଷ୍ଟ୍ରଗୁଡିକ କରିଚାଲିଛନ୍ତି । ଏହାବାଦ୍ ଯୁଦ୍ଧକୁ ଚାଲୁ ରଖିବା ପାଇଁ ନିଜ ବଜେଟରୁ ଅସ୍ତ୍ରଶସ୍ତ୍ର କ୍ରୟ କରି ୟୁକ୍ରେନକୁ ଯୋଗାଇବାରେ ଲାଗିଛନ୍ତି । ତେଣେ ଆମେରିକା ୟୁରୋପର ରାଷ୍ଟ୍ରଗୁଡିକୁ ବିଶେଷ ଗୁରୁତ୍ୱ ଦେଉନାହିଁ । ଟ୍ରମ୍ପଙ୍କୁ ସାକ୍ଷାତ ପାଇଁ ଯାଇଥିବା ୟୁରୋପର ନେତାମାନଙ୍କୁ ଧାଡିବାନ୍ଧି ଅପେକ୍ଷା କରିବାକୁ ହେଉଛି । ଆଗାମୀ ଦିନରେ ପ୍ରତିରକ୍ଷା ଖର୍ଚ୍ଚ ବୃଦ୍ଧିକରି ଆମେରିକାରୁ ଅଧିକ ଅସ୍ତ୍ରଶସ୍ତ୍ର କ୍ରୟକରି ୟୁକ୍ରେନକୁ ଯୋଗାଇ ଦେବାଲାଗି ପରାମର୍ଶ ମିଳୁଛି । ଆମେରିକା ରାଷ୍ଟ୍ରପତି ଡୋନାଲଡ୍ ଟ୍ରମ୍ପ ନିଜ ଅସ୍ଥିର ବିଦେଶନୀତି ମାଧ୍ୟମରେ ୟୁରୋପକୁ ଯେପରି ତଳିତଳାନ୍ତ କରିବାକୁ ଷଡଯନ୍ତ୍ର ରଚିଥିବାପରି ମନେହେଉଛି । ୟୁରୋପୀୟ ରାଷ୍ଟ୍ରସଂଘର ସଦସ୍ୟ ଥିବା ଦେଶଗୁଡିକୁ ନିଜ ସ୍ୱାର୍ଥ ଅପେକ୍ଷା ଆମେରିକା ସ୍ୱାର୍ଥକୁ ଗୁରୁତ୍ୱ ଦେବାକୁ କୁହାଯାଉଛି ।

ଆମେରିକାକୁ ସମର୍ଥନ କରିବା ଯୋଗୁ ଭାରତ ୟୁରୋପୀୟ ରାଷ୍ଟ୍ରଗୁଡିକୁ ରପ୍ତାନୀକୁ ଅଟକାଇ ଦେବାଯୋଗୁ ସମସ୍ୟା ଅଧିକ ବଢିଛି । ଆମେରିକାର ଇସାରାରେ ଭାରତରୁ ଯାଉଥିବା ଚାଉଳ, ଔଷଧ, ଚିନି,ଇଞ୍ଜିନିୟରିଂ ଯନ୍ତ୍ରପାତି ଆଦିର ରପ୍ତାନୀ ବନ୍ଦ ହୋଇଯାଇଛି । ଏହି ଅସ୍ଥିରତାକୁ ଲକ୍ଷ୍ୟକରି ହଙ୍ଗେରୀ ସଂଗଠନ ବିରୋଧରେ ଯାଇ ରୁଷିଆର ନିକଟତର ହୋଇଛି । ଦେଶର ପ୍ରଧାନମନ୍ତ୍ରୀ ଭିକ୍ଟର ଅର୍ବାନ ବାଣିଜ୍ୟ, ଶକ୍ତି, ବିଦେଶନୀତି ଦୃଷ୍ଟିରୁ ରୁଷିଆକୁ ସମର୍ଥନ ଦେବାକୁ ପସନ୍ଦ କରିଛନ୍ତି । ୟୁରୋପୀୟ ସଂଘରେ ୟୁକ୍ରେନକୁ ସାମିଲ କରିବା ବିରୋଧରେ ହଙ୍ଗେରୀ ସରକାର ରହିଆସିଛନ୍ତି । ଏବେ ହଙ୍ଗେରୀ, ସ୍ଲୋଭାକିଆ ଏବଂ ଚେକ ଗଣତନ୍ତ୍ର ପାଇଁ ରୁଷିଆର ଗ୍ୟାସ ଯୋଗାଣକାରୀ ଲାଇନକୁ ଜେଲେନସ୍କି କାଟି ନଷ୍ଟ କରିବା ଦ୍ୱାରା ଏହି ତିନି ଦେଶ ଇନ୍ଧନ ସମସ୍ୟାରେ ପଡିବେ। ଏହି ତିନି ଦେଶକୁ ୟୁରୋପୀୟ ସଂଘ ରୁଷିଆ ଗ୍ୟାସ କଟକଣାରୁ ଛାଡକରିବା ଯୋଗୁ ସେମାନେ ରୁଷିଆଠାରୁ ଗ୍ୟାସ କ୍ରୟ କରୁଥିଲେ । କିନ୍ତୁ ଜେଲେନସ୍କିଙ୍କୁ ତାହା ପସନ୍ଦ ନଥିଲା । ଏବେ ଏହି ତିନିରାଷ୍ଟ୍ର ସମସ୍ୟା ଦୃଷ୍ଟିରୁ ୟୁରୋପୀୟ ସଂଘକୁ ଚିଠି ଲେଖିଛନ୍ତି । ଜେଲେନସ୍କିଙ୍କ ନଖରାମୀ ପାଇଁ ୟୁରୋପୀୟ ରାଷ୍ଟ୍ରଙ୍କୁ ଏବେ କଷ୍ଟ ସହିବାକୁ ହେଉଛି । ଅପରପକ୍ଷେ ୟୁକ୍ରେନର ରାଷ୍ଟ୍ରପତି ଜେଲେନସ୍କି କୃତଜ୍ଞ ହେବା ଦୂରେଥାଉ, କୃତଘ୍ନତାର ଚରମସୀମାରେ ପହଞ୍ଚିଛନ୍ତି । ସେ ନିଜର ଅପରିପକ୍ୱ ରାଜନୈତିକ ବିଚାର ଦ୍ୱାରା ୟୁରୋପୀୟ ରାଷ୍ଟ୍ରଗୁଡିକର କ୍ଷତି କରିବାରେ ଲାଗିପଡିଛନ୍ତି,ଏକପ୍ରକାର ବ୍ଲାକମେଲିଂ କରୁଛନ୍ତି ବୋଲି କହିଲେ ଠିକ୍ ହେବ । ଠିକ୍ ସେହିପରି ନିକଟରେ ଭାରତର ପ୍ରଧାନମନ୍ତ୍ରୀ ମୋଦିଙ୍କ ସହ ମଧ୍ୟ ସେ ୟୁକ୍ରେନ ମାମଲା ସଂପର୍କରେ ଆଲୋଚନା କରିଛନ୍ତି । ମୋଦିଙ୍କୁ ସେ ନିଜ ଷଡଯନ୍ତ୍ରର ବଳୟରେ ପକାଇବାଲାଗି ଟ୍ରମ୍ପଙ୍କ ଯୋଜନାରେ ରହିଥିବା ଅନେକ ଅଭିଯୋଗ କରୁଛନ୍ତି। କାରଣ ବିଗତ ଦିନମାନଙ୍କରେ ଭାରତ ବିରୋଧରେ ସେ ଅନେକ ଅଭିଯୋଗ ଆଣିଛନ୍ତି । ଏପରିକି ରୁଷିଆର ତୈଳକ୍ରୟକରି ୟୁକ୍ରେନରେ ଯୁଦ୍ଧ ବା ରକ୍ତପାତ କରିବାକୁ ଭାରତ ଅର୍ଥଯୋଗାଣ ଜାରି ରହିଥିବାର କହିସାରିଛନ୍ତି । ଏପରି ଜଣେ ନେତା ଯିଏ ପୁତୁଳିକା ସଦୃଶ ପାଶ୍ଚାତ୍ୟ ରାଷ୍ଟ୍ରମାନଙ୍କର ହାତବାରିସୀ ହୋଇ ସଖୀ କଣ୍ଢେଇ ପରି ନାଚି ଆସୁଛନ୍ତି, ତାଙ୍କ ମୁହଁରେ ଭାରତ ସହ ଶାନ୍ତି ପାଇଁ ଆଲୋଚନା ସନ୍ଦେହ ସୃଷ୍ଟି କରେ । କାରଣ ସେ ଆମେରିକାର ରାଷ୍ଟ୍ରପତିଙ୍କୁ ସବୁଠୁ ଅଧିକ ଶ୍ରଦ୍ଧା କରି ନିଜ ଲୋକଙ୍କ ପାଇଁ ଧ୍ୱଂସର ସଇତାନ ପାଲଟିଛନ୍ତି । ତାଙ୍କ ଦେଶରେ ଯେଉଁ ଯୁଦ୍ଧ ଜାରିରହିଛି ସେ ସବୁର ପରିଚାଳନା ନାଟୋ ବାହିନୀ ଏବଂ ସେମାନଙ୍କ ଦ୍ୱାରା ନିଯୁକ୍ତ ସୁରକ୍ଷା ଠିକାଦାରମାନେ ଚଳାଇ ଆସୁଛନ୍ତି, ଯେଉଁମାନଙ୍କ ମଧ୍ୟରେ ଅଧିକାଂଶ ହେଉଛନ୍ତି ପ୍ରଶିକ୍ଷିତ ପୂର୍ବତନ ସେନାଧିକାରୀ କିମ୍ବା ଯବାନ । ଏପରିକି ଡ୍ରୋନ ଆକ୍ରମଣ ମଧ୍ୟ ବିଦେଶୀ କମ୍ପାନୀମାନଙ୍କ ଦ୍ୱାରା ନିଯୁକ୍ତ ଠିକାଦାରମାନେ କରୁଛନ୍ତି । ଏକଥା ସତ ଯେ ୟୁକ୍ରେନର ଯୁଦ୍ଧଭୂମିରେ ପ୍ରକୃତରେ ଆମେରିକା ଏବଂ ତା'ର ସହଯୋଗୀ ୩୦ଦେଶର ନାଟୋ ବାହିନୀଙ୍କ ଅର୍ଥ ଓ ଅସ୍ତ୍ରଶସ୍ତ୍ରର ସଜ୍ଜିତ ଠିକାଦାରଙ୍କ ସେନା ସହ ୟୁକ୍ରେନ ବାହିନୀର ମିଳିତ ମେଣ୍ଟ ଲଢୁଛି । ଅନ୍ୟପଟେ ରୁଷିଆ- ଉତ୍ତର କୋରିଆର ଯବାନମାନେ ରୁଷିଆର ମେଣ୍ଟ ପକ୍ଷରୁ ଲଢୁଛନ୍ତି । ଚୀନ ଓ ଭାରତ ବିରୋଧରେ ଜେଲେନସ୍କି ଏବଂ ପାଶ୍ଚାତ୍ୟ ରାଷ୍ଟ୍ର ରୁଷକୁ ସହଯୋଗ କରିବା ଅଭିଯୋଗ କରିଆସୁଛନ୍ତି । କିନ୍ତୁ ଭାରତ ଓ ଚୀନ ଯାହା ରୁଷିଆ ସହ ବ୍ୟାବସାୟିକ ସଂପର୍କକୁ ସୁଦୃଢ ରଖିଆସିଛନ୍ତି । କିନ୍ତୁ ନାଟୋ ବାହିନୀ ପରି ଯେଉଁଦିନ ଏହି ଦୁଇଦେଶ ରୁଷିଆକୁ ଖୋଲାଖୋଲି ଅସ୍ତ୍ରଯୋଗାଣ କରିବାକୁ ଘୋଷଣା କରିବେ, ଯୁଦ୍ଧଭୂମିରେ ସହଯୋଗ ଦେବାକଥା କହିବେ, ସେହିଦିନ ସବୁକିଛି ବଦଳିଯିବ,ଟ୍ରମ୍ପ ଜେଲେନସ୍କିଙ୍କ ହୋସ୍ ଉଡିଯିବ । ଦେଖିବାକୁ ଗଲେ ୟୁରୋପର ଅନେକରାଷ୍ଟ୍ର ୟୁକ୍ରେନକୁ କେନ୍ଦ୍ରକରି ରୁଷିଆ ସହ ନିଜର ସଂପର୍କକୁ ସବୁଦିନ ପାଇଁ ଖରାପ କରିବାକୁ ଚାହୁଁନାହାନ୍ତି । କେତେକ ସିଧାସଳଖ ଜୋରଦାର ଯୁଦ୍ଧ କଥା କହୁଥିଲାବେଳେ କେତେକ ବୁଝିବିଚାରି କାର୍ଯ୍ୟ କରିବା ସପକ୍ଷରେ ରହିଛନ୍ତି । ନିକଟରେ ଡାନ୍ୟୁବ ନଦୀର ମୁହାଣରେ ସାମୁଦ୍ରିକ ଡ୍ରୋନ ଦ୍ୱାରା ୟୁକ୍ରେନର ଲାଗୁନା ଶ୍ରେଣୀର ନୌବାହିନୀର ଯୁଦ୍ଧପୋତକୁ ରୁଷୀୟ ନୌସେନା ଧ୍ୱଂସ କରିବା ଘଟଣା କେବଳ ୟୁକ୍ରେନ କାହିଁକି ୟୁରୋପର ଅନ୍ୟ ରାଷ୍ଟ୍ରଗୁଡିକୁ ମଧ୍ୟ ଚକିତ କରିଛି । ରୁଷିଆର ଏହି ନୂତନ ରଣକୌଶଳ ସାମୁଦ୍ରିକ ଯୁଦ୍ଧର ଚିତ୍ର ବଦଳାଇ ଦେଇଛି । ଆକ୍ରମଣରେ ଧ୍ୱଂସ ପାଇଥିବା ୟୁକ୍ରେନର ଯୁଦ୍ଧପୋତ ସିମ୍ଫେରେ ପୋଲ ୨୦୨୧ରେ ନୌସେନାରେ କାର୍ଯ୍ୟଆରମ୍ଭ କରିଥିଲା । ଏଥିରେ ଅତ୍ୟାଧୁନିକ ଇଲେକ୍ଟ୍ରୋନିକ୍ସ ବ୍ୟବସ୍ଥା, ରାଡାର ୩୦ମିମି ଏକେ-୩୦୬ ଆର୍ଟିଲାରୀ ଗନ୍ ଥିବା ସତ୍ତ୍ୱେ ୨୦୧୪ପରେ ନିର୍ମିତ ସବୁଠୁ ବଡ ୟୁକ୍ରେନର ଏହି ଯୁଦ୍ଧପୋତ ଧ୍ୱଂସ ହେବା ସମସ୍ତଙ୍କୁ ଚକିତ କରିଛି । ରୁଷିଆ ଏ ସଂପର୍କରେ ଅଧିକ କିଛି ପ୍ରକାଶ କରି ନଥିଲେ ହେଁ ୧୩୦ କିମି ଦୂରରେ ଥିବା ଅଧିକୃତ ଦ୍ୱୀପ କ୍ରିମିଆ କିମ୍ବା କୌଣସି ରୁଷିଆର ଯୁଦ୍ଧପୋତରୁ ଏହି ଆକ୍ରମଣ ହୋଇଥିବା କୁହାଯାଉଛି । ଫ୍ରାନ୍ସ, ସ୍ଲୋଭେନିଆ, ବ୍ରିଟେନ, ଗ୍ରୀସ, ଡେନମାର୍କ ଏହାକୁ ଜାତିସଂଘରେ ଉଠାଇବେ ବୋଲି କହିଛନ୍ତି । ୧୪ଟି ୟୁରୋପୀୟ ରାଷ୍ଟ୍ରରେ ସର୍ବେକ୍ଷଣରୁ ଜଣାପଡିଛି ଯେ ଲୋକଙ୍କ ମତରେ ଏତେ ଲମ୍ବା ଯୁଦ୍ଧ ସତ୍ତ୍ୱେ ମଧ୍ୟ ରୁଷିଆର ଯୁଦ୍ଧ ଜାରି ରହିଥିବା ହେତୁ ବିଶେଷ କିଛି କ୍ଷତି ହେଲାପରି ଜଣାପଡୁନାହିଁ। ରୁଷିଆ ଅଧିକ ଲମ୍ବା ଯୁଦ୍ଧକୁ ଭିଡିବାର ସମ୍ଭାବନା ରହିଛି । ୟୁକ୍ରେନର ୬୯ପ୍ରତିଶତ ଲୋକେ ଚାହୁଁଛନ୍ତି ଯେ ଅଧିକ ଅସ୍ତ୍ରଶସ୍ତ୍ର ଆସିଲେ ୟୁକ୍ରେନର ଯୁଦ୍ଧରେ ବିଜୟ ହେବ । କିନ୍ତୁ ୟୁରୋପର ଲୋକେ ରୁଷିଆର ଯୁଦ୍ଧ କ୍ଷମତା କଥା ଜାଣିଥିବା ହେତୁ ସେପରି କହିବାକୁ ଚାହୁଁନାହାନ୍ତି । ଯୁଦ୍ଧର ଫଇସଲା ବେଳେ ୟୁକ୍ରେନକୁ ବାଦ୍ ଦେଇ ଆମେରିକା ଓ ରୁଷିଆ ନିଷ୍ପତ୍ତି ନେଇପାରନ୍ତି ବୋଲି ସଂଖ୍ୟାଧିକ ୟୁକ୍ରେନବାସୀ ମନେ କରୁଛନ୍ତି,ଯାହା ବିଗତ ଦିନରେ ସତ ହୋଇଛି । ୟୁରୋପର ଲୋକେ ରୁଷିଆ ଅଧିକାର କରିଥିବା ୟୁକ୍ରେନ ଅଞ୍ଚଳ ଛଡାଯିବା ସପକ୍ଷରେ ନାହାନ୍ତି । କିନ୍ତୁ ୟୁକ୍ରେନର ଅଧିକ ଲୋକେ ନିଜ ଦେଶର ସେନାବାହିନୀ ଓ ଦେଶର ସାର୍ବଭୌମତ୍ୱ ଉପରେ ଅଧିକ ଜୋର ଦେଉଥିବା ଜଣାପଡିଛି । ହେଲେ ନାଟୋ ମେଣ୍ଟରେ ୟୁକ୍ରେନ ସାମିଲ ହେବା ସପକ୍ଷରେ ଅନେକ ୟୁରୋପୀୟ ରାଷ୍ଟ୍ର ନାହାନ୍ତି । ଏଭଳି ବିଚିତ୍ର ସ୍ଥିତି ୟୁରୋପକୁ ବିଭାଜିତ ଅବସ୍ଥାରେ ରଖିଛି । ୟୁରୋପର ଅନେକ ରାଷ୍ଟ୍ରନେତା ମନେକରୁଛନ୍ତି ଯେ ସେମାନେ ୟୁକ୍ରେନ ମାମଲାରେ ଖୁବ୍ ବେଶୀ ଅସମ୍ମାନିତ ହେଲେଣି । ନିକଟରେ ଯେପରି ଆମେରିକାରେ ଏହି ନେତୃବୃନ୍ଦଙ୍କୁ ଧାଡିକରି ଟ୍ରମ୍ପଙ୍କ ସାକ୍ଷାତପାଇଁ ବସାଯାଇଥିଲା ତାହା ଆଦୌ ଗ୍ରହଣୀୟ ନଥିଲା । ଏହାଛଡା ସୁରକ୍ଷାକୁ କେନ୍ଦ୍ରକରି ଅନେକ ରାଷ୍ଟ୍ର ନାଟୋରେ ସାମିଲ ଥିଲେ ମଧ୍ୟ ସେମାନେ ଟ୍ରମ୍ପଙ୍କ ନୀତିକୁ ଅନେକ ସମୟରେ ଗ୍ରହଣ କରିପାରୁନାହାନ୍ତି । ଟ୍ରମ୍ପଙ୍କର କାହା ଉପରେ ଭରସା ନାହିଁ । ସେ କୌଣସି ମନ୍ତବ୍ୟ ଦେବାପୂର୍ବରୁ କାହା ସହ ଆଲୋଚନା କରନ୍ତି ନାହିଁ କିମ୍ବା ୟୁରୋପର ନେତୃମଣ୍ଡଳୀକୁ ଭରସାକୁ ନିଅନ୍ତି ନାହିଁ । ତେଣୁ ଆମେରିକାର ଏପ୍ରକାର ବଡଭାଇପଣିଆକୁ ମଧ୍ୟ ଅନେକ ରାଷ୍ଟ୍ର ସ୍ୱୀକାର କରୁନାହାନ୍ତି । ଏକଥା ମଧ୍ୟ ସତ ଯେ ଭାରତର ନରେନ୍ଦ୍ର ମୋଦିଙ୍କ ପରି ସେମାନେ ବାରମ୍ବାର ଟ୍ରମ୍ପଙ୍କ ଫୋନ୍‌କୁ ଏଡାଇବାକୁ ସାହସ ଦେଖାଇପାରିବେ ନାହିଁ । ଟ୍ରମ୍ପଙ୍କୁ ସାଧାରଣରେ ମହାମିଛୁଆ ବୋଲି ସାବ୍ୟସ୍ତ କରିପାରିବେ ନାହିଁ, ନିଜ ଅର୍ଥନୀତି, ନିଜ ସରକାର, ନିଜ ଜନତାଙ୍କ ସମସ୍ୟାରେ ଥିବା କୋରୋନା ପରକାଳର ୟୁରୋପ ପାଇଁ ୟୁକ୍ରେନ ବୋଝ ଏବେ ଅସୁବିଧା ସୃଷ୍ଟି କରିଛି । ଆମେରିକାର ଚାପରେ ନାଟୋର କଥାରେ ସେମାନେ ରୁଷିଆକୁ ବିରୋଧ କରିବାକୁ ଯାଇ ଅଧିକ କ୍ଷତିଗ୍ରସ୍ତ ହେବାରେ ଲାଗିଛନ୍ତି । ଯେଉଁଥିପାଇଁ ସେମାନେ ଏଥିରୁ ମୁକୁଳିବାକୁ ଚାହୁଁଛନ୍ତି । ଜର୍ମାନୀର ଚାନସେଲର ହୁଅନ୍ତୁ ଅଥବା ଫ୍ରାନ୍ସର ରାଷ୍ଟ୍ରପତି ଏମାନଙ୍କ ବର୍ତ୍ତମାନର ବକ୍ତବ୍ୟରୁ ଏବଂ ଆଭିମୁଖ୍ୟରୁ ଏସବୁ ପ୍ରମାଣ ମିଳୁଛି । ୟୁରୋପର ବିଭାଜିତ ମତ ଆଗାମୀ ଦିନରେ ନାଟୋ ମେଣ୍ଟକୁ ୟୁରୋପରେ ଦୁର୍ବଳ କରିବାର ସମ୍ଭାବନା ଅଧିକ ରହିଛି ।


ଭାରତୀୟ ସମ୍ବାଦ ସେବା (ଭାସ)
ଭୁବନେଶ୍ୱର-୭୫୧୦୦୩





## ଭାଗ୍ୟ ଭୋଗିବାକୁ ପଡେ

ନିରଞ୍ଜନ ସାହୁ

ଭାଗ୍ୟ ଭୋଗିବାକୁ ଇଛା ନଥିଲେ ବି
ଭାଗ୍ୟ ଭୋଗିବାକୁ ପଡ଼େ
ଯେତେବେଳେ ଯେଉଁ ଘଟଣା ଘଟିବ
ଆପେଆପେ ତାହା ଗଢ଼େ ।

ମଣିଷ ଯେମିତି ସ୍ୱପ୍ନ ଦେଖୁଥାଏ
ସେହିପରି ହୁଏନାହିଁ
ସପନକୁ ଭାଗ୍ୟ ଦିଗହରା କରେ
କି ସୁଖ ମିଳଇ କାହିଁ
ନିରାଶା ଅନ୍ଧାରେ ଭାଗ୍ୟ ଠେଲିଦିଏ
ମଣିଷ ଦୁଃଖରେ ଜଡ଼େ ।

ଭାଗ୍ୟ ବିଧାତାର ଇଛା ପୂର୍ଣ୍ଣହୁଏ
ଭଗବାନ ହୁଏ ଖୁସି
ମଣିଷ ଭାଗ୍ୟକୁ ନିନ୍ଦା କରିକରି
ବସିଥାଏ ଘରେ ରୁଷି
କପାଳରେ ହାତ ମାରିବା ସହିତ
ବିକଳେ କାନ୍ଦିକି ରଡ଼େ ।

ଯେଉଁ ଡାଳ ଧରେ ସେ ଡାଳ ଭାଙ୍ଗଇ
ପାଦରେ ଫୁଟଇ କଣ୍ଟା
କର୍ମ କଲେ କିଛି ସୁଫଳ ମିଳେନି
ଭାଙ୍ଗି ଯାଇଥାଏ ଅଣ୍ଟା
ଗଛ ଲଗାଇଲେ ଫଳ ନ ଫଳିକି
କେବଳ ପତର ଝଡ଼େ ।

କିଏ କହୁଥାଏ ପ୍ରାରବ୍ଧ ଭୋଗୁଛୁ
କେ କହେ ଅର୍ଜିତ କର୍ମ
କିଏ କହୁଥାଏ ଭାଗ୍ୟ ବଦଳିବ
ପାଳନ କର ତୁ ଧର୍ମ
ଯାହା ବି କରିଲେ ଭାଗ୍ୟ ବଳୀୟାର
ସୌଭାଗ୍ୟକୁ ଦୂରେ ତଡ଼େ ।


ନିହଲ ପ୍ରସାଦ , ଗଁଡିଆ ପାଟଣା
ଢେଙ୍କାନାଳ --- ୭୫୯୦୧୬
ମୋ :-- ୯୯୩୮୭୪୧୫୮୩


## ଜଣା କଥା

ସଦାଶିବ ବିଶ୍ୱାଳ

ଏକ ମିଛ ଲୁଚାଇବାର ପ୍ରଚେଷ୍ଟା
ଶହେଟି ମିଛ କୁହାଏ
ଥରେ ଜୀବନରେ ସତ କହିଦେଲେ
କେଉଁଠି ସମସ୍ୟା ଥାଏ ? ?

ମନ ପବିତ୍ରତା ଏକାନ୍ତ ଜରୁରୀ
ସଦା, ସବୁଠି ଲୋଡ଼ାଯାଏ
ମନ ପବିତ୍ର ରହିଲେ
ତୀର୍ଥଯାତ୍ରା ଅଲୋଡ଼ା ହୁଏ

ବିଦ୍ୟା ପାଶେଥିଲେ ସବୁ ମିଳିଯାଏ
ଅନ୍ୟ ଧନ ଲୋଡ଼ା ନାହିଁ
ମୁହଁରେ ଟିକିଏ ଲଜ୍ୟା ରଖିଥିଲେ
ଆଭୂଷଣ ଲୋଡ଼ା କାହିଁ ? ?

କ୍ଷମା ଗୁଣ ଥିଲେ
କବଚର ଲୋଡ଼ା କେବେ ପଡେ ନାହିଁ
ମନରେ କେବେ କ୍ରୋଧ ଉପୁଜିଲେ
ଆନ ଶତ୍ରୁ ଲୋଡ଼ିବା କାହିଁ ? ?

ଦୁର୍ଜନ ସାଥିରେ୍ୱାସ କରୁଥିଲେ
ସର୍ପର ହୁଏନି ଲୋଡ଼ା
ଉଚ୍ଚ ଶିକ୍ଷାର କି୍ୱା ମୂଲ୍ୟ ଥାଏ
ଚରିତ୍ର ଯାହାର ପୋଡ଼ା ? ?

ସଚରିତ୍ର ରଖି ସଦା ସତ କହି
ଜୀବନ ଜିଇବା ସୁଖେ
କ୍ଷମା ଗୁଣ ରଖି କ୍ରୋଧକୁ ଏଡେଇ
ହସଟି ରଖିବା ମୁଖେ


+କଷ୍ଟ ଏଣ୍ଡ ମ୍ୟାନେଜମେଣ୍ଟ
ଆକାଉଟାଣ୍ଟ
ଅବସରପ୍ରାପ୍ତ ବ୍ୟାଙ୍କ କର୍ମଚାରୀ
ମୋହନଦାସ ଏନକ୍ଲେଭ
ଖଣ୍ଡଗିରି, ଭୁବନେଶ୍ୱର

# କବିତାମାଳା

## ସାହିତ୍ୟର ଅନ୍ତଃସ୍ୱର

### ଅଧ୍ୟାପକ ଶରତ କୁମାର ଦାସ



କ'ଣ ଏ ସାହିତ୍ୟ ?
କ'ଣ ଏହାର ବର୍ଣ୍ଣମାଳା-ଅ, ଆ, କ, ଖ ?
କେତେ ଛୁଏଁ ଏ ମରମକୁ
କେତେ ଭିଜାଏ ଏ ଭାବ ଓ ଭାବନାକୁ
କେତେ ସରସ ଓ ସ୍ୱଚ୍ଛ ଏହାର କଳେବର ?

ଯୋଖିହୋଇଥାଏ କି ଜୀବନର ଝଙ୍କାର
ସାହିତ୍ୟର ହାଡ଼-ମାଂସ-ମଗଜରେ ?
ହୃଦୟର ଆବେଗ ଓ ସ୍ପନ୍ଦନ ବିଜଡ଼ିତ
ଲୁହ ଓ ଲହୁର ବିନ୍ଦୁ ଥପ୍ ଥପ୍ ନିଗିଡି ପଡ଼େ କି
ସାହିତ୍ୟର ସିକ୍ତ ପାବଚ୍ଛରୁ ?

ଗଢ଼ିଦିଏ ସେ ବିଶ୍ୱାସର ବାସଫୁଲ
ମଜବୁତ କରେ ନିଃଶ୍ୱାସର ନିଶୁଣି
କ୍ଷଣିକରେ ବତୁରିଯାଏ ଚେତନାର ଚୌହଦୀ
ହସେ ପଦ୍ମବଣ, ଝଲସୁଥାଏ ନିଖୋଜ ଇଲାକା

ନୈରାଶ୍ୟର ମରୁରେ
ଝରିଯାଏ ଆଶାର ଝରଣା।

ଯେତକ ସ୍ଥାଣୁତା,ଜଡ଼ତା,ପୁଣି ସୁପ୍ତ ଅଭିସାର
ଭୟ, ଆକୁଳତା ଓ ଅସହାୟତା
ଚାଲିଯାଏ ଦୂରକୁ ଦୂରକୁ
ସାତ ସମୁଦ୍ର ଓ ତେର ନଈ ଡେଇଁ ।

ମାଟି ଏହାର ସବୁଜ ସୁନ୍ଦରର ସ୍ୱାକ୍ଷର;
ଉଖାରିଲେ ଚକମକ ଦିଶେ
ଏକ ଅବିଭକ୍ତ ଜୀବନ ଜିଇଁବାର
ପୁଳାପୁଳା କଳା ।

ଛୁଇଁଯାଉଥାଏ ପ୍ରେମ ଓ
ପ୍ରତ୍ୟୟର ସୁଗନ୍ଧିତ ବାସ୍ନା,
ବାସ୍ତବତାର ବଳିଷ୍ଠ ବଳୟ ଭିତରେ
ଆତ୍ମୀୟତାର ରଙ୍ଗ ଖୋଜେ ସେ
ଜନଶୂନ୍ୟ ନିର୍ଜନ ଦ୍ୱୀପରେ ।

ସ୍ୱପ୍ନ ଓ ସମ୍ଭାବନାର ଶେଷ ପାହାଚରେ
ମୁରୁକି ହସେ ସାହିତ୍ୟ,
ସତ୍ୟବାଦିତା ଓ ସାଧୁତାର ମଧୁର ସ୍ପର୍ଶରେ
ଚେଇଁଉଠେ ଏହାର ସଫେଦ ଫର୍ଦ୍ଦ,
ପୋଡ଼ି ଜାଳି ପାଉଁଶ କରିଦିଏ ସେ
ଅୟୁତ ଦିନର ସଂଚିତ ସାମାଜିକ ଆବର୍ଜନା ।

ସାହିତ୍ୟ ସବୁବେଳେ ହିଁ ସହିତ୍ୟ
ତାହାରି ଭିତରେ ଲାଖିଛି ଜୀବନବୋଧର
ମଧୁର ତଥା ନୈସର୍ଗିକ ଆବାହନ,
ମଣିଷପଣିଆକୁ ସଜାଗ ରଖିବାର
ଏକ ଭରପୂର ମୁଗ୍ଧ ସମ୍ମୋହନ,
ସାମାଜିକ ପରିବର୍ତ୍ତନର ନିଚ୍ଛକ ଆହ୍ୱାନ ।

ସାହିତ୍ୟ କ'ଣ ପ୍ରବଞ୍ଚିତ ପୃଷ୍ଠାର
ଅସ୍ପଷ୍ଟ ଲିପି ?
ନା ପରଶ୍ରୀକାତରତା ଅବା ଅସହିଷ୍ଣୁତା ?
ସମୁଦ୍ରର ଅଥଳ ଗର୍ଭରେ ମୁକ୍ତା ଖୋଜିବାରେ
ସତ୍ୟନିଷ୍ଠ ଓ ସମ୍ପ୍ରସାରିତ ସଂକଳ୍ପ ;
ପରସ୍ତ ପରସ୍ତ ଅନ୍ଧାର ଭିତରେ
ନିଜକୁ ଖୋଜି ପାଇବାର
ଏକ ସୁଚିନ୍ତିତ ମାର୍ଗଦର୍ଶିକା ହେଉଛି ସାହିତ୍ୟ ।

ବିଖଣ୍ଡିତ ସମ୍ପର୍କର ରେଖା ଯୋଡେ ସାହିତ୍ୟ,
ଭାଙ୍ଗି ମାଟିରେ ମିଶାଇ ଦିଏ ଖଣ୍ଡ ଖଣ୍ଡ କରି
ଯେତେ କୃତ୍ରିମ ବିବିଧତାର ସୁଦୀର୍ଘ ପାଚେରି,
ସୃଷ୍ଟିକରେ ସେ ସୂକ୍ଷ୍ମର ତୀକ୍ଷ୍ଣ ଅନ୍ତଃସ୍ୱର
ସ୍ଥୂଳର ଝଲମଲ ଆବରଣ ତଳେ ।

♥ବଡବିଲ ମହାବିଦ୍ୟାଳୟ, ବଡବିଲ
ଜିଲ୍ଲା-କେନ୍ଦୁଝର
ମୋ-୮୨୪୯୧୩୭୦୯୧

## ମଞ୍ଚ

### ଡ. ଦୀପକ କୁମାର ମିଶ୍ର



ମଞ୍ଚରେ ଏକବାର ମାର୍ଜିତ ଦେଖା ଯାଉଥିବା
ଧୋବ ଫରଫର ମଣିଷଟା
ନିଶି ନିର୍ଜନତାର ଗହନ ଗର୍ଜନକୁ
ଗୋଟାପଣେ ଗିଳି
ଅତରବୋଳା ମଲ୍ଲୀଫୁଲରେ
ମନ୍ଥି ହେଲାବେଳେ
ପଚ୍ଚ ପରିବର୍ତ୍ତନର ଆମୂଳଚୂଳ
ଘୋଷା ଭାଷଣର
ଡହରା କାଗଜଟିକୁ ଜାଳି
ନିଆଁପୁଇଁ ହେଉଥାଏ
ଛାତିରେ ଇଙ୍ଗାରି ହେଉଥିବା
ଆଉ କାହା ଭୋକର ତତଲା ଆଞ୍ଚରେ ।

ମଞ୍ଚ ସଜେଇବା, ମଞ୍ଚ ଖୋଲିବା ଅବଧିର
ସମୟ ଓ ସାମର୍ଥ୍ୟକୁ ତର୍ଜମା କଲେ
ଯାହା ଜଣାପଡ଼େ
ମାନ୍ୟବର ସମ୍ବୋଧନରେ ସମ୍ବର୍ଦ୍ଧିତ ହେଉଥିବା
ସବୁ ଉତ୍ତରୀୟମାନଙ୍କର ଉତ୍ତରଦାୟିତ୍ୱ
ଅପବ୍ୟବହାର ହୁଏ
ସ୍ଥଳ ବିଶେଷରେ
ନଇଁପଡ଼ିଥିବା ବିବେକ ଓ ବେକମାନଙ୍କୁ
କୁସୁମିତ କରି

ପୂଜାମଞ୍ଚ ଖୋଲୁ ଖୋଲୁ
ଯେଉଁ ଯୁବକର ଜୀବନ ଚାଲିଗଲା ଏସନ
ଇଲେଭେନ କେଭି ବିଦ୍ୟୁତ ଆଘାତରେ
ତାଙ୍କର ନାଁ ଥିଲା କାଳେ ବିଘ୍ନେଶ୍ୱର ମହାପାତ୍ର
ଆଉ ଛାଡ଼ିଗଲେ ପଛରେ
ସ୍ତ୍ରୀ, ପୂଜାରାଣୀ ମିଶ୍ର
ଆଉ ବର୍ଷପୁରାଣି ଅପେକ୍ଷାରେ ଥିବା
ଏକମାତ୍ର ପୁତ୍ର-
ଓମ୍ ଗଣେଷ ଈଶ୍ୱର।

ବୁଝା ପଡ଼େନି, ମଞ୍ଚର ମର୍ଜିରେ ଜିଭ ଚାଲେ
ନା ତାଳି ବା ଗାଳିର ନିର୍ଦ୍ଧୂମ ଗୁଞ୍ଜରଣରେ
ଦେହକୁ ଚପଲ ଫିଙ୍ଗା ହେଲାବେଳକୁ
ଅବଶ୍ୟ ମଞ୍ଚ ମୁରୁକି ହସୁଥାଏ
ଫୁଲମାନଙ୍କରେ ତିଆରି କାନ୍ଥକୁ ଆଉଜି ।

ଶିକାରୀ ଗୁଳି କରୁ କରୁ ବାଘ ନମଲେ
ନାମର୍ଦ୍ଦପଣିଆର ଅଭିମାନରେ
ନାକେଦମ ହୁଏ ମଞ୍ଚ
ଲକ୍ଷ୍ୟ ହୁରୁଡ଼େଇଥିବା ଆଖି ଆଉ ପକ୍ଷୀ
ଖସିଯା'ନ୍ତି ଗଳାବାଟ ଦେଇ
ସନ୍ଧି ଓ ସଲା ସୁତୁରା ପୂର୍ବକ
ବାଘ ସହିତ ଠରାଠରି ହୋଇ।

ତଥାପି ତ
ମଞ୍ଚରୁ କେବଳ କଂସମାନେ ଖସିପଡ଼ନ୍ତିନି
ବରଂ ଜାରି ବି ହୋଇପାରେ ସେଠାରୁ
ଏକ ସାମାଜିକ ବିପ୍ଳବର ଘୋଷଣାପତ୍ର ।

♥ଭୁବନେଶ୍ୱର
ମୋ:୮୨୮୦୨୧୧୦୦୦

## ଯେତିକି ପାରିଲି ବୁଝି

### ଲତିକା ମହାପାତ୍ର

ଏ ଜୀବନ ଶିଖାଇଚି ନିତି ନୂଆ ନୂଆ ପାଠ
ଏ ଜୀବନ ଦେଖାଇଚି କେତେ ନୂଆନୂଆ ବାଟ
ନିଃସଙ୍ଗ ସମୟ ଘେରି ରହିଚି ମୋ ଚେତନାକୁ
ଦିଗହରା ପକ୍ଷୀ ମୁଁ ଖୋଜେ ଖାଲି ଜୀବନକୁ

ଯେତିକି ପାରିଲି କଷି ଜୀବନର ଅଙ୍କବହି
ନିଜ ଆଡ଼େ ଚାହିଁ ହସେ ଏଡ଼ିକି ଅବୋଧ ମୁହିଁ
ଯେତିକି ପାରିଲି ବୁଝି ମାନେ ଏଇ ଜୀବନର
ଅବୁଝା ଅନେକ ପୃଷ୍ଠା ବାକି ଏଇ ସମୟରେ

ନଈରେ ଅକାତ ପାଣି ନାଉରିଆ କର ପାରି
ମିଛରେ ଆହୁଲା ମାରେ
ତଥାପି ମୁଁ ଜୋର କରି ।

♥ତାଳଚେର

## ହଇହୋ କବିଜନେ

### ପ୍ରିୟନାଥ ପାଣି



ଚାଲ ଫେରିଯିବା
ଭାଗବତ ଟୁଙ୍ଗୀକୁ
ଯେଉଁଠି ଘୁମଉଥିବ ସନିଆମାଆ
ରଥ ଆଜ୍ଞାଙ୍କ ଗୋବିନ୍ଦ ଗୋବିନ୍ଦକୁ
କାନ ଡେରିଥିବ ବୈରାଗୀ
ହରିବୋଲରେ କମ୍ପୁଥିବ
ଭାଗବତ ଟୁଙ୍ଗୀ
ଆହା କେତେ ରସରେ ବୁଡୁଥିବେ
ଗଜମୁରୁଖଗୁଡାକ
ଢକ ଢକ ପିଇଯାଉଥିବେ ଅମୃତ।
ତୁମ ପାଠୁଆଙ୍କର ବଡ ବହପ
ଶବ୍ଦର ଜାଲବୁଣା
ନିଜକୁ ବଡ ବୋଲେଇବାର ପ୍ରଚେଷ୍ଟା ।

ହଇହୋ କବିଜନେ !
ସବୁ ତ ପୋଥିପତ୍ରରେ
କେବେଠୁ ଉଭା
ତୁମେ ଆଉ କ'ଣ ଲେଖିବ ଯେ,
ଛନ୍ଦ ନିରୁକ୍ତ ଶାଖା ପ୍ରଶାଖାରେ ପରା
ବେଦବୃକ୍ଷ ପୁଷ୍ପିତ,ପଲ୍ଲବିତ
ଆଧ୍ୟାତ୍ମିକ ଚିନ୍ତନରେ ସୁବାସିତ ।
ଗୋଟେ ଦି'ଟା ପ୍ରଶସ୍ତି
ବେକରେ ଝୁଲେଇ
ପାଠକର ମିଛ ମୁରୁକିରେ
ତୁମେ ବେହୋସ ହେଇପଡୁଛ
ଏତେ ବଡ ଆକାଶ ପୃଥିବୀ ମଝିରେ
କେବେ ପରଖିଛ ନିଜକୁ
ଧାଁ ଧପଡରେ
ଜୁଲୁ ଜୁଲୁ ଜଞ୍ଜାଳ ଭିତରେ
ଯାହା ଅଣନିଃଶ୍ୱାସୀ ହେଉଛ ।
ଆଣ୍ଠେଇପଡ ପ୍ରଣାମ କର
ଗୀତା ଭାଗବତକୁ ମୁଣ୍ଡେଇଧର
କୁତ୍ସାରଟନାରେ କ'ଣ ସାହିତ୍ୟ ହୁଏ
ସରଳ ହୁଅ ତରଳ ହୁଅ
ଅସଲ ସାହିତ୍ୟକୁ ଜୀବନ କର
ଉତୁରିପଡ ନିଜ ଭିତରକୁ
ଦେଖିବ ପ୍ରଶାନ୍ତିରେ ଭରିଯିବ ମନ
କେତେ ଆପଣାର ଲାଗିବେ ସବୁଜନ ।

♥କଦଳିଆ, ବୈଶିଙ୍ଗା,ମୟୂରଭଞ୍ଜ
ମୋ- ୯୯୩୭୧୨୫୧୫୧

## ପ୍ରେମ-ଜିଇଁବାର ଏକ ପ୍ରୟାସ

### ଅନସୂୟା ପଣ୍ଡା



ସରୁ ନଥିବା କିଛି ସୂକ୍ଷ୍ମ ତତ୍ତ୍ୱ
ଅବନୀ ଗଗନ ଜୀବନ ପବନ
ଆଉ ନିଆଁ ପରି ଅବୁଝା ଏ ପ୍ରେମ
ଅଦୃଶ୍ୟରେ ଆତ୍ମା ସହ ଆତ୍ମାର ମିଳନ
କେତେ କଳ୍ପ ଜନ୍ମ ଲଗ୍ନରେ ଗତିଶୀଳ
ଜିଇଁବା ପାଇଁ ଆବେଗର ଉଷ୍ମା ଯଥେଷ୍ଟ।

ଖୋଜିବା ଭିତରେ ଅନୁଭବିବା
ଅନୁଭବିବା ଭିତରେ ଭୋଗିବା
ଭୋଗିବା ଭିତରେ ଜିଇଁବାର
ନିରବଚ୍ଛିନ୍ନ ସମ୍ଭାବନାମୟ ପ୍ରୟାସ
ଆଉ ତା' ଭିତରେ ଆନନ୍ଦ ଉଲ୍ଲାସ।

ଅପ୍ରାକୃତ ପ୍ରେମମୂର୍ତ୍ତି ଶ୍ରୀରାଧାଙ୍କ ପରି
ବିଭୁପ୍ରାଣତାରେ ନିରନ୍ତର ହଜିଯିବା
ପତିତରୁ ପବିତ୍ର ଜୀବନ୍ତ ହେବା
ଉଜ୍ଜ୍ୱଳି ଉଠିବା ମଧୁମୟ ହୋଇ
କେତେ ଯୋନିରେ ଲୀନ ହେବା
ସେଇ ସୁନ୍ଦର ଅନନ୍ତ ତୃପ୍ତିରେ।

ଯୁଗରୁ ଯୁଗକୁ ଉଦବୁଦ୍ଧ କରି
ଐଶୀ ଚେତନାକୁ ଧୈର୍ଯ୍ୟରେ
ମୀରା ପରି ଅମୃତ ଅନ୍ତର୍ମନ
ମହନୀୟ ଉତ୍ସର୍ଗର ଅଧିବାସ
ସମର୍ପଣର ଉପାସନାରେ।

ହଜେଇ ଦେବା ନିଜକୁ ନିଜଠାରୁ
ତପସ୍ୟାର ତନ୍ମୟ ସୋପାନଟିରେ
ଜପିବା ବିନା ଦୀକ୍ଷାରେ ବିଭୁ ଚରଣେ
ଶୁଭ୍ର ଶାଶ୍ୱତ ପ୍ରେମକୁ ପରିଧାନ କରି।

♥ବୁର୍ଲା, ସମ୍ବଲପୁର,
ମୋ: ୯୪୩୯୨୧୧୯୭୧

## ବାହାରେ ଝିପିଝିପି ବର୍ଷା

### ଡଲିରାଣୀ ବ୍ରହ୍ମା



ବାହାରେ ଝିପିଝିପି ବର୍ଷା
ଭିତରେ ଭିଜୁଥାଏ ମନ,
ଆବେଗରେ ପ୍ରାଣ ହୁଏ ସିକ୍ତ
ଅଙ୍ଗେ ଅଙ୍ଗେ ଖେଳେ ଶିହରଣ,
ପବନରେ ନାଚୁଥାଏ ଫୁଲ
ମଦୁକରେ ପରିବେଶ ଭରି ।
ଅଗଣାରେ ହୀରା ମୋତି ସବୁ
ସ୍ମୃତି ସାଥେ ପଡୁଥାଏ ଝରି ।
ଭାସିଆସେ ପିଲାଦିନ କଥା
ସ୍ମୃତିର ଫରୁଆକୁ ଖୋଲି ।
ହୃଦୟରେ ପୁଲକର ନାଆ
ବଢ଼ିଚାଲେ ଉଜାଣିକୁ ଠେଲି,
ନାଲିନାଲି ସାଧବ ବହୁକୁ
ନାଲିନାଲି ସଜ କୃଷ୍ଣଚୂଡ଼ା ।
କଦମ୍ବର ମଧୁମଧୁ ବାସ
ସପନକୁ କରେ ମତୁଆଲା ।
ମନ ଆକାଶର ଇନ୍ଦ୍ରଧନୁ
ଖେଳିଯାଏ ସାତ ଆଭା ମେଲି
ଆଶାର ପ୍ରଜାପତି ସମ
ବାରତାକୁ ଦିଏ ଉଡ଼ିବାକୁ ।

♥ରାଉରକେଲା
ମୋ: ୯୯୩୭୫୧୪୯୬୯



## ଝିପିଝିପି ବରଷାର ଧାର

### ପ୍ରଦୋଷ କୁମାର ଦାସ



ଝିପିଝିପି ବରଷାର ଧାର
ଝରିପଡେ ନିରନ୍ତର।
ଭିଜେ ମାଟି, ଭିଜେ ତରୁଲତା, ବୃକ୍ଷ,
ଝରିପଡେ ବରଷାର ନୀର
ପତରୁ ପତର ।

ବର୍ଷା ସ୍ନାତ ଉଲ୍ଲସିତ
ଭୋର ଲାଗଇ ବିଭୋର।
ଫିକା ଫିକା ଫରଚା ହେଲାଣି
ସାରା ଅମ୍ବର।
ଅପସରି ଯାଉଅଛି ପରା ଧିରେ
ବର୍ଷା ଭିଜା ବହଳ ଅନ୍ଧାର !
ପ୍ରଭାତ ପରଷେ ଶୁଭେ ଜୀବନର ସ୍ୱର।
ଡାଳେ ଡାଳେ କଢ ସବୁ
ଫୁଟିଲେଣି ହୋଇ ତରତର।
ଓଦା ସରସର ହୋଇ ନିର୍ବିକାର
ଫୁଟନ୍ତା ଫୁଲସବୁ ହେଲେଣି ବିଭୋର
ମଣ୍ଡଣି ହେବେ ପରା ଯାଇ
ଦେବତା ପୟର।
ଭୋର ଭୈରବ ରାଗ ତାଳେ
ମୂର୍ଚ୍ଛନା ତୋଳଇ ଭ୍ରମିଲା ଭ୍ରମର।
ଭ୍ରମର ଗୁଂଜନେ ହୁଏ ଗୁଂଜରିତ
ଫୁଲଙ୍କ ଆସର।
ଯାର ପ୍ରତିଧ୍ୱନି କୁହେ 'ଜୀବନକୁ ବୁଝ
ହେ ପ୍ରିୟ ମୋର !
ଜୀବନମୟ ହେଲେ ସଜୀବ ରହିବ।

ତେବେ ଯାଇ ତୁମ ବର୍ତ୍ତମାନ ହେବ
ନିହାତି ନିଜର।
ଝିପିଝିପି ବରଷାର ଧାର
ଝରିପଡେ ନିରନ୍ତର।
ସତେ ଅବା ସରଗର ପନିଅର।
ଆହା ! ଅମୃତ ସମାନ ସବୁ ଜୀବନର।
ଅମୃତ ସମାନ ସବୁ ଜୀବନର ।

♥ସ୍ତମ୍ଭକାର,ନାଚୁଣୀ,ଖୋର୍ଦ୍ଧା
ପିନ୍:-୭୫୨୦୩୪
ମୋ: ୬୩୭୦୪୯୫୯୪୪

## ଛାଇ ଆଲୁଅର ଖେଳ

### ଗୋଲୋକବିହାରୀ ବେହେରା



ସୁଖ ଦୁଃଖ ଭରା ଏଇ ଜୀବନଟା
ଛାଇ ଆଲୁଅର ଖେଳ,
କେତେବେଳେ ଆସେ ସୁଖର ସୂରୁଜ
କେବେ ଅମା ଅନ୍ଧକାର।

ଜୀବନ ଥିଲେ ତ ହସ କାନ୍ଦ ଅଛି
ମୁଦ୍ରା ଦୁଇ ପାର୍ଶ୍ୱ ଭଳି,
ମଣିଷ ଜନମ ପାଇ ଏ ସଂସାରେ
ଦୁଃଖକୁ କେ ଦେବ ଟାଳି।

ଗୋଲାପ ଡାଳରେ ସୁବାସିତ ଫୁଲ
କଣ୍ଟା ରହିଅଛି ତହିଁ,
ଜୀବନଟା ଥିଲେ କଷଣ ଆସିବ
ଆଘାତକୁ ଯିବା ସହି।

ଜଗତର ନାଥ କରନ୍ତୁ ସୁଦୟା
ହସି ହସି ଦୁଃଖ ସହୁ,
ସମୁଦ୍ର ଲହରୀ ସମ ଦୁଃଖ ଆସି
ଦୋହଲାଇ ଟିକେ ଦେଉ।

ତଥାପି ମଣିଷ ଆଗେଇ ଚାଲିଛି
କଠିନ ଶିଳା ଉପରେ,
ରୋଗ ଶୋକ କଷ୍ଟେ ସପନ ଦେଖିବ
ଜହ୍ନି ଫୁଲ ବଗିଚାରେ।

♥ଅବସର ପ୍ରାପ୍ତ ପ୍ରଧାନ ଶିକ୍ଷକ
ଷଡ଼ଙ୍ଗୀ, ଢେଙ୍କାନାଳ
ମୋ : ୯୯୩୮୩୦୩୦୪୬

## ନଗ୍ନ ସମାଜ

### ମଳୟରଞ୍ଜନ ପୁହାଣ



ଚରିତ୍ରକୁ ଦେଖି
ହସୁଛି ଆଜି ଏ ମଣିଷ ଜାତି
ଯେଉଁ ସମାଜକୁ ଗଢ଼ିବା ପାଇଁକି
ଅଣ୍ଟା ଭିଡ଼ିଥିଲେ ସେ ଦିନ ରାତି ।।

ଅର୍ଥ ବଳ ସବୁ କରିଛି ସମ୍ଭବ
ଏଠି ଶିକ୍ଷାର ମହତ୍ତ୍ୱ କ୍ଷୀଣ
ଭ୍ରଷ୍ଟାଚାରୀ ନେତା ଦେଶକୁ ଲୁଟନ୍ତି
ଲୋକଙ୍କର ଜିଣି ମନ ।।

ଦୁନିଆ ଆଗରେ ନିଜକୁ ସଜାନ୍ତି
ସତେ ଯାଙ୍କ ମନେ ନାହିଁ ଛଳ
ହେଲେ ଏ ସମାଜ ନଗ୍ନ ପରା ଅଟେ
ସବୁ ଦିଶୁଥାଏ ହୋଇ ଜଳ ଜଳ ।।

ମିଛ ହସ ହସି ସମାଜର ଆଗେ
କହନ୍ତି କିଛି ନାହିଁ ଆଉ ଊଣା
ମନ ମଧ୍ୟେ ତାର କୋଳାହଳ ସତେ
କାହାକୁ ଅଛିବା ଅଜଣା ।।

ସମାଜର ଦେହେ ଯେଉଁ ଲାଗିଛି କଳଙ୍କ
ତାହା ଲିଭିବାର ପ୍ରଶ୍ନ ନାହିଁ
ତଥାପି ମଣିଷ ନିଜ ଚରିତ୍ର ସଜାଇ
କହେ ଏଥିପାଇଁ ସମାଜ ହିଁ ଦାୟୀ ।।

♥ବାସୁଦେବପୁର, ଭଦ୍ରକ

## ସପନ ଦେଖି ପାରୁନି ମୁହିଁ

### ନୀଳମଣି ଚାନ୍ଦ



ତାରିଖ ପରି ବଦଳି ଯାଅ
ମନକୁ ବଦଳେଇ
ସପନ ମୁହିଁ ପାରୁନି ଦେଖି
ଏମିତି ସାଥୀ ନେଇ।
ଖିଆଲିପଣ ସେ ଭୁଲାମନ
ତୁମେ ତ ଚୁଲବୁଲ୍
ମୋ ପାଇଁ ଗୀତ ଗାଇଲ ନାହିଁ
ହୋଇକି ବୁଲବୁଲ୍
ତଥାପି ଭାବେ ତୁମରି ପରି
ହୋଇବେ ନାହିଁ କେହି ।
ଆସିଲ ଇନ୍ଦ୍ରଧନୁଟି ପରି
ଗଲ ଉଭେଇ କାହିଁ
ତୁମେ ନ ଥିଲ ହେଲେ ମୁଁ ଥିଲି
ତୁମ ପଥକୁ ଚାହିଁ
ଭାବୁଛି ଆଜି ଭୁଲ୍ ମୁଁ କଲି
ତୁମକୁ ମନ ଦେଇ।

♥ମନ୍ତ୍ର ମାନୋର, ଗୋଠପାଟଣା
ଭୁବନେଶ୍ୱର,
ମୋ:୯୫୮୩୨୦୨୩୫୭

## ଏଇ ସେ ଅଭିଶପ୍ତ ଜୀବନ

### ପ୍ରତିଭା ଦାଶ



ଦେହଟି ପୁଙ୍ଗୁଳା ଜୀର୍ଣ୍ଣଶୀର୍ଣ୍ଣ
ରହିଛି ମୁହଁରେ ବିଷାଦର ଚିହ୍ନ
ନାହିଁ ପେଟରେ ମୁଠିଏ ଦାନା
ଆଉଟୁପାଉଟୁ ହେଉଛି ଗଣ୍ଡେ ଖାଇବାକୁ
ଏଇତ ସେ ଅଭିଶପ୍ତ ଜୀବନ ।
କାଖରେ ଧରି ଦୟନୀୟ ଶିଶୁ
ଦ୍ୱାର ଦ୍ୱାର ବୁଲୁଛି ଭିକ୍ଷା ପାଇଁ
କାହା ପାଖରେ ନାହିଁ ସମୟ
ଟିକେ ଅନେଇକି ବୁଝିବା ଲାଗି
ସେ ପିଲା ଦି' ଟିର ଦୁଃଖ କାହାଣୀ
ଏଇତ ସେ ଅଭିଶପ୍ତ ଜୀବନ ।
ବାପାମା ଛେଉଣ୍ଡ ହେଲା ଦିନୁ
ଅନବରତ ଚାଲିଛି ଏପରି ଦୁର୍ଦ୍ଦଶା
ନା ମିଳୁଛି ଆଶ୍ରୟ ନା ଉଦ୍ଦିଷ୍ଟ ବିଶ୍ରାମ
ଅନାଦର ଜୀବନ ବିତାଉଛନ୍ତି ସଂସାରେ
ଏଇତ ସେ ଅଭିଶପ୍ତ ଜୀବନ ।
ନୂଆ ଆଶା ନେଇ ବଞ୍ଚିଛି ସେ
କାଳେ କିଏ କେବେ ସାହା ହେବେ
ଦେବେ ସ୍ନେହର ହାତ ବଢ଼ାଇ
ଅନାବିଳ ସ୍ନେହ ଟିକକ ଲାଗି
ଭୁଲି ଯାଇଛି ବର୍ତ୍ତମାନର ସବୁ ଯନ୍ତ୍ରଣା
ଏଇତ ସେ ଅଭିଶପ୍ତ ଜୀବନ ।

♥ଭାରପ୍ରାପ୍ତ ପ୍ରଧାନଶିକ୍ଷୟିତ୍ରୀ
ସରକାରୀ ଉଚ୍ଚ ବିଦ୍ୟାଳୟ, ଡୁମେରପାଣି
ଜିଲ୍ଲା - ନୂଆପଡ଼ା
ମୋ: - ୭୮୯୪୫୨୮୪୯୩

# କାର୍‌କୁ ଧକ୍କା ଦେଲା ପଲସର : ଅଳ୍ପକେ ବର୍ତ୍ତିଲେ ୪ ଯାତ୍ରୀ

ଧର୍ମଶାଳା, ୧/୦୯ (ନି.ପ୍ର): ରବିବାର ସନ୍ଧ୍ୟାରେ ନଦୀ ବନ୍ଧ ଉପରେ ଛିଡା ହୋଇଥିବା ଏକ କାରକୁ ଧକ୍କା ଦେଲା ପଲସର ବାଇକ୍ । ଫଳରେ କାର ଭିତରେ ଥିବା ଚାଳକ ସମେତ ମୋଟ୍ ୪ ଜଣ ଏକ ବଡ ଦୁର୍ଘଟଣାରୁ ବର୍ତ୍ତି ଯାଇଛନ୍ତି । ତେବେ ବାଇକ୍ ଚାଳକ ସାମାନ୍ୟ ଆହତ ହୋଇଥିବା ଜଣାପଡିଛି । ଏଭଳି ଘଟଣା ଦେଖିବାକୁ ମିଳିଛି ଯାଜପୁର ଜିଲ୍ଲା ବ୍ରହ୍ମବରଦା ଥାନା ଅନ୍ତର୍ଗତ ବ୍ରାହ୍ମଣୀ ନଦୀ ବନ୍ଧ ରାସ୍ତା ଖଣ୍ଡାସ ନିକଟରେ । ସନ୍ଧ୍ୟାରେ ଝାଲପଡା ଅଂଚଳରୁ ଏକ ହୁଣ୍ଡାଇ କାର ନମ୍ବର (ଓଡି ୦୨ ଏଫି ୧୮୫୭) ବାଲିଚନ୍ଦ୍ରପୁର ଅଂଚଳକୁ ଆସୁଥିବା ବେଳେ ବିପରୀତ ଦିଗରୁ ଏକ ଟ୍ରାକ୍ଟର ଆସୁଥିବାରୁ କାର ଚାଳକ ରାସ୍ତା କଡରେ ଛିଡା କରାଇ ଥିଲେ । ସେହି ସମୟରେ ଟ୍ରାକ୍ଟରଟିକୁ ଓଭର ଟେକ୍ କରି ଦ୍ରୁତ ଗତିରେ ଆସୁଥିବା ଏକ କଳା ରଂଗର ପଲସର ବାଇକ୍ ନମ୍ବର (ଓଡି୩୪କେ୪୮୧୫) କାରକୁ ଧକ୍କା ଦେଇଥିଲା । ଫଳରେ କାର ସମ୍ମୁଖ ଭାଙ୍ଗି ଯାଇଥିବା ବେଳେ ଭିତରେ ଥିବା ଚାଳକ ସମେତ ମୋଟ ୪ ଜଣ ଏକ ବଡ ଦୁର୍ଘଟଣାରୁ ବର୍ତ୍ତି ଯାଇଥିବା ବେଳେ ବାଇକ ଚାଳକ ସାମାନ୍ୟ ଆହତ ହୋଇଥିଲେ । ସ୍ଥାନୀୟ ଲୋକେ ଘଟଣାସ୍ଥଳରେ ପଂହଚି ସେମାନଙ୍କୁ ଉଦ୍ଧାର କରିଥିଲେ ।

# ପଦ୍ମଶ୍ରୀ ବିନୋଦ ପଶାୟତ ଏବଂ ବିପିନ ଆଚାର୍ଯ୍ୟଙ୍କ ସ୍ମୃତିରେ ବୃକ୍ଷରୋପଣ

ସମ୍ବଲପୁର, ୧/୦୯ (ନି.ପ୍ର): ବିଶିଷ୍ଟ ସମ୍ବଲପୁରୀ କବି ପଦ୍ମଶ୍ରୀ ବିନୋଦ ପଶାୟତ ଏବଂ ବିପିନ ଆଚାର୍ଯ୍ୟଙ୍କ ସ୍ମୃତିରେ ପଶ୍ଚିମାଂଚଳ ଏକତା ମଂଚ ପକ୍ଷରୁ ରବିବାର ବିପୁଳ ସଂଖ୍ୟାରେ ବୃକ୍ଷରୋପଣ କରାଯାଇ ଶ୍ରଦ୍ଧାଞ୍ଜଳି ଅର୍ପଣ କରାଯାଇଛି । ଜେଲ୍ ଛକ ନିକଟସ୍ଥ ଗୁରୁ ସତ୍ୟନାରାୟଣ ସମ୍ବଲପୁରୀ ଡେରାରେ ମଂଚର ବରିଷ୍ଠ ସଦସ୍ୟ ସନ୍ତୋଷ ବଡାଇଙ୍କ ନେତୃତ୍ୱରେ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ଏହି ଅବସରରେ ଉଭୟ ସାରସ୍ୱତ ସାଧକଙ୍କ ସମ୍ବଲପୁରୀ ଭାଷା ସଂସ୍କୃତିର ପ୍ରଚାର ପ୍ରସାର ଦିଗରେ ଅତୁଳନୀୟ ଅବଦାନ ସମ୍ପର୍କ ଆଲୋଚନା କରାଯାଇଥିଲା । ମଂଚର ମହିଳା ସଂଯୋଜିକା ପଙ୍କଜିନୀ ମେହେର ସମ୍ବଲପୁରୀ ଭାଷା ସାହିତ୍ୟ ପ୍ରତି ଉଭୟଙ୍କ ଅବଦାନ ବିଷୟରେ ଆଲୋକପାତ କରିଥିଲେ । ଏହି ଅବସରରେ ୨୦୧୨ ମସିହାରେ ଗୁରୁ ସତ୍ୟନାରାୟଣ ବହିଦାରଙ୍କ ଜନ୍ମ ଶତବାର୍ଷିକୀ ଅବସରରେ ଆୟୋଜିତ କାର୍ଯ୍ୟକ୍ରମରେ ଅଗଷ୍ଟ ୧ ତାରିଖକୁ ସମ୍ବଲପୁରୀ ଦିନ ଭାବେ ଆୟୋଜନ ନେଇ ନିଆଯାଇଥିବା ନିଷ୍ପତି ବୈଠକରେ ଉଭୟ ସାମିଲ୍ ରହିଥିଲେ । ଉଭୟ ସାରାଜୀବନ ଗୁରୁ ବହିଦାରଙ୍କ କୃତିତ୍ୱର ବଡ ପ୍ରସଂଶକ ରହିଥିବା ନେଇ ମଂଚର ଆବାହକ ଭବାନୀଶ ଭୋଇ ଆଲୋଚନା କରିଥିଲେ । ଗୁର ସତ୍ୟନାରାୟଣ ସମ୍ବଲପୁରୀ ଡେରାରେ ଉଭୟଙ୍କ ନାମରେ ଦୁଇଟି ବୃକ୍ଷ ସମର୍ପଣ କରାଯିବା ସହ ଲିମ୍ବ ଏବଂ ଅନ୍ୟାନ୍ୟ ବୃକ୍ଷ ରୋପଣ କରାଯାଇଥିଲା । ଯୋଗ ଗୁରୁ ଟିକେଲାଲ ଭୋଇ ମଣିଷ ଜୀବନ ସହ ବୃକ୍ଷର ସମ୍ପର୍କ ଏବଂ ଉପାଦେୟତା ବିଷୟରେ କହିଥିଲେ । ସମ୍ବଲପୁରୀ ଡେରାରେ ଉଭୟଙ୍କ ସ୍ମୃତିରେ ଆଗକୁ ମଧ ବିଭିନ୍ନ କାର୍ଯ୍ୟକ୍ରମ ଆୟୋଜନ କରାଯିବା ନେଇ ଏହି ଅବସରରେ ସ୍ଥିର କରାଯାଇଥିଲା । ଏହି କାର୍ଯ୍ୟକ୍ରମରେ ପଶ୍ଚିମାଂଚଳ ଏକତା ମଂଚର ମୁଖ୍ୟ ସଂଯୋଜକ ମାନସ ରଞ୍ଜନ ବକ୍ସି ଆଗାମୀ ଦିନରେ ଡେରା ପରିସରରେ ସମ୍ବଲପୁରୀ ସାଧକଙ୍କ ସ୍ମୃତିକୁ ସାଇତି ରଖିବାର ବ୍ୟବସ୍ଥା କରାଯିବ ବୋଲି କହିଥିଲେ । କାର୍ଯ୍ୟକ୍ରମରେ ସୁରେନ୍ଦ୍ର ବଗର୍ତୀ, ରାଜେଶ ସ୍ୱାଇଁ, ରାହୁଲ ଗୁପ୍ତା, ପ୍ରେମ ସାହାଣୀ, ସୁଭମ ସାହୁ, ସୁଧୀର ମିଶ୍ର, ରାଖୀ ମିଶ୍ର, ଅନ୍ତଯ୍ୟାମୀ ଭୋଇ, ବିରଂଚି ନାୟକ ପ୍ରମୁଖ ସାମିଲ୍ ହୋଇ ବୃକ୍ଷ ରୋପଣ କରିଥିଲେ ।

# ଓଡିଶା ସ୍କୁଲ କଲେଜ ଶିକ୍ଷକ କର୍ମଚାରୀ ସମନ୍ୱୟ ସମିତି ଆହ୍ୱାନରେ ଜିଲ୍ଲା କନ୍‌ଭେନ୍‌ସନ୍

କେନ୍ଦ୍ରାପଡ଼ା, ୧/୦୯ (ନି.ପ୍ର): ଓଡିଶା ସ୍କୁଲ କଲେଜ ଶିକ୍ଷକ କର୍ମଚାରୀ ସମନ୍ୱୟ ସମିତି ଆହ୍ୱାନରେ ଜିଲ୍ଲା କନ୍‌ଭେନ୍‌ସନ୍ ଦୁହୁରିଆ ସ୍ଥିତ ଓଷ୍ଟା କାର୍ଯ୍ୟାଳୟ ସମ୍ମିଳନୀ କକ୍ଷରେ ଜିଲ୍ଲା ଓଷ୍ଟାର ସଭାପତି ଅଶୋକ କୁମାର ପରିଡାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଅଛି । ପ୍ରାରମ୍ଭରେ ସମନ୍ୱୟ ସମିତିର ଆବାହକ ଭଗବାନ ସାହୁ କନ୍‌ଭେନସନ୍‌ର ଉଦ୍ଦେଶ୍ୟ ଜ୍ଞାପନ କରିଥିବା ବେଳେ ରାଜ୍ୟ ଓଷ୍ଟାର ସମ୍ପାଦକ ଶିକ୍ଷକ ନେତା ପ୍ରଣବ କୁମାର ଜେନା ଆନ୍ଦୋଳନର ସ୍ଥିତି, ସମନ୍ୱୟ ସମିତିର ରଣକୌଶଳ ଓ ସରକାରଙ୍କର ଆଭିମୂଖ୍ୟ ପ୍ରସଂଗରେ ବିସ୍ତୃତ ଆଲୋଚନା କରିବା ସହିତ ଆସନ୍ତା ସେପ୍ଟେମ୍ବର ୫,୬ ଓ ୭ତାରିଖ ତିନି ଦିନ ଧରି ଆହୁତ ମହାସାବେଶକୁ ସଫଳ କରିବା ପାଇଁ ନିବେଦନ କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ରାଜ୍ୟକାର୍ଯ୍ୟ କାରିଣୀ ସଦସ୍ୟ ଅଶୋକ କୁମାର ମହାପାତ୍ର, ଅଲୋଷ୍ଟାର ରାଜ୍ୟ ଉପସଭାପତି ଧନେଶ୍ୱର ପାତ୍ର, ଅଲୋଷ୍ଟା ଜିଲ୍ଲା ସଂପାଦକ ଅଶୋକ କୁମାର ସାହୁ, ଜିଲ୍ଲା ସଭାପତି କରୁଣା କର ଭଳ, ମଦ୍ରାସା ଜିଲ୍ଲା ସଂଘ ଶିକ୍ଷକ ନେତା ଏମଡି ନିସିମୁଦ୍ଦିନ, ସେକ ଏମଡି ହାରୁକ, ସେକ କମଲ ଉଦ୍ଦିନ, କେନ୍ଦ୍ରାପଡା ଜିଲ୍ଲା ଓଷ୍ଟା ଯୁଗ୍ମ ସଂପାଦକ ଟିଟିକାନ୍ତ ନାୟକ, ଜିଲ୍ଲା କାର୍ଯ୍ୟକାରି ସଦସ୍ୟ ମଧୁଛନ୍ଦା ଶର୍ମା, ବ୍ଲକ ଓଷ୍ଟା ସଂପାଦକ ଗଗନ ବିହାରୀ ସୂତାର, ନାରାୟଣ ପଣ୍ଡା, ରଘୁ ନାଥ ଦାସ, ସମିରଣ ମଣ୍ଡଳ, ଅକ୍ଷୟ କୁମାର ମହାନ୍ତି, ବ୍ଲକ ଓଷ୍ଟା ସଭାପତି ତପନ କୁମାର ଦାସ, ପିତବାସ ପଣ୍ଡା, ନିମାଇ ଚରଣ ରାଉତ, ଶିକ୍ଷକ ନେତା ଚିତ୍ତରଞ୍ଜନ କବି, ରାଜକିଶୋର ନାୟକ, ବିଜୟ କୁମାର ପାତ୍ର, ମାନସ ରଞ୍ଜନ ମିଶ୍ର, କାଳନ୍ଦି ଚରଣ ମଲ୍ଲିକ, ପ୍ରଦୀପ କୁମାର ତ୍ରିପାଠୀ, ପ୍ରଶାନ୍ତ କୁମାର ଦାସ, ଶାନ୍ତନୁ କୁମାର ବିଶ୍ୱାଳ ପ୍ରମୁଖ ଶିକ୍ଷକ ନେତାମାନେ ଆସନ୍ତା ପବିତ୍ର ଗୁରୁ ଦିବସ ଅବସରରେ ଆୟୋଜିତ ମହା ସମାବେଶକୁ ସଫଳ କରିବାକୁ ଶପଥ ନେବା ସହ ସୁଚିନ୍ତିତ ପ୍ରସ୍ତାବ ଦେଇଥିଲେ । ସେମାନଙ୍କ ଦାବି ଗୁଡିକ ହେଉଛି ଅଣଅନୁଦାନ ପ୍ରାପ୍ତ୧୯୪ ବିଦ୍ୟାଳୟ ସମେତ ମହାବିଦ୍ୟାଳୟର ଅନୁଦାନରୁ ବଂଚିତ ଶିକ୍ଷକ ଓ କର୍ମଚାରୀଙ୍କୁ ଅନୁଦାନ ପ୍ରଦାନ, ନୂତନ ଅନୁଦାନପ୍ରାପ୍ତ ବିଦ୍ୟାଳୟ ଓ ମହାବିଦ୍ୟାଳୟର ଶିକ୍ଷକ କର୍ମଚାରୀମାନଙ୍କୁ ଚାକିରୀ ସର୍ଭିବିଲୀ ସହ ପେନ୍‌ସନ୍ ପ୍ରଦାନ ସମସ୍ତ ବିଦ୍ୟାଳୟ ଓ ମହାବିଦ୍ୟାଳୟକୁ ସରକାରୀ କରଣ, ଅବସର ବୟସ ସୀମା ୬୦ରୁ ୬୨କୁ ବୃଦ୍ଧି, ଗ୍ରେଡ୍ ପେରେ ଥିବା ଅସଂଗତି ଦ୍ୱରୀକରଣ, ୨୦୦୪ ରୁ ୨୦୧୩ ମଧ୍ୟରେ ନିଯୁକ୍ତି ପାଇଥିବା ଚୁକ୍ତିଭିତିକ ଶିକ୍ଷକ, ଶିକ୍ଷିକା ମାନଙ୍କୁ ୬ଟି ନୋସନାଲ ଇନକ୍ରିମେ ସହ ବରିଷ୍ଠତା ପ୍ରଦାନ କରିବା । କେନ୍ଦ୍ରାପଡା ଜିଲ୍ଲାରୁ ସ୍କୁଲ କଲେଜ ଶିକ୍ଷକ ସମନ୍ୱୟ ସମିତିର ଆହ୍ୱାନରେ ଆହୁତ ମହା ସମାବେଶରେ ପବିତ୍ର ଗୁରୁ ଦିବସରେ ୧୫ଶହରୁ ଉର୍ଦ୍ଧ ଶିକ୍ଷକ, ଶିକ୍ଷିକା ଓ କର୍ମଚାରୀମାନେ ଯୋଗଦେବା ପାଇଁ ଆହ୍ୱାନ ଦେଇଛନ୍ତି । ଶିକ୍ଷକମାନଙ୍କ ଆନ୍ଦୋଳନକୁ ସମର୍ଥନ ଜଣାଇ ବରିଷ୍ଠ ଆଇନଜୀବୀ ପ୍ରଦୀପ କୁମାର ଦାସ ଏହି କନ୍‌ଭେନ୍‌ସନ୍ ଯୋଗଦେଇ ଶିକ୍ଷକମାନଙ୍କୁ ସର୍ମଥନ ଦେଇଛନ୍ତି ।

# ବନବିଭାଗ ଅସ୍ଥାୟୀ ବନ ପ୍ରାଣୀ ସ୍କାର୍ଡ ଦାବି ନେଇ ଜୟପୁର ଡିଭିଜନର ୧୨୦ କର୍ମଚାରୀ ଭୁବନେଶ୍ୱର ଗସ୍ତ

ଜୟପୁର, ୧/୦୯ (ନି.ପ୍ର): ରାଜ୍ୟ ବନବିଭାଗ ରେ ଦୀର୍ଘ ବର୍ଷ ଧରି ଶହ ଶହ ଅସ୍ଥାୟୀ କର୍ମଚାରୀ ନିଜ ଜୀବନକୁ ବାଜି ଲଗେଇ ବନ୍ୟଜନ୍ତୁ ସୁରକ୍ଷା ଓ ଜଙ୍ଗଲ ସୁରକ୍ଷା ତଥା ବୃକ୍ଷ ରୋପଣ କାର୍ଯ୍ୟ କରି ଆସୁଛନ୍ତି କିନ୍ତୁ ସେମାନଙ୍କୁ ୮ଘଂଟା ବଦଳରେ ୧୨ ଘଂଟା ଦରକାର ପଡିଲେ ୧୫ ଘଂଟା କାର୍ଯ୍ୟ କରିବାକୁ ପଡୁଛି ଆସନ୍ତା ୧୫ ଦିନ ଭିତରେ ୭ଦଫା ଦାବି ପୂରଣ ନକଲେ କାର୍ଯ୍ୟବନ୍ଦ ଆନ୍ଦୋଳନ କରିବେ ବୋଲି ଚେତାବନୀ ଦେବା ନିମନ୍ତେ ଜୟପୁର ଡିଭିଜନର ୬ଟି ରେଞ୍ଜର ୧୨୦ ଜଣ ଭୁବନେଶ୍ୱର ଅଭିମୁଖେ ବାହାରିଛନ୍ତି । ଜୟପୁର, ବୈପାରିଗୁଡା, କୁନ୍ଦୁରା, ବୋରିଗୁମ୍ମା, ରାମଗିରି, କୋଟପାଡ ର କର୍ମଚାରୀ ମାନେ ଏକତ୍ରିତ ହୋଇ ଭୁବନେଶ୍ୱର ଅଭିମୁଖେ ବାହାରିଛନ୍ତି । ସେମାନଙ୍କ ଦାବି ଗୁଡିକ ମଧ୍ୟରେ ଦୀର୍ଘ ସେବା ଓ ଅସିମ ଅଭିଗ୍ୟତାକୁ ବିଚାର କରି କର୍ମଚାରୀଙ୍କୁ ସ୍ଥାୟୀ କରିବା, ସର୍ଭିତ ପ୍ରୋଭାଇଡର ଦ୍ୱାରା ନିଯୁକ୍ତ କର୍ମଚାରୀଙ୍କୁ ଦୈନୋଇକ ମଜୁରିଆ ଭାବେ ବେତନ ବଦଳରେ ୩୦ ଦୋନର ଦରମା ସହ ଆଉଟସୋର୍ସିଂ କର୍ମଚାରୀମାନେ ପାଉଥିବା ବର୍ଦ୍ଧିତ ଦରମା ପ୍ରୋତ୍ସାହନ ଭତା, ବାର୍ଷିକ ଛୁଟି ପ୍ରଦାନ କରିବା, ବନ୍ୟପ୍ରାଣୀଙ୍କ ଆକ୍ରମଣରେ ମୃତ ବା କର୍ତବ୍ୟ ସମ୍ପାଦନ କାଳରେ ରୋଗାଗ୍ରସ୍ତ ହୋଇ ମୃତ୍ୟୁ ବରଣ କରିଥିବା କର୍ମଚାରୀଙ୍କୁ ସର୍ବନିମ୍ନ ୨୫ ଲକ୍ଷ ଟଙ୍କା ଆର୍ଥିକ ସହାୟତା ପ୍ରଦାନ କରିବା ଓ ପଙ୍ଗୁ କର୍ମଚାରୀଙ୍କୁ ୧୫ ଲକ୍ଷ ଟଙ୍କା ପ୍ରଦାନ କରିବା, ବିନ ଅପରାଧରେ ଛଟେଇ ହୋଇଥିବା କର୍ମଚାରୀଙ୍କୁ ପୁନଃ ନିଯୁକ୍ତି ପ୍ରଦାନ କରିବା, ମନମୁଖି ଛଟେଇ ବନ୍ଦ ସହ ଚାକିରି ନିରାପତା ଯୋଗାଇଦେବା, ବନ ବିଭାଗର ସମସ୍ତ ଅସ୍ଥାୟୀ କର୍ମଚାରୀଙ୍କୁ ସ୍କାର୍ଡ, ବଚର, ପାରା ଫରେଷ୍ଟ ଇତ୍ୟାଦି ବିଭିନ୍ନ ସଂଗ୍ୟା ବଦଳରେ ଗୋଟିଏ ସାର୍ବଜନୀନ ସଂଗ୍ୟା ପ୍ରଦାନ କରିବା, ମାସିକ ପ୍ରାପ୍ୟ ଠିକ ସମୟରେ ପ୍ରଦାନ କରିବା, ୬ ମାସ ଧରି ଦରମା ପାଇନଥିବା ବନ୍ୟପ୍ରାଣୀ ସ୍କାର୍ଡ ମାନଙ୍କୁ ତୁରନ୍ତ ଦରମା ପ୍ରଦାନ କରିବା, ସମସ୍ତ ଆସ୍ଥାୟୀ କର୍ମଚାରୀଙ୍କୁ ବିଭାଗ ନିମନ୍ତେ ଉଦ୍ଧିଷ୍ଟ ଖାକି ୟୁନିଫର୍ମ ବର୍ଷକୁ ଦୁଇହଳ ସୁରକ୍ଷା ଉପକରଣ, ଟର୍ଚ୍ଚ ଓ ବିଭାଗୀୟ ପରିଚୟ ପତ୍ର ପ୍ରଦାନ କରିବା ଆଦି ଦାବି ଉପସ୍ଥାପନ କରିଛନ୍ତି । ଆସନ୍ତା ୧୫ ଦିନ ମଧ୍ୟରେ ଏହାର ସମାଧାନ ନହେଲେ ଆସନ୍ତା କାଲି ଠାରୁ ଅରଣ୍ୟ ଭବନ ସମ୍ମୁଖରେ ଶାନ୍ତି ପୂର୍ଣ୍ଣ ଧାରଣା ଦେବା ପାଇଁ ନିଷ୍ପତି ନିଆଯାଇଛି ।

# ସିମ୍ଫୋନିର ନିଆରା କାର୍ଯ୍ୟକ୍ରମ ଫଟାସ୍ ଅନୁଷ୍ଠିତ

କେନ୍ଦ୍ରାପଡ଼ା, ୧/୦୯ (ନି.ପ୍ର): କେନ୍ଦ୍ରାପଡା କଳା, ସାହିତ୍ୟ ଓ ସାଂସ୍କୃତିକ ଅନୁଷ୍ଠାନ 'ସିମ୍ଫୋନି' ଆନୁକୁଲ୍ୟରେ ସ୍ଥାନୀୟ ମାଧପୁର ଠାରେ ଏକ ନିଆରା ଗୀତ ଓ ଗାୟନର କାର୍ଯ୍ୟକ୍ରମ 'ଫଟାସ୍- ଯେଝା ଗୀତକୁ ଯେଝା ସ୍ୱର' ଅନୁଷ୍ଠିତ ହୋଇଯାଇଛି । ସ୍ୱରଚିତ ଗୀତି କବିତାକୁ ଏକ ତାଳ, ଲୟ ଦେଇ ଗୀତ ଆକାରରେ ଯୋଗ ଦେଇଥିବା କବି ଓ ସୃଜନ ଶିଳ୍ପୀମାନେ ପରିବେଷଣ କରିଥିଲେ । ଅନୁଷ୍ଠାନର ମୁଖ୍ୟ ଉପଦେଷ୍ଟା ବିରଜା ରାଉତରାୟଙ୍କ ସଂଚାଳନରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଅତିଥି ଭାବେ ସତୀର୍ଥ ସଭାପତି ମନ୍ମଥନାଥ ବରାଳ, ବିଶିଷ୍ଟ ଗବେଷକ ଓ ସାହିତ୍ୟିକ ନିରଞ୍ଜନ ମେକାପ, ଜିଲ୍ଲା ସାହିତ୍ୟ ସଂସଦର କାର୍ଯ୍ୟକାରୀ ସଭାପତି କରୁଣାକର ଦାସ, ବିଶିଷ୍ଟ କବି ପ୍ରମୋଦ ସିଂ ପ୍ରମୁଖ ଯୋଗ ଦେଇ ସିମ୍ଫୋନିର ଏହି ନିଆର ପ୍ରୟାସକୁ ଉଚ୍ଚ ପ୍ରଶଂସା କରିଥିଲେ । ଏହା କବିମାନଙ୍କୁ ଏକ ନିଆରା ଢଙ୍ଗରେ ନିଜ ଭାବନାର ପ୍ରକାଶରେ ସହାୟକ ହେବ ବୋଲି ପ୍ରକାଶ କରିଥିଲେ । ସଂଯୋଜକ ସ୍ୱପ୍ନାଶୁ କୁମାର ଦାସ କାର୍ଯକ୍ରମ ସମ୍ପର୍କରେ ପ୍ରାରମ୍ଭିକ ସୂଚନା ପ୍ରଦାନ କରିଥିଲେ । ସଂପାଦକ ଡ଼ ବିନାୟକ ପ୍ରଧାନ ସିମ୍ଫୋନିର ବିଗତ ଦିନ ମାନଙ୍କରେ ଓ ଆଗାମୀ କାର୍ଯକ୍ରମ ସମ୍ପର୍କରେ ଆଲୋଚନା କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ କବି ରଜନୀକାନ୍ତ ଦାସ, ପୂଜାଶ୍ରୀ ସେଠି, ପ୍ରିୟଙ୍କା ପ୍ରିୟଦର୍ଶିନୀ ସ୍ୱାଇଁ, ରମେଶ ମହାରଣା ପ୍ରମୁଖ ଭାଗ ନେଇ ଥିଲେ । କୋଷାଧ୍ୟକ ବଂଶୀଧର ମହାନ୍ତି ଧନ୍ୟବାଦ ଅର୍ପଣ କରିଥିଲେ ।

# ବାଲି ସୈରାତ ନିଲାମଧାରୀଙ୍କ ସହ ପ୍ରଶାସନର ବୈଠକ

କେନ୍ଦ୍ରାପଡ଼ା, ୧/୦୯ (ନି.ପ୍ର): କେନ୍ଦ୍ରାପଡା ଜିଲ୍ଲାରେ ଥିବା ବାଲି ସୈରାତ ଗୁଡିକର ନିଲାମ ନେଇଥିବା ବ୍ୟକ୍ତି ମାନଙ୍କ ସହ ଜିଲ୍ଲା ପ୍ରଶାସନର ଏକ ସମନ୍ୱୟ ବୈଠକ ଜିଲ୍ଲାପାଳ ରଘୁରାମ ଆର ଆୟାରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇ ଯାଇଛି । ଅତିରିକ୍ତ ଜିଲ୍ଲାପାଳ ନବକ୍ରିଷ୍ଣା ଜେନା, ଉପ ଜିଲ୍ଲପାଳ ଅରୁଣ କୁମାର ନାୟକ, କନିଷ୍ଠ ଖଣି ଅଧିକାରୀ ଦିନେଶ ମହାପାତ୍ରଙ୍କ ସମେତ ସମସ୍ତ ତହସିଲଦର, ସୁପରଭାଇଜର ମାନେ ଉପସ୍ଥିତ ରହି ଅଲୋଚନା ରେ ଅଂଶ ଗ୍ରହଣ କରିଥିଲେ । ଜିଲ୍ଲାରେ ଥିବା ୨୯ଟି ବାଲି ସୈରାତ ମଧ୍ୟରୁ କେନ୍ଦ୍ରାପଡା, ମାର୍ଶାଘାଇ, ଗରଦପୁର, ଡେରାବିଶ ଓ ପଟ୍ଟାମୁଣ୍ଡାଇ ତହସିଲ ଅଂଚଳର ନିଲାମଧାରୀ ଓ ତାଙ୍କ ଆଇନ ସମ୍ମତ ଅଧିକୃତ ପ୍ରତିନିଧି ଆଲୋଚନା ର ଅଂଶ ଗ୍ରହଣ କରିଥିଲେ । ସରକାରଙ୍କ ନିୟମ ମୁତାବକ ନିଲାମଧାରୀ ମାନେ ନିୟମିତ ସମୟରେ ରାଜସ୍ୱ କିସ୍ତି ପୈଠ କରିବା ବ୍ୟବସ୍ଥା ଥିବାବେଳେ ଦୀର୍ଘଦିନ ହେଲା ନିଲାମଧାରୀ ମାନେ କିସ୍ତି ପୈଠ କରୁ ନଥିବାରୁ ପ୍ରଶାସନ ପକ୍ଷରୁ ସେମାନଙ୍କୁ ତାଗିଦା କରାଯାଇଛି । ଅପର ପକ୍ଷରେ ଏବେ ବର୍ଷା ଓ ବନ୍ୟା ଜଳ ବାଲି ସୈରାତ ଗୁଡିକୁ ବୁଡାଇ ଦେଇଥିବ ବେଳେ କେତେକ ବାଲି ସୈରାତ ରୁ ବାଲି ଉତୋଳନ କରାଯାଉ ନାହିଁ । ଓ ଅନ୍ୟ କେତେକ ସୈରାତରେ ବାଲି ମାଫିଆ ମାନେ ଜୋର ଜବରଦସ୍ତ ବାଲି ଉଠାଇ ଚୋରାରେ ବିକ୍ରି କରୁଥିବାରୁ ନିଲାମଧାରୀ କୌଣସି ଲାଭ ପାଇପାରୁ ନାହିଁ । ଫଳରେ କିସ୍ତି ପରିଶୋଧ କରିବା କଷ୍ଟ ହେଉଥିବା ନିଲାଧରୀ ମାନେ ପ୍ରକାଶ କରିଛନ୍ତି । ତେବେ ପ୍ରଶାସନ ପକ୍ଷରୁ ଆଗାମୀ ଦିନରେ ବେଆଇନ ବାଲି ମାଫିଆଙ୍କ ବିରୋଧରେ ଆଇନଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ବୈଠକରେ ନିଷ୍ପତି ନିଆଯାଇଛି । ଏହା ସହ ନିଲାମଧରୀ ମାନେ ସଂପୃକ୍ତ ବାଲି ମାଫିଆଙ୍କ ବିରୋଧରେ ଥାନାରେ ଏତଲା ଦେବାପରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଜିଲ୍ଲପଳ ପ୍ରକାଶ କରିଛନ୍ତି । ନିଲାମଧାରୀ ମାନେ ମଧ୍ୟ ବାଲି ଉଠାଇ ଅନ୍ୟତ୍ର ଗଚ୍ଛିତ କରି କୃତିମ ଅଭାବ ସୃଷ୍ଟି କରିବା ସହ ଚଢା ଦରରେ ବିକ୍ରି କରିପାରିବେ ନାହିଁ ବେଲି ପ୍ରଶାସନ ପକ୍ଷରୁ ଚେତାବନୀ ଦିଆଯାଇଛି ।

# ଜିଲ୍ଲାସ୍ତରୀୟ ମିନି, ସବ୍ ଜୁନିଅର ଓ ଜୁନିଅର ବର୍ଗରେ ବ୍ୟାଡ଼ମିଣ୍ଟନ ପ୍ରତିଯୋଗିତା ଉଦ୍‌ଯାପିତ

ସମ୍ବଲପୁର, ୧/୦୯ (ନି.ପ୍ର): ସ୍ଥାନୀୟ ବୀର ସୁରେନ୍ଦ୍ର ସାଏ ବ୍ୟାଡ଼ମିଂଟନ ହଲ ଠାରେ ୯ବର୍ଷ, ୧୧ବର୍ଷ, ୧୩ ବର୍ଷ, ୧୫ବର୍ଷ ଓ ୧୯ ବର୍ଷରୁ କମ୍ ବର୍ଗର ବାଳକ ଓ ବାଳିକା ମାନଙ୍କ ମଧ୍ୟରେ ଜିଲ୍ଲା ସ୍ତରୀୟ ବ୍ୟାଡ଼ମିଂଟନ ପ୍ରତିଯୋଗିତା ଇତିମଧ୍ୟରେ ଉଦଯାପିତ ହୋଇଯାଇଛି । ଗତ ଅଗଷ୍ଟ ୨୯ ତାରିଖ ଦିନ ସମ୍ବଲପୁର ଜିଲ୍ଲାପାଳ ସିଦ୍ଧେଶ୍ୱର ବଳିରାମ ବୋନ୍ଦର ଙ୍କ ଦ୍ୱାରା ଉଦଘାଟିତ ହୋଇଥିବା ବେଳେ ୩ ଦିନ ହେଲା ଚାଲିଥିବା ଏହି ପ୍ରତିଯୋଗିତାର ଉଦଯାପନୀ ଉତ୍ସବରେ ଅତିରିକ୍ତ ତହସିଲଦାର ପ୍ରତାପ ଶଙ୍କର ଦାସ, ସାମ୍ବାଦିକ ହେମନ୍ତ କୁମାର ମହାପାତ୍ର, ପୂର୍ବତନ ଖେଳାଳି ସୁବାଶିଷ ସରକାର, ଜଗଦୀଶ ପଟେଲ, ନାରାୟଣ ଦୋରା, ଓଡିଶା ବ୍ୟାଡ଼ମୀଣ୍ଟନ ସଂଘ ତଥା ସମ୍ବଲପୁର ବ୍ୟାଡ଼ମିଂଟନ ସଂଘର ସମ୍ପାଦକ ଲିଲିନ କୁମାର, ସଭାପତି ହୃଦାନନ୍ଦ ନାୟକ, ଝାରସୁଗୁଡା ଜିଲ୍ଲା ବ୍ୟାଡ଼ମିଂଟନ ସଂଘ ର ସମ୍ପାଦକ ଶୁଭମ ଶର୍ମା ପ୍ରମୁଖ ଅତିଥି ଭାବରେ ଯୋଗ ଦେଇଥିଲେ କ୍ଷ ରାଷ୍ଟ୍ରୀୟ ସ୍ତରୀୟ ବ୍ୟାଡ଼ମିଂଟନ ଅମ୍ପାୟାର ଟିକେଶ୍ୱର ସାହୁଙ୍କର ସଂଯୋଜନା ରେ ଆୟୋଜିତ ଏହି ଉଦଯାପନୀ ଓ ପୁରସ୍କାର ବିତରଣୀ ଉତ୍ସବ ରେ ଅତିଥିମାନେ ଶିଶୁ ବୟସ ହିଁ ପ୍ରତିଭା ବିକାଶ ରେ ଗୁରୁତ୍ୱପୂର୍ଣ୍ଣ ବୋଲି କହିଥିଲେ । ଆହୁରି ମଧ କହିଥିଲେ ଯେ, ଛୋଟ ବୟସରୁ କଠିନ ପରିଶ୍ରମ ଓ ନିଷ୍ଠା ର ସହ ଖେଳ ପ୍ରତି ଅନୁରାଗ ରଖିଲେ, ନିଶ୍ଚିତ ଭାବରେ ଭବିଷ୍ୟତ ଉଜ୍ଜ୍ୱଳମୟ ହୋଇପାରିବ । ଅତିଥି ମାନେ ମ୍ୟାଚ ଗୁଡିକ ଦେଖିବା ସହ ଖେଳାଳି ମାନଙ୍କୁ ଉତ୍ସାହିତ କରିଥିଲେ । ଜିଲ୍ଲା ବ୍ୟାଡ଼ମିଂଟନ ସଂଘ ର ସାଙ୍ଗଠନିକ ସମ୍ପାଦକ ତଥା ଏହି ପ୍ରତିଯୋଗିତାର ଦାୟିତ୍ୱରେ ଥିବା ଅଭିଷେକ ବିଶ୍ୱାସ ଓ ମ୍ୟାଚ ରେଫରୀ ଲକ୍ଷପତି ନନ୍ଦ ପ୍ରମୁଖ ଏହି ପ୍ରତିଯୋଗିତାକୁ ସଂଚାଳନ ର ମୁଖ୍ୟ ଭୂମିକା ନିର୍ବାହ କରିଥିଲେ । ଏହି ପ୍ରତିଯୋଗିତା ର ବିଜେତା ମାନେ ରାଜ୍ୟସ୍ତରୀୟ ପ୍ରତିଯୋଗିତାରେ ଭାଗ ନେବାର ସୁଯୋଗ ପାଇବେ । ୩ ଦିନ ଧରି ଆୟୋଜିତ ହୋଇଥିବା ଏହି ବ୍ୟାଡ଼ମିଂଟନ ପ୍ରତିଯୋଗିତା ରେ ବିଭିନ୍ନ ବର୍ଗରେ ଜିଲ୍ଲା ର ୨୨୦ ଜଣ ଖେଳାଳି ଅଂଶଗ୍ରହଣ କରିଥିବା ବେଳେ, ପ୍ରତିଯୋଗିତାକୁ ରାଜ୍ୟ ବ୍ୟାଡ଼ମିଂଟନ ସଂଘ ର ଅମ୍ପାୟାର ସୂର୍ଯ୍ୟ ପାଣିଗ୍ରାହୀ, ବବଲୁ ସାହୁ, ନୀଳାଂଚଳ ସେଠି, ଟିକେଶ୍ୱର ସାହୁ, ମଣି ବେଜି ଓ ହେମନନ୍ଦ ଥପା ଙ୍କ ଦ୍ୱାରା ପରିଚାଳନା କରିଥିଲେ । ସର୍ବମୋଟ ପାଂଚୋଟି ବୟସ ବର୍ଗରେ ଅନୁଷ୍ଠିତ ହୋଇଥିବା ଏହି ପ୍ରତିଯୋଗିତାରେ ବାଳକ ଓ ବାଳିକା ବିଭାଗରେ ସିଙ୍ଗିଲ୍ସ, ଡବଲ୍ସ, ମିକ୍ସଡ଼ ଡବଲ୍ସ ରେ ମ୍ୟାଚ ଗୁଡିକ ଖେଳାଯାଇଥିଲା ।

# ଏକଲ ବିଦ୍ୟାଳୟ ଅଭିଯାନର ପାଠ୍ୟ ଉପକରଣ ବଂଟନ

କେନ୍ଦୁଝର, ୧/୦୯ (ନି.ପ୍ର): ଢେଙ୍କିକୋଟ ସରସ୍ୱତୀ ଶିଶୁ ମନ୍ଦିର ସଭାଗୃହରେ ଘଟଗାଁ ଏକଲ ବିଦ୍ୟାଳୟ ଅଭିଯାନର ପୁସ୍ତକ ଓ ପାଠ୍ୟ ଉପକରଣ ଦିଆଯାଇଛି । ଏହି ଅବସରରେ ଆଜି ଢେଙ୍କିକୋଟ ଶିଶୁ ବିଦ୍ୟାମନ୍ଦିରରେ ଆୟୋଜିତ କାର୍ଯ୍ୟକ୍ରମରେ ଘଟଗାଁ ସଂଘର ସଭାପତି ଗୋବିନ୍ଦ ନାୟକ, ଏକଲ ବିଦ୍ୟାଳୟ ଅଭିଯାନର ଜିଲ୍ଲା କାର୍ଯ୍ୟକାରିଣୀ ସଦସ୍ୟା ଲବଙ୍ଗଲତା ନାୟକ, ଶିଶୁ ବିଦ୍ୟାମନ୍ଦିର ଆଚାର୍ଯ୍ୟ ନିରଞ୍ଜନ ମହାନ୍ତ ଏବଂ ସଂଘ ପ୍ରଶିକ୍ଷକ ସୁଲୋଚନା ବେହେରାଙ୍କ ସହିତ ଆଚର୍ଯ୍ୟା ମାନଙ୍କୁ ପାଠ୍ୟ ପୁସ୍ତକ ଉପକରଣ ବଣ୍ଟନ କରିଥିଲେ ।

# ନବନିର୍ମାଣ ଯୁବଛାତ୍ର ସଂଗଠନ ସଦସ୍ୟ ଓ ଗୁଜିଦରଡାବାସୀ ନିର୍ମାଣ କଲେ ଗ୍ରାମ୍ୟ ରାସ୍ତା

ଭଦ୍ରକ, ୧/୦୯ (ନି.ପ୍ର): ନବନିର୍ମାଣ ଯୁବଛାତ୍ର ସଂଗଠନର ସଦସ୍ୟ ଓ ଗୁଜିଦରଡାବାସୀ ୪ ନଂ ୱାର୍ଡ କରବଲା ମରାଦାଣ୍ଡି ଠାରୁ ୱାର୍ଡ ନଂ ୧୬ ଅମିନାବାଦ ପର୍ଯ୍ୟନ୍ତ ରାସ୍ତାକୁ ମୋରମ, ବାଲି ଓ ଡଷ୍ଟ ସାହାଯ୍ୟରେ ନିର୍ମାଣ କରିଛନ୍ତି । ଏଠାରେ ସୂଚନାଯୋଗ୍ୟ ୪ ନଂ ୱାର୍ଡ କରବଲା ମରାଦାଣ୍ଡି ଠାରୁ ୱାର୍ଡ ନଂ ୧୬ ଅମିନାବାଦ ପର୍ଯ୍ୟନ୍ତ ଗ୍ରାମ୍ୟ ରାସ୍ତାଟି ଶୋଚନୀୟ ଅବସ୍ଥାରେ ରହିଥିବାବେଳେ ୧୨ନଂ ୱାର୍ଡ ମେହେରବାନ ନଗର ରାସ୍ତାଟି ମଧ ସେହିପରି ବିପର୍ଯ୍ୟସ୍ତ ଅବସ୍ଥାରେ ରହିଅଛି । ସେହି ଗ୍ରାମର ୨ ଶହରୁ ଉର୍ଦ୍ଧ୍ୱ ଘର ଥିବାବେଳେ ପ୍ରତ୍ୟେକଦିନ ଉକ୍ତ ରାସ୍ତା ଦେଇ ସେମାନଙ୍କର ପିଲାଛୁଆ ସ୍କୁଲ ଯିବାଆସିବା ପାଇଁ ବହୁ ଅସୁବିଧାର ସମ୍ମୁଖୀନ ହୋଇଥାନ୍ତି । ବୃଦ୍ଧ ଲୋକ ଠାରୁ ଗର୍ଭବତୀ ମହିଳା ପର୍ଯ୍ୟନ୍ତ କେହି ଏହି ରାସ୍ତାରେ ସୁରୁଖୁରୁରେ ଯାତାୟତ କରିପାରନ୍ତିନାହିଁ । ଏବଂ ଗର୍ଭବତୀ ମହିଳା ଡାକ୍ତରଖାନା ଯିବା ପୂର୍ବରୁ ଏହି ରାସ୍ତାରେ ମୃତ୍ୟୁବରଣ ହୋଇଯିବାର ଯଥେଷ୍ଟ ସମ୍ଭାବନା ରହିଅଛି । ସେହି ରାସ୍ତାର ଅବସ୍ଥା ଶୋଚନୀୟ ଯୋଗୁଁ ଆମ୍ବୁଲାନ୍ସ ଓ ଦମକଳ ଗାଡି ଆସିପାରୁନାହିଁ । ଯାହାଫଳରେ ୪/୫ ମାସ ମଧ୍ୟରେ ଦୁଇ ଦୁଇଥର ଘରପୋଡି ହୋଇ ଛାରଖାର ହୋଇଯିବା ସହ ବହୁ ଜନଧୀବନ ହାନି ହୋଇଅଛି । ଅନେକ ଥର ଉକ୍ତ ରାସ୍ତା ନିର୍ମାଣ ପାଇଁ ସରପଂଚଙ୍କ ସମେତ ଅନ୍ୟାନ୍ୟ ଅଧିକାରୀଙ୍କୁ ଅବଗତ କରାଇଥିଲେ ମଧ ରାସ୍ତାର କିଛି ମରାମତି ହୋଇନଥିଲା । ଯଦି ଉକ୍ତ ଗ୍ରାମ ରାସ୍ତା ଗୋଟିଏ ମାସ ମଧ୍ୟରେ ଆରମ୍ଭ ନହୁଏ, ତାହେଲେ ନବନିର୍ମାଣ ଯୁବଛାତ୍ର ସଂଗଠନ ଓ ଗୁଜିଦରଡା ବାସୀଙ୍କ ପକ୍ଷରୁ ଆପଣଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଧାରଣାରେ ବସିବେ ବୋଲି ଗତ ଜୁଲାଇ ୧୧ ତାରିଖରେ ନବନିର୍ମାଣ ଯୁବଛାତ୍ର ସଂଗଠନର ସଭାପତି ଜହିର ଖାନ୍ ନେତୃତ୍ୱରେ ଏକ ଦାବିପତ୍ର ବିଡିଓଙ୍କୁ ପ୍ରଦାନ କରାଯାଇଥିଲା । କିନ୍ତୁ ଏକମାସରୁ ଉର୍ଦ୍ଧ୍ୱ ଅତିକ୍ରାନ୍ତ ହୋଇଯାଇଥିଲେ ମଧ ପ୍ରଶାସନ ପକ୍ଷରୁ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ ନହେବାରୁ ବାଧହୋଇ ନବନିର୍ମାଣ ଯୁବଛାତ୍ର ସଂଗଠନର ସଦସ୍ୟ ଓ ଗୁଜିଦରଡାବାସୀ ମୋରମ, ବାଲି ଓ ଡଷ୍ଟ ସାହାଯ୍ୟରେ ଉକ୍ତ ରାସ୍ତାକୁ ନିର୍ମାଣ କରିଥିବାର ଜଣାପଡିଛି ।

# କୋରାପୁଟ ଜିଲ୍ଲା ଅବସରପ୍ରାପ୍ତ ଶିକ୍ଷକ ମାନଙ୍କ ବୈଠକ

ଜୟପୁର, ୧/୦୯ (ନି.ପ୍ର): କୋରାପୁଟ ଜିଲ୍ଲାର ଅବସର ପ୍ରାପ୍ତ ଶିକ୍ଷକ ମାନଙ୍କ ଏକ ବୈଠକ ଆଜି ସ୍ଥାନୀୟ ସିଟି ଉଚ୍ଚ ବିଦ୍ୟାଳୟ ଜୟପୁରରେ ଅନୁଷ୍ଠିତ ହୋଇଛି । ଏଥିରେ ଅବସପ୍ରାପ୍ତ ପ୍ରଧାନ ଶିକ୍ଷକ ଶ୍ରୀନାଥ ମିଶ୍ର ସଭାପତିତ୍ୱ କରିଥିଲେ । ଅବସର ପରେ ସମାଜ ପାଇଁ କିଛି କରିବାକୁ ସମସ୍ତେ ମତ ପ୍ରକାଶ କରିଥଲେ । ସିଟି ଉଚ୍ଚ ବିଦ୍ୟାଳୟ ର ପ୍ରତିଷ୍ଠାତା ସଭ୍ୟ ଶଶି ପଟ୍ଟନାୟକ ଶିକ୍ଷାର ବିକାଶ ପାଇଁ ଓ ଛାତ୍ର ଛାତ୍ରୀ ମାନଙ୍କ ବୌଦ୍ଧିକ ବିକାଶ ପାଇଁ ଆମ ବିଦ୍ୟାଳୟ ସବୁବେଳେ ସହଯୋଗ କରିବ ବୋଲି କହିଛନ୍ତି । ଏହି କାର୍ଯ୍ୟକ୍ରମକୁ ଆୟୋଜନ କରିଥିବା କୋଟପାଡ଼ ଜେ.ଇ.ଏଲ୍.ସି. ଉଚ୍ଚ ବିଦ୍ୟାଳୟର ଅବସପ୍ରାପ୍ତ ଶିକ୍ଷକ ପ୍ରତାପ ମନ୍ତ୍ରୀ ଅବସରପ୍ରାପ୍ତ ଶିକ୍ଷକ ମାନଙ୍କ ଅନୁଭୂତି ଓ ଶିକ୍ଷା ଉପରେ ଏକ ପତ୍ରିକା ପ୍ରକାଶନ ପାଇଁ ପ୍ରସ୍ତାବ ରଖିଥିଲେ । ବରିଷ୍ଠ ଅବସପ୍ରାପ୍ତ ଶିକ୍ଷକ ପଂଚାନନ ଗୌଡ ଆମ ଅଂଚଳର ପିଲା କିପରି କର୍ମ ନିଯୁକ୍ତି ପାଇବେ ଓ ଗ୍ରାମାଂଚଳରେ ଥିବା ସାଧନର ଉପଯୁକ୍ତ ବିନିଯୋଗ କରି ଆମ ପିଲା କିପରି ଅଧିକ କୁଶଳୀ ହୋଇ ପାରିବେ ସେଥିପାଇଁ ଆମେ କିଛି କରିବା ଉଚିତ୍ ବୋଲି କହିଛନ୍ତି । ପ୍ରତ୍ୟେକ ମାସର ଶେଷ ରବିବାର ଆମେ ଏକତ୍ରିତ ହୋଇ ଶିକ୍ଷା ଉପରେ ଆଲୋଚନା କରିବା ପାଇଁ ପ୍ରସ୍ତାବ ରଖିଥିଲେ । ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ କୈଳାଶ ଚନ୍ଦ୍ର ପଣ୍ଡା । ଅବସର ପ୍ରାପ୍ତ ଶିକ୍ଷକ ମାନଙ୍କ ମଧ୍ୟରେ ସୁରେନ୍ଦ୍ର ପଟ୍ଟନାୟକ, ବିନୋଦ ପଟ୍ଟନାୟକ, କିଶୋର ଚନ୍ଦ୍ର ପଣ୍ଡା, ବିଜୟ ଭଟ୍ଟ, ଶ୍ରୀକାନ୍ତ ଦଣ୍ଡସେନା, ମହମ୍ମଦ ୱାହେଦ ସରିଫ, ଲକ୍ଷ୍ମୀଧର ବିଶ୍ୱାଳ, ଅରବିନ୍ଦ ମହାପାତ୍ର, କୃଷ୍ଣ ଚନ୍ଦ୍ର ମୌଳି ବାସୁଦେବ ସେନାପତି ଏହି କାର୍ଯ୍ୟକ୍ରମରେ ଯୋଗଦେଇ ଥିଲେ । କାର୍ଯ୍ୟକ୍ରମର ସଫଳ ପରିଚାଳନା ପାଇଁ ସହଯୋଗ କରିଥିବା ଶିକ୍ଷକ ମାନେ ହେଲେ ପ୍ରତାପ ପଟ୍ଟନାୟକ, ରାମ ଚନ୍ଦ୍ର ପାଳ ଓ ପ୍ରଶାନ୍ତ କୁମାର ଦାସ । ଅବସପ୍ରାପ୍ତ ଶିକ୍ଷକ ପ୍ରଭାତ ରଥ ଧନ୍ୟବାଦ୍ ଅର୍ପଣ କରିଥଲେ ।

# ଡିସେମ୍ବର ୨୬ରେ କେନ୍ଦ୍ରାପଡା ଜିଲ୍ଲା ସାହିତ୍ୟ ସଂସଦର ବାର୍ଷିକୋତ୍ସବ

କେନ୍ଦ୍ରାପଡ଼ା, ୧/୦୯ (ନି.ପ୍ର): କେନ୍ଦ୍ରାପଡା ଜିଲ୍ଲା ସାହିତ୍ୟ ସଂସଦର ମାସାନ୍ତ ରବିବାସରୀୟ ସାହିତ୍ୟ ଆସର, କବିତା ପାଠୋତ୍ସବ ଓ ଆଲୋଚନା ଚକ୍ର ସାହିତ୍ୟ ସଂସଦର କାର୍ଯ୍ୟକାରୀ ସଭାପତି କବି କରୁଣାକର ଦାସଙ୍କ ଅଧ୍ୟକ୍ଷତାରେ ପବ୍ଲିକ ରିଡିଂରୁମ ପରିସରରେ ଆଜି ଅନୁଷ୍ଠିତ ହୋଇଯାଇଛି । ଏଥିରେ ମୁଖ୍ୟ ଅତିଥି ଭାବରେ ଖ୍ରୀଷ୍ଟ କଲେଜର ଅବସର ପ୍ରାପ୍ତ ଅଧ୍ୟକ୍ଷ ଡଃ ସୁରେନ୍ଦ୍ରନାଥ ଆଚାର୍ଯ୍ୟ, ମୁଖ୍ୟବକ୍ତା ଭାବରେ ସ୍ତମ୍ଭକାର ଡଃ ସର୍ବେଶ୍ୱର ସେଣ, ସାହିତ୍ୟ ସଂସଦର ସଂପାଦକ ଶୁଭାଂଶୁ କୁମାର ଦାସ, ଉପସଭାପତି ବରିଷ୍ଠ ଆଇନଜିବୀ ରାମକୃଷ୍ଣ ଦାଶ, ପ୍ରଦୀପ କୁମାର ଦାଶ, ପ୍ରେମଲତା ଗିରି, ସଂଗଠନ ସଂପାଦକ ଆଦିକନ୍ଦ ରାଉଳ, ଯୁଗ୍ମ ସଂପାଦକ ଶ୍ରୀଧର କୁମାର ଭୋଳ, ବରେଣ୍ୟଅତିଥି ଭାବରେ ତୁଳସୀ ମହିଳା ବିଦ୍ୟାଳୟ ପ୍ରାକ୍ତନ ଅଧ୍ୟକ୍ଷ ଅଜୟ କୁମାର ସାମଲ, ଡଃ ନାରାୟଣ ପ୍ରସାଦ ଜେନା, ଡଃ ଚୈତନ୍ୟ ଚରଣ ପରିଡା, କେଶବ ସେଠୀ, ରଜନୀକାନ୍ତ ଦାସ, ଗଗନ ବିହାରୀ ଜେନା, ଅମର ପ୍ରସାଦ ରାଉତ, ମଧୁସୂଦନ ଗେରୁ, ଅଜୟ କୁମାର ପାତ୍ର, ବରିଷ୍ଠ ଗାଳ୍ପିକା ଅବନ୍ତି ବେହେରା, ରଣଧିର ଜେନା, ଅନନ୍ତ ଚରଣ ନାୟକ, ମନୋରଞ୍ଜନ ତ୍ରିପାଠୀ, ଶ୍ରୀଧର କୁମାର ମହାନ୍ତି, ବିଷ୍ଣୁ ପ୍ରିୟା ସାମଲ, ପ୍ରଫୁଲ୍ଲ କୁମାର ଦାସ, ତପସ୍ୱିନୀ ପଟ୍ଟନାୟକ, ମମତା ଶତପଥି, ମଧୁସୂଦନ ଦାଶ, ନିଗମା ନନ୍ଦ ଦାସ, ରଞ୍ଜନ ବାଇ, ମନୋଜ ଦାସ, ଆଶିଷ ସେନାପତି, ଗାୟକ ପ୍ରଫୁଲ୍ଲ ଦାସ, ପ୍ରେମାନନ୍ଦ ଜେନା ପ୍ରମୁଖ ଯୋଗଦାନ କରି ସାହିତ୍ୟ ସଂସଦର ବାର୍ଷିକ ଉତ୍ସବ ଡିସେମ୍ବର ୨୬ତାରିଖରେ କରାଯିବାକୁ ମତ ପୋଷଣ କରିଥିଲେ । ଏଥି ନିମନ୍ତେ ଲେଖା ପଠାଇବାର ଶେଷ ତାରିଖ ଅକ୍ଟୋବର ୩୧ତାରିଖ ସୁଦ୍ଧା ପଠାଇବାଉକୁ ସାହିତ୍ୟକ ମାନଙ୍କୁ ଅନୁରୋଧ କରାଯାଇଥିଲା । ଏହି ଅବସରରେ ଡ. ନାରାୟଣ ଜେନାଙ୍କ ସଂଯୋଜନାରେ ଏକ କବିତା ପାଠୋତ୍ସବ ଅନୁଷ୍ଠିତ ହୋଇଥିଲା । ଶେଷରେ ଶନ୍ୟବାଦ ଜ୍ଞାପନ କରିଥିଲେ ଶ୍ରୀଧର କୁମାର ଭୋଳ ।

# ତିହିଡ଼ି ବଜାରରୁ ୧୭ ଗ୍ରାମ ହେରୋଇନ ଜବତ : ଯୁବକ ଗିରଫ

ଭଦ୍ରକ, ୧/୦୯ (ନି.ପ୍ର): ଭଦ୍ରକ ଅବକାରୀ ସ୍କ୍ୱାର୍ଡ଼ ପକ୍ଷରୁ ଚଢ଼ାଉ କରାଯାଇ ତିହିଡ଼ି ବଜାରର ଭାଟପଡ଼ା ପଂଚାୟତ ଅଫିସ୍ ଛକ ନିକଟରେ ଥିବା ମାଛହାଟ ପାଖରୁ ଜଣେ ଯୁବକଙ୍କ ଠାରୁ ୧୭ ଗ୍ରାମର ହେରୋଇନ ଜବତ କରାଯାଇଛି । ଏ ସମ୍ପର୍କରେ ଅବକାରୀ ବିଭାଗ ପକ୍ଷରୁ ୩୬/୨୫ରେ ଏକ ମକଦ୍ଦମା ରୁଜୁ କରାଯାଇ ମିର୍ଜାପୁର ଗ୍ରାମର ଜନାର୍ଦ୍ଦନ ପତି (୪୧) ନାମକ ଜଣେ ଯୁବକକୁ ଗିରଫ କରାଯାଇଥିବା ଜଣା ପଡ଼ିଛି । ଅବକାରୀ ବିଭାଗର ଅଧୀକ୍ଷକ ନରୋତମ ମିଶ୍ର ଓ ଡେପୁଟି ସୁପରିଟେଣ୍ଡେଂଟ ମେଜର ସୁଚରିତା ମିଶ୍ରଙ୍କ ନିର୍ଦ୍ଦେଶକ୍ରମେ ତିହିଡ଼ି ଅବକାରୀ ଥାନା ଅଧିକାରିଣୀ ସୁମିତ୍ରା ହେମ୍ବ୍ରମ, ଭଦ୍ରକ ରେଞ୍ଜ ଇନିସ୍ପେକ୍ଟର ଶ୍ରୀକାନ୍ତ ମୁର୍ମୁ, ଏଏସଆଇ କ୍ଷୀରୋଦ କୁମାର ପାତ୍ର, ଏଏସଆଇ ଦେବେନ୍ଦ୍ର କୁମାର ପାତ୍ର, ଏଏସଆଇ ବିଜୟ ମଲ୍ଲିକ, କନେଷ୍ଟବଳ ଅଜିତ୍ କୁମାର ସିଙ୍କୁ, ପରେଶ ଚନ୍ଦ୍ର ଟୁଡୁ, ପ୍ରଶାନ୍ତୀ ସିଂ, ମିଥୁନ ଜେନା, ସୁବାଶିଷ ରାଉତ, ସୁଦର୍ଶନ ପଲେଇ, ବିଭୂପ୍ରସାଦ, ସୂର୍ଯ୍ୟକାନ୍ତ କିସ୍କୁ ପ୍ରମୁଖ ଚଢ଼ାଉରେ ସାମିଲ ହୋଇଥିଲେ ।

# ଏକଲ ଅଭିଯାନର ସୈନିକ ସମ୍ମାନ ପର୍ବ ଅନୁଷ୍ଠିତ



ଉଦଳା , ୧/୯ (ନି.ପ୍ର): ଏକଲ ଅଭିଯାନ ବାରିପଦା ଅଂଚଳ ତରଫରୁ ସୈନିକ ସମ୍ମାନ ପର୍ବ ଗତ ଅଗଷ୍ଟ ୩୧ ତାରିଖ ରବିବାର ଦିନ ବାରିପଦା ସହରସ୍ଥିତ ସରସ୍ୱତୀ ଶିଶୁବିଦ୍ୟାମନ୍ଦିର ପରିସରରେ ଅନୁଷ୍ଠିତ ହୋଇ ଯାଇଛି । ଏହିଅବସରରେ ସୈନିକ ମାନେ ନିଜ ନିଜର କର୍ମକ୍ଷେତ୍ରର ଅନୁଭବ ବ୍ୟକ୍ତ କରିବା ସହିତ ଏକ ଆଲୋଚନାଚକ୍ରର ପର୍ବ ଅନୁଷ୍ଠିତ ହୋଇ ଯାଇଛି । ପ୍ରଭାଗ ସମ୍ପାଦକ ଇଂ. ରଥୁ ମହାନ୍ତ ଉକ୍ତ ଆଲୋଚନାଚକ୍ରରେ ଅଧକ୍ଷତା କରିବା ସହ ଦେଶର ସୁରକ୍ଷା, ଗଠନ ଓ ଗଣତନ୍ତ୍ରର ରକ୍ଷା କ୍ଷେତ୍ରରେ ଆମଦେଶର ସୈନିକ ମାନଙ୍କର ଅବଦାନକୁ ଯେତେ ପ୍ରଶଂସା କଲେ ମଧ କମ୍ ହେବ ବୋଲି କହିଥିଲେ । ମୟୂରଭଂଜର ଅତିରିକ୍ତ ପୋଲିସ ଅଧିକ୍ଷକ ଦୀପକ କୁମାର ଗୋଛାୟତ ଉକ୍ତ ଉତ୍ସବରେ ମୁଖ୍ୟ ଅତିଥି ଭାବରେ ଯୋଗଦେଇ ପ୍ରଦୀପ ପ୍ରଜ୍ୱଳନ ପୂର୍ବକ ଉଦ୍‌ଘାଟନ କରିବା ସହ ଏକଲ ଅଭିଯାନର ଏପରି ଏକ ଉଦ୍ୟମକୁ ଭୂୟସୀ ପ୍ରଶଂସା କରିଥିଲେ । ପୂର୍ବତନ କେନ୍ଦ୍ରମନ୍ତ୍ରୀ ଇଂ. ବିଶେଶ୍ୱର ଟୁଡୁ ମୁଖ୍ୟ ବକ୍ତା ଭାବରେ ଯୋଗଦେଇ ଦେଶର ସୁରକ୍ଷା ଓ ଅଖଣ୍ଡତା ରକ୍ଷା କରିବା କ୍ଷେତ୍ରରେ ସୈନିକ ମାନଙ୍କର ଅବଦାନକୁ କେବେ ଭୁଲିହେବ ନାହିଁ ବୋଲି ବ୍ୟକ୍ତ କରିଥିଲେ । ଅନ୍ୟ ମାନଙ୍କ ମଧ୍ୟରେ କାର୍ଯ୍ୟାଳୟ ପ୍ରଭାରୀ ଇଂ. ଅଶୋକ ମୁଦୁଲି, କେନ୍ଦ୍ରୀୟ ଗତିବିଧି ପ୍ରମୁଖ ପ୍ରଦୀପ କୁମାର ସ୍ୱାଇଁ, ମହିଳା ସମିତି ପ୍ରତିଭା ମହାନ୍ତ, ଅଂଚଳ ସଭାପତି ମନୋରଂଜନ ମଲ୍ଲିକ ପ୍ରମୁଖ ଯୋଗଦେଇ, ପାକିସ୍ଥାନ, ବାଂଲାଦେଶ ଓ ମିଆଁମାରର ସୈନ୍ୟବାହିନୀ ଦେଶରେ ବାରମ୍ବାର ସାମରିକ ବିଦ୍ରୋହ ଘଟାଇବା ସହ ଏକଛତ୍ରବାଦ ଶାସନକୁ ଡ଼ାକିଆଣୁଛନ୍ତି, କିନ୍ତୁ ଭାରତର ସୈନ୍ୟବାହିନୀ ସବୁ ସମୟରେ ଗଣତନ୍ତ୍ରକୁ ସମ୍ମାନ ପ୍ରଦର୍ଶନ କରିଆସିଛି ଓ ସାଧାରଣ ଲୋକଙ୍କର ପ୍ରିୟଭାଜନ ହୋଇପାରିଛି ସେ ସମ୍ପର୍କରେ ବିସ୍ତୃତ ବର୍ଣ୍ଣନା କରିଥିଲେ । ଏହାପରେ ଉପସ୍ଥିତ ଥିବା ୩୩ଜଣ ସୈନିକଙ୍କୁ ଉପହାର, ଉତରୀୟ ଓ ପୁଷ୍ପଗୁଚ୍ଛ ଅର୍ପଣ ପୂର୍ବକ ସମ୍ବର୍ଦ୍ଧିତ କରାଯାଇଥିଲା । ଗତିବିଧି ପ୍ରଶିକ୍ଷିକା ଇତି ମିଶ୍ର ପ୍ରାରମ୍ଭରେ ଅତିଥି ପରିଚୟ ଓ ସ୍ୱାଗତଭାଷଣ ପ୍ରଦାନ କରିଥିବା ବେଳେ ଅଂଚଳ ସଂପାଦିକା ନମିତା ରାଉତ ମଂଚ ପରିଚାଳନା ଦାୟିତ୍ୱ ତୁଲାଇଥିଲେ । କାର୍ଯ୍ୟକ୍ରମକୁ ସଫଳ କରିବାରେ ସୁକେଶ କୁମାର ବେହେରା, ଗୌରଚନ୍ଦ୍ର ଜେନା ଓ ମୁନା ସାହା ପ୍ରମୁଖ ସହଯୋଗ କରିଥିଲେ । ଶୃଙ୍ଖଳା ପାଇଁ ଭାରତୀୟ ସୈନ୍ୟବାହିନୀର ଏକ ସ୍ୱତନ୍ତ୍ର ସମ୍ମାନ ସମଗ୍ର ପୃଥିବୀରେ ରହିଛି ବୋଲି ସମସ୍ତେ ସ୍ୱିକାର କରିଥିଲେ ।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ....

### ଶ୍ରୀମନ୍ଦିରକୁ ନେଇ...

ପର୍ଯ୍ୟଟନ ସମ୍ବନ୍ଧୀୟ ଯେକୌଣସି ସହାୟତା ପାଇଁ, ୧୧୨ କିମ୍ବା ପର୍ଯ୍ୟଟନ ହେଲ୍ପଲାଇନ୍ ୬୩ ୭୦୯୬୭୧୦୦ କୁ ଡାଏଲ୍ କରିବାକୁ ପୁରୀ ପୋଲିସ ପକ୍ଷରୁ କୁହାଯାଇଛି । ସେପଟେ ସମସ୍ତ ହୋଟେଲ ମାଲିକ ଏବଂ ସେବା ପ୍ରଦାନକାରୀଙ୍କୁ ସତର୍କ ରହିବା ସହ ନିୟମିତ ଭାବରେ ଯାଞ୍ଚ କରିବାକୁ କୁହାଯାଇଛି । ଭକ୍ତ ଓ ପର୍ଯ୍ୟଟକଙ୍କୁ ଠକାମିରୁ ରକ୍ଷା ପାଇବା ପାଇଁ ତୁରନ୍ତ ସାଇବର ଥାନାର ସହାୟତା ନେବାକୁ କୁହାଯାଇଛି କ୍ଷ ଭକ୍ତ ଏବଂ ପର୍ଯ୍ୟଟକଙ୍କ ସୁରକ୍ଷା ଦେବା ପୁରୀ ପୋଲିସର ସର୍ବୋଚ୍ଚ ପ୍ରାଥମିକତା । ପ୍ରଭୁ ଜଗନ୍ନାଥ ଏବଂ ଶ୍ରୀ ମନ୍ଦିର ନାମରେ ଭକ୍ତମାନଙ୍କୁ ଠକିବାକୁ ଚେଷ୍ଟା କରୁଥିବା ଲୋକଙ୍କ ବିରୁଦ୍ଧରେ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ପୁରୀ ଏସ୍ପି ମତବ୍ୟକ୍ତ କରିଛନ୍ତି । ଅନ୍ୟପଟେ ୨୦୨୫ ଅଗଷ୍ଟ ପର୍ଯ୍ୟନ୍ତ ୪୦୮ ଟି ଅନଲାଇନ୍ ଆର୍ଥିକ ଠକେଇ ଅଭିଯୋଗ ହୋଇଥିବାବେଳେ ୩୯୦ଟି ବ୍ୟାଙ୍କ ଆକାଉଣ୍ଟ କୁ ରଦ୍ଦ କରାଯାଇଛି । ୧୨୫ ନକଲି ୱେବସାଇଟ କୁ ଅକ୍ଷମ କରାଯାଇଥିବାବେଳେ ୬୬ଟି ସାମାଜିକ ଗଣମାଧମ ଆକାଉଣ୍ଟ ଅବରୋଧ କରାଯିବା ସହ ୪ଜଣ ଅଭିଯୁକ୍ତଙ୍କୁ ଗିରଫ କରାଯାଇଛି ।

### ମୋଦୀ-ପୁଟିନ୍ ମହାବୈଠକ...

ସମ୍ପର୍କ ଏକ ନିରନ୍ତର ପରିବର୍ତ୍ତନଶୀଳ ପ୍ରକ୍ରିୟା । ଯେଉଁଠାରେ ବନ୍ଧୁତା ଏବଂ ଶତ୍ରୁତା ସମୟ ଓ ପରିସ୍ଥିତି ଅନୁସାରେ ରୂପାନ୍ତରିତ ହୋଇଥାଏ । ଯେତେବେଳେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ, ଚୀନ ରାଷ୍ଟ୍ରପତି ଶି ଜିନପିଙ୍ଗ ଏବଂ ରୁଷ ରାଷ୍ଟ୍ରପତି ଭ୍ଲାଦିମିର ପୁଟିନଙ୍କ ଭଳି ବିଶ୍ୱର ତିନି ପ୍ରମୁଖ ନେତା ଏକାଠି ହୁଅନ୍ତି, ସେତେବେଳେ ଏହା ବିଶ୍ୱ ରାଜନୀତିରେ ଏକ ବଡ଼ ପ୍ରଭାବ ପକାଇଥାଏ । 'ହାତରେ ହାତ ଏବଂ ଗଭୀର କଥାବାର୍ତ୍ତା' ଶବ୍ଦଗୁଡ଼ିକ ଏକ ସୁଦୃଢ଼ ଏବଂ ସମନ୍ୱିତ ମେଣ୍ଟର ସଙ୍କେତ ଦେଇଥାଏ । ଯାହା ପାଶ୍ଚାତ୍ୟ ଦେଶଗୁଡ଼ିକ, ବିଶେଷ କରି ଆମେରିକା ପାଇଁ ଚିନ୍ତାର କାରଣ ହୋଇପାରେ । ଡୋନାଲ୍ଡ ଟ୍ରମ୍ପଙ୍କ ଭଳି ନେତାଙ୍କ ପାଇଁ ଏଭଳି ଦୃଶ୍ୟ ରକ୍ତଚାପ ବଢ଼ାଇବା ସ୍ୱାଭାବିକ ନିଶ୍ଚିତ ।

### ନୂଆ ଏନ୍‌ଏସିକୁ ନେଇ...

ଓହ୍ଲାଇବାକୁ ଚେତାବନୀ ଦେଇଛନ୍ତି । ଦିବସରେ ମୁଖ୍ୟମନ୍ତ୍ରୀ ଘୋଷଣା କରିବା ପରେ ରାଜ୍ୟ ସରକାର ୧୨ଟି ଏନ୍‌ଏସି ପାଇଁ ଡ୍ରାଫ୍ଟ ପ୍ରକାଶ କରିଥିଲେ । ତା'ପରେ ଚାରିଆଡୁ ଏନ୍‌ଏସି ଦାବି ଉଠିଥିଲା । ବିଭିନ୍ନ ଆଡୁ ଦାବି ଆସିବା ପରେ ରବିବାର ୧୬ଟି ନୂଆ ଏନ୍‌ଏସି ଓ ୭ଟି ମ୍ୟୁନିସିପାଲିଟି ଘୋଷଣା କରିଛନ୍ତି ମୁଖ୍ୟମନ୍ତ୍ରୀ ।

### ଖୁବ୍‌ଶୀଘ୍ର ଫୁଟିବ ହାଇଡ୍ରୋଜନ...

ଆଗାମୀ ସମୟରେ ହାଇଡ୍ରୋଜନ ବୋମା ଆସିବା ପରେ ନରେନ୍ଦ୍ର ମୋଦି ଦେଶକୁ ନିଜର ମୁହଁ ଦେଖାଇ ପାରିବେନି' । ସେ କହିଛନ୍ତି ଚୀନ୍ ଓ ଆମେରିକାରେ ଲୋକେ 'ଭୋଟ ଚୋରି' ଅଭିଯୋଗକୁ ନେଇ ପ୍ରଧାନମନ୍ତ୍ରୀ ମୋଦିଙ୍କ ଇସ୍ତଫା ଦାବି କରୁଛନ୍ତି । ନିର୍ବାଚନୀ ରାଜ୍ୟର ଯୁବକଙ୍କୁ ସତର୍କ କରି ରାହୁଲ କହିଛନ୍ତି ଯେ 'ମୁଁ ବିହାରର ଯୁବକମାନଙ୍କୁ କହି ରଖୁଛି ଭୋଟ ଚୋରି ଅର୍ଥାତ ଅଧିକାରର ଚୋରି, ଗଣତନ୍ତ୍ରର ଚୋରି ଓ ରୋଜଗାରର ଚୋରି । ସେମାନେ ତୁମର ରାସନ କାର୍ଡ ଓ ଅନ୍ୟ ଅଧିକାର ମଧ ଛଡେଇ ନେବେ' । ରାହୁଲଙ୍କ ଏହି ଟିପ୍ପଣୀ ଇଣ୍ଡିଆ ବ୍ଲକ୍ ସହଯୋଗୀଙ୍କ ଦ୍ୱାରା ଆଗାମୀ ରାଜ୍ୟ ନିର୍ବାଚନ ପୂର୍ବରୁ ବିହାରର ୨୫ ଜିଲ୍ଲା ଓ ୧୧୦ ବିଧାନସଭା ନିର୍ବାଚନମଣ୍ଡଳି ଅତିକ୍ରମ କରି ୧,୩୦୦ କିଲୋମିଟରଦୀର୍ଘ ଭୋଟ ଅଧିକାର ଯାତ୍ରାର ସମାପନ ପରେ ଆସିଛି । ଅଗଷ୍ଟ ୧୭ରେ ସାସାରାମରୁ ଆରମ୍ଭ ହୋଇଥିବା ଏହି ଯାତ୍ରାର ଉଦ୍ଦେଶ୍ୟ ଥିଲା ଭୋଟର ଲିଷ୍ଟର ବିଶେଷ ପୁନରୀକ୍ଷଣ (ଏସଆଇଆର) ମାଧ୍ୟମରେ ମତାଧିକାରର କଥିତ ଉଲ୍ଲଂଘନକୁ ଉଜାଗର କରିବା ।

# ନୀଳଗିରି କୃଷକମଞ୍ଚ ତରଫରୁ ମୁଖ୍ୟମନ୍ତ୍ରୀଙ୍କୁ ୫ଦଫା ଦାବି ସମ୍ବଳିତ ଦାବିପତ୍ର ପ୍ରଦାନ

ନୀଳଗିରି , ୧/୯ (ନି.ପ୍ର): ନୀଳଗିରି କୃଷକମଞ୍ଚ ତରଫରୁ ୫ଦଫା ଦାବୀ ସମ୍ବଳିତ ଦାବୀପତ୍ର ସୋମବାର ନୀଳଗିରି ଉପଜିଲ୍ଲାପାଳଙ୍କ ଜରିଆରେ ଓଡ଼ିଶାର ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ପ୍ରଦାନ କରାଯାଇଛି । ବରିଷ୍ଠ ସାମ୍ୟବାଦୀ ନେତା ନିରଞ୍ଜନ ବାରିକଙ୍କ ନେତୃତ୍ୱରେ ଏକ ଦାବିପତ୍ର ପ୍ରଦାନ କରାଯାଇଥିବା ବେଳେ ମୁଖ୍ୟତଃ ଇକୋ ସେନସିଟିଭ ଜୋନକୁ ଜନବସତିରୁ ପ୍ରତ୍ୟାହାର କରିବାପାଇଁ ମୁଖ୍ୟ ଦାବୀ କରାଯାଇଛି । ସୂଚନା ଅନୁଯାୟୀ ନୀଳଗିରି କୁଳଡିହା ଅଭୟାରଣ୍ୟ ପ୍ରସ୍ତାବିତ ସୀମାରୁ ୫କିମି ବ୍ୟାସାର୍ଦ୍ଧକୁ ଇକୋ ସେନସେଟିଭ ଜୋନଭାବେ କେନ୍ଦ୍ର ସରକାର ଘୋଷଣା କରିଥିବାରୁ ଏହା ମଧ୍ୟରେ ୨୦୬ ଗୋଟି ଗ୍ରାମ ଯାହା ମୟୁରଭଞ୍ଜର କପ୍ତିପଦା ତହସିଲ ଠାରୁ ଆରମ୍ଭକରି ବାଲେଶ୍ୱର ଜିଲ୍ଲାର ୪ଗୋଟି ତହସିଲ ଯଥା ନୀଳଗିରି, ସୋର, ଔପଦା, ଓ ଖଇରା ତହସିଲ ଅନ୍ତର୍ଭୁକ୍ତ ।ତନ୍ମଧରୁ ଔପଦା ତହସିଲ ୮୦ ଭାଗରୁ ଅଧିକ ଏହି ଇକୋ ସେନସିଟିଭ ଜୋନ ମଧରେ ଅନ୍ତର୍ଭୁକ୍ତ ହୋଇଅଛି ।ଯାହାଫଳରେ ୩ ରୁ ୪ ଟି ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର ୧୮୦ଗୋଟି ଅଙ୍ଗନବାଡି କେନ୍ଦ୍ର, ୧୦୦ରୁ ଅଧିକ ପ୍ରାଥମିକ ବିଦ୍ୟାଳୟ, ୩୦ଟି ହାଇସ୍କୁଲ, ୩ଗୋଟି କଲେଜ, ବହୁ ଦେବାଳୟ ସ୍ଥାନ, ଋଷିଆ, ଷୋଳଭଉଣୀ, ଖୋମକୁଟ ନଦୀବନ୍ଧ ଯୋଜନା, ଉତ୍ତର ଓଡିଶାର ପ୍ରମୁଖ ଶୈବପୀଠ ଏବଂ ପର୍ଯ୍ୟଟନ ସ୍ଥଳୀ ପଞ୍ଚଲିଙ୍ଗେଶ୍ୱର, ବହୁ ହୋଟେଲ, କ୍ରସର, ପଥର ଖଣି, ଓ ହଜାର ହଜାର ଲୋକ କାର୍ଯ୍ୟ କରୁଥିବା ୩୦ଗୋଟି ଇଟା ଭାଟି ୧ ଲକ୍ଷରୁ ଉର୍ଦ୍ଧ ବସବାସ କରୁଥିବା ସାଧାରଣ ଜନତା, ୧୯ ନମ୍ବର ରାଜ୍ୟ ରାଜପଥ, ପଞ୍ଚଲିଙ୍ଗେଶ୍ୱରକୁ ୧ ମାତ୍ର ରାସ୍ତା ( ନୀଳଗିରି ବଉଳ ଗଡିଆ ରାସ୍ତା ), ମୟୁରଭଞ୍ଜଜିଲ୍ଲାର କପ୍ତିପଦାରୁ ଭାୟା ଔପଦା ଭୁବନେଶ୍ୱର ରାସ୍ତା, ଖଇରାରୁ ଔପଦା ରାସ୍ତା ଭାୟା ଫତେପୁର ଏହି ଇକୋ ସେନସିଟିଭ ଜୋନରେ ବିଲୀନ ହୋଇଯିବ ବୋଲି ଆୟୋଜକ କମିଟିର ବରିଷ୍ଠ ସଦସ୍ୟ ନିରଞ୍ଜନ ବାରିକ ଉପଜିଲ୍ଲାପାଳଙ୍କ ଠାରେ ମତ ରଖିଥିଲେ । ଏଭଳି ସମ୍ବେଦନ ଘଟଣାକୁ ଅଖିଆଗରେ ରଖି ଇକୋ ସେନସିଟିଭ ଜୋନକୁ ପ୍ରତ୍ୟାହାର କରାଯାଉ ବୋଲି ମଞ୍ଚ ଦାବୀ ରଖିଛି । ଏଥିସହିତ ପାହାଡ଼ ଏବଂ ଜନବସତିର ମଧ୍ୟବର୍ତ୍ତୀ ସୀମାରେ ସୋଲାର ବାଡ଼ କରାଯାଇ ବନ୍ୟଜନ୍ତୁ କବଳରୁ ଅଞ୍ଚଳବାସୀଙ୍କ ଚାଷ ଏବଂ ବାସର ସୁରକ୍ଷା ପ୍ରଦାନକରିବା ,ସରକାରୀ ଅର୍ଥ ରେ ନିର୍ମାଣ କରାଯାଉଥିବା ସମସ୍ତ ସରକାରୀ କାର୍ଯ୍ୟ ଉପରେ କାର୍ଯ୍ୟବନ୍ଦର ନିର୍ଦ୍ଦେଶକୁ ପ୍ରତ୍ୟାହାର କରିବା ,ବନ୍ଦ ରଖାଯାଇଥିବା ନୀଳଗିରି ବଉଳଗଡିଆ ରାସ୍ତାକାର୍ଯ୍ୟକୁ ଯୁଦ୍ଧକାଳୀନ ଭିତ୍ତିରେ ନିର୍ମାଣକରିବାପାଇଁ ଆଦେଶ କରାଯାଉ ବୋଲି ଦାବି କରାଯାଇଛି । ତେବେ ଦାବିଗୁଡିକ ପ୍ରତି ଧ୍ୟାନ ନଦେଲେ କୃଷକ ମଞ୍ଚ ତରଫରୁ ଚଳିତ ସେପ୍ଟେମ୍ବର ମାସ ୨ୟ ସପ୍ତାହରେ ନୀଳଗିରି ବଉଳଗଡିଆ ରାସ୍ତାରେ ରାସ୍ତାରୋକ କରିବାପାଇଁ ଚେତାବନୀ ଦିଆଯାଇଛି । ଏହି କାର୍ଯ୍ୟକ୍ରମରେ କୃଷକମଞ୍ଚର ବରିଷ୍ଠ କାର୍ଯ୍ୟକର୍ତ୍ତା ନିରଞ୍ଜନ ବାରିକ, ଉମାକାନ୍ତ ମଲ୍ଲିକ, ବିଜୟ କୁମାର ସ, ଅନିରୁଦ୍ଧ ବେହେରା, ଅଜୟ କୁମାର ପଟ୍ଟନାୟକ, ବିକ୍ରମ ମିଶ୍ର, ହରେକୃଷ୍ଣ ପଣ୍ଡିତ, ଦେବେନ୍ଦ୍ର ବେହେରା, ରବୀନ୍ଦ୍ର ନାୟକ, ବାସନ୍ତୀ ନାୟକ, ନିରଞ୍ଜନ ଜେନା, ମନୋଜ ସିଂ, ବହାଦୁର ଟୁଡୁ, ପୁରସ୍ତମ ହାଁସଦା, ଜଗନ୍ନାଥ ଟୁଡୁ ପ୍ରମୁଖ କାର୍ଯ୍ୟକର୍ତ୍ତା ଉପସ୍ଥିତ ରହି ଉପଜିଲ୍ଲାପାଳଙ୍କୁ ଭେଟି ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଦାବିପତ୍ର ପ୍ରଦାନ କରିଥିଲେ ।

## ୫ଜଣ ଏ-୧ ଛାତ୍ରୀଛାତ୍ରଙ୍କୁ କୁନ୍ତଳା ମେଧାବୃତ୍ତି ସମ୍ମାନ

ଖଇରା, ୧/୯ (ନି.ପ୍ର): ଖଇରା ବ୍ଲକ ଅଧୀନ ପଳାସପୁର ହାଇସ୍କୁଲରେ ଚଳିତ ମ୍ୟାଟ୍ରିକ ପରୀକ୍ଷାରେ ୯୦ପ୍ରତିଶତ ଓ ତତୁର୍ଦ୍ଧ ନମ୍ବର ରଖି ଏ-୧ରେ ଉତ୍ତିର୍ଣ୍ଣ ହୋଇଥିବା ୫ଜଣ ଛାତ୍ରଛାତ୍ରୀଙ୍କୁ କୁନ୍ତଳା ମେଧା ସମ୍ମାନ ପ୍ରଦାନ କରାଯାଇଛି । କୁନ୍ତଳା କଲ୍ୟାଣୀ ସାହିତ୍ୟ ସଂସଦ ଆନୁକୂଲ୍ୟରେ ଆୟୋଜିତ ସମ୍ବର୍ଦ୍ଧନା ସଭାରେ ପ୍ରଧାନଶିକ୍ଷକ ଜୟନ୍ତ କୁମାର ପଣ୍ଡା ଅଧ୍ୟକ୍ଷତା କରିଥିଲେ । ଯୁବନେତା ଅନନ୍ତ ପ୍ରସାଦ ବାରିକ ମୁଖ୍ୟଅତିଥି, ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ସୁଦାମ ଚରଣ ରାଉତ ମୁଖ୍ୟବକ୍ତା,ବିଶିଷ୍ଟ ଗବେଷିକା ଛାତ୍ରୀ କୃତିଦିପା ରାଉତ,ମନ୍ମଥ ସାମଲ,କାର୍ଯ୍ୟକ୍ରମ ସଞ୍ଚାଳିକା କୁନ୍ତଳା ମହାରଥା ପ୍ରମୁଖ ସମ୍ମାନନୀୟ ଅତିଥି ଭାବେ ଯୋଗ ଦେଇଥିଲେ । ଶେଷରେ ମେଧାବୀ ଛାତ୍ରୀ ହରପ୍ରିୟା ରାଉଳ,ଝୁମା ସାହୁ,ଶୁଭସ୍ମିତା ବେହେରା,ଚିନ୍ମୟୀ ବାରିକ,ଛାତ୍ର ରାଜକିଶୋର ଦାସ ପ୍ରମୁଖଙ୍କୁ ଅତିଥି ମାନେ ମାନପତ୍ର ଓ ଉତ୍ତରୀୟ ପ୍ରଦାନ କରିଥିଲେ । କୁଞ୍ଜଲତା ମାହୁନ୍ତ ଧନ୍ୟବାଦ ଅର୍ପଣ କରିଥିଲେ । ବିଦ୍ୟାଳୟର ସମସ୍ତ ଶିକ୍ଷକଶିକ୍ଷୟତ୍ରୀ ଉପସ୍ଥିତ ଥିଲେ ।

# ୮୦୦ ଏକର ଜାଗାରେ ହେବ ନୂଆ ଭୁବନେଶ୍ୱର: ନୂଆ ସହର ମଧ୍ୟରେ ଶିଳ୍ପ ସଂସ୍ଥାକୁ ମଧ ଗୁରୁତ୍ୱ

ଭୁବନେଶ୍ୱର, ୧/୯ (ନି.ପ୍ର): ନୂଆ ଭୁବନେଶ୍ୱର ଗତକାଲି ମୁଖ୍ୟମନ୍ତ୍ରୀଙ୍କ ଘୋଷଣା ପରେ ନୂଆ ଭୁବନେଶ୍ୱର ନେଇ ବଢିଛି ଉତ୍କଣ୍ଠା । ୮୦୦ ଏକର ଜାଗାରେ ହେବ ନୂଆ ଭୁବନେଶ୍ୱର । ମଳିପଡା, ଦାସପୁର, ଅନ୍ଧାରୁଆ, ଗୋଠପଟଣା ଭଳି ଅଞ୍ଚଳକୁ ନେଇ ନୂଆ ସହର ହେବ ବୋଲି ନଗର ଉନ୍ନୟନ ମନ୍ତ୍ରୀ କୃଷ୍ଣ ମହାପାତ୍ର ସୂଚନା ଦେଇଛନ୍ତି । ନୂଆ ସହର ନିର୍ମାଣ ପାଇଁ ସିଙ୍ଗାପୁର ସରକାର ଏହାର ଡ୍ରଇଂଗ ଏବଂ ଡିଜାଇନ ପ୍ରସ୍ତୁତ ଦାୟିତ୍ୱ ନେଇଛନ୍ତି । ଦୋଲେରା ଗିଫ୍ଟ ସିଟି ଢାଞ୍ଚାରେ ଏହାର ନିର୍ମାଣ ହେବା ନେଇ ଚିନ୍ତା କରାଯାଉଛି । ନୂଆ ସହରରେ ଆଇଟି ପାର୍କ, ମେଡିକାଲ ସୁବିଧା, ଲୋକ ରହିବା ପାଇଁ ଘର, ବ୍ୟବସାୟୀକ ପ୍ରତିଷ୍ଠାନ, ପେଡେଷ୍ଟ୍ରିୟାନଙ୍କ ପାଇଁ ଚାଲିବା ବ୍ୟବସ୍ଥା, ଓପନ ସ୍ପେସ, ଅର୍ଥନୀତିକ ଆକ୍ଟିଭିଟି ରହିବା ସହ ନନ ପୋଲୁଟିଂଗ ହବ ରହିବା ନେଇ ବ୍ୟବସ୍ଥା ହୋଇଛି । ନୂଆ ସହର ମଧ୍ୟରେ ଶିଳ୍ପ ସଂସ୍ଥାକୁ ମଧ ଗୁରୁତ୍ୱ ଦିଆଯିବ । ଏହାର ଡିପିଆର ସିଙ୍ଗାପୁର ସରକାର ବନାଉଥିବା ବେଳେ, ଆବଶ୍ୟକ ଅର୍ଥ ମଧ୍ୟରେ ସେମାନଙ୍କୁ ଦିଆଯାଇଛି । ଆସନ୍ତା ଏକ ମାସରୁ ଦୁଇ ମାସ ଭିତରେ ରାଜ୍ୟ ସରକାରଙ୍କୁ ଡିପିଆର ଦେବ ସିଙ୍ଗାପୁର । ସହର ବୃଦ୍ଧି ସହ ସହରକୁ ରି-ଡେଭଲପମେଣ୍ଟ ମଧ କରିବାକୁ ଆମେ ଯୋଜନା କରୁଛୁ ମନ୍ତ୍ରୀ କହିଛନ୍ତି ।

# ଜଳେଶ୍ୱର ବିଭିନ୍ନ ପଂଚାୟତରେ ଉନ୍ନତି ମୂଳକ କାର୍ଯ୍ୟରେ ଅନିୟମିତତା: ଉଚ୍ଚ କର୍ତ୍ତୃପକ୍ଷ ଦୃଷ୍ଟି ଦେବାକୁ ଦାବି



ଜଳେଶ୍ୱର , ୧/୯ (ନି.ପ୍ର): ଜଳେଶ୍ୱର ପଞ୍ଚାୟତ ସମିତି ଅଞ୍ଚଳରେ ବିକାଶ ନା ରେ ଚାଲିଛି ବିନାଶ ଏହି ପରି ଦୃଶ୍ୟ ଦେଖିବାକୁ ମିଳିଛି ଜଳେଶ୍ୱର ପଞ୍ଚାୟତ ସମିତି ଅଧିନସ୍ତ ଲକ୍ଷ୍ମଣନାଥ ଗ୍ରାମ ପଞ୍ଚାୟତର ୯ ନମ୍ବର ୱାର୍ଡ଼ର ରାଣୀଘାଟି ସାହି ଠାରେ କିଛି ଦିନ ପୂର୍ବରୁ ୧ ଲକ୍ଷ ଟଙ୍କା ବ୍ୟୟରେ ରଜ ଠାକୁରାଣୀ ପୀଠର ଉନ୍ନୀତ କରଣ ହେବାର ଅଳ୍ପ ଦିନ ମଧ୍ୟରେ ଫାଟି ଆଁ କଲାଣି ଠିକ୍ ସେହିପରି ଲକ୍ଷ୍ମଣନାଥ ଆଖଣ୍ଡଳମଣୀ ମନ୍ଦିରର ଭୋଗ ମଣ୍ଡପ ପାଇଁ ରାଜ୍ୟ ସରକାରଙ୍କ ପକ୍ଷରୁ ବିକଶିତ ଗାଁ କିକଶିତ ଓଡ଼ିଶାରେ ୨୦୨୪-୨୫ ଆର୍ଥିକ ବର୍ଷରେ ୪ଲକ୍ଷ୍ୟ ୫୦ ହଜାର ଟଙ୍କା ବ୍ୟୟରେ ନିର୍ମାଣ ଚାଲିଥିବା କାର୍ଯ୍ୟରେ ଲାଗୁଥିବା ଇଟା ଗୁଡ଼ିକ ପୁରୁଣା କାଦଲଗା ଇଟା ଲଗାଇବା ସହିତଏଷ୍ଟିମେଟ ଅନୁଯାୟୀ କାର୍ଯ୍ୟ ନେଉ ନାହିଁ ଷ୍ଟିଲମଧ ଅତି ନିମ୍ନ ମାନର ଲଗାଯାଉଅଛି ଠିକ୍ ସେହିପରି ବିଭିନ୍ନ ପଞ୍ଚାୟତରେ ହେଉ ଥିବା କାର୍ଯ୍ୟ ନିମ୍ନ ମାନର ହେଉଛି ବୋଲି ସାଧାରଣରେ ଚର୍ଚ୍ଚା । ଜୋର ଧରିଛି ଯାହା ଫଳରେ କାର୍ଯ୍ୟ ହେବାର କିଛି ଦିନ ମଧ୍ୟରେ ନଷ୍ଟ ହେବାର ସମ୍ଭାବନାକୁ ଏଡାଇ ଦିଆଯାଇ ନ ପାରେ । ସରକାରୀ କାର୍ଯ୍ୟରେ ଯଦି କାର୍ଯ୍ୟ ନିର୍ବାହୀ ଯନ୍ତ୍ରୀ ଓ ଅଧିକାରୀ ମାନେ ଠିକାଦାର ମାନଙ୍କୁ ଅନୁକମ୍ପା ଦିଅନ୍ତି ତାହାଲେ ସରକାରଙ୍କ ବିକାଶ କାର୍ଯ୍ୟ ବିନାଶ ଦିଗକୁ ଯିବ ଓ ସାଧାରଣ ଲୋକଙ୍କ ପାଇଁ ଉଦ୍ଦିଷ୍ଟ କାର୍ଯ୍ୟର କୌଣସି ସୁଫଳ ମିଳିପାରିବ ନାହିଁ ବୋଲି ରାମଚନ୍ଦ୍ର ସିଂ, ସୁପ୍ରଭା ସିଂ, ଭରତ ଦେହୁରୀ, ଖଗେନ୍ଦ୍ର ସିଂ, ଗଙ୍ଗା ଦେହୁରୀ ପ୍ରମୁଖ ଗ୍ରାମ ବାସୀ ମାନେ କହିଥିଲେ । ଏଥିପ୍ରତି ଉଚ୍ଚ କର୍ତ୍ତୃପକ୍ଷ ଦୃଷ୍ଟି ଦେବାକୁ ସାଧାରଣରେ ଦାବି ?

# ସେବା ପକ୍ଷ ପାଳନ ନେଇ ବିଜେପି ରାଜ୍ୟ କାର୍ଯ୍ୟାଳୟରେ ରାଜ୍ୟ ସ୍ତରୀୟ କର୍ମଶାଳା

ଭୁବନେଶ୍ୱର, ୧/୯ (ନି.ପ୍ର): ସେବା ପକ୍ଷ ପାଳନ ନେଇ ବିଜେପି ରାଜ୍ୟ କାର୍ଯ୍ୟାଳୟରେ ରାଜ୍ୟ ସ୍ତରୀୟ କର୍ମଶାଳା । ରାଜ୍ୟ ସଭାପତି ଏବଂ ମୁଖ୍ୟମନ୍ତ୍ରୀ ଉପସ୍ଥିତ ଅଛନ୍ତି । ପ୍ରଭାରୀ ବିଜୟ ପାଲ ସିଂ ତୋମାର ଏବଂ ସେବା ପକ୍ଷ କେନ୍ଦ୍ରୀୟ ପର୍ଯ୍ୟବେକ୍ଷକ ଅରବିନ୍ଦ ମେନନ ଉପସ୍ଥିତ । ପ୍ରଧାନମନ୍ତ୍ରୀଙ୍କ ଜନ୍ମଦିନ ଉପଲକ୍ଷେ ସେପଟ୍ଟେମ୍ବର ୧୭ରୁ ଅକ୍ଟୋବର ୨ ଯାଏଁ ସେବା ପକ୍ଷ ପାଳିବ ବିଜେପି । ଏହି ଅବସରରେ ବିଜେପି ପକ୍ଷରୁ ବିଭିନ୍ନ ସେବାମୂଳକ କାର୍ଯ୍ୟକ୍ରମ ହାତକୁ ନିଆଯିବ । ଏନେଇ ରାଜ୍ୟ କାର୍ଯ୍ୟାଳୟରେ ଅନୁଷ୍ଠିତ ହେଉଛି ରାଜ୍ୟ ସ୍ତରୀୟ କର୍ମଶାଳା ।

## ଅରଣ୍ୟ ଭବନ ସମ୍ମୁଖରେ ବନ ବିଭାଗ ଅସ୍ଥାୟୀ କର୍ମଚାରୀଙ୍କ ଆନ୍ଦୋଳନ

ଭୁବନେଶ୍ୱର, ୧/୯ (ନି.ପ୍ର): ଅରଣ୍ୟ ଭବନ ସାମ୍ନାରେ ଆନ୍ଦୋଳନ କରୁଛନ୍ତି ବନ ବିଭାଗ ଅସ୍ଥାୟୀ କର୍ମଚାରୀ । ୭ ଦଫା ଦାବି ନେଇ ଆନ୍ଦୋଳନ କରୁଛି ସଂଘ । ଆଉଟ ସୋର୍ସିଂରେ ୭୦୦୦ କର୍ମଚାରୀ ପାଖାପାଖି ବିଭାଗ ଅଧୀନରେ କାମ କରୁଛନ୍ତି । ସଂଘ କହିଛି ଯେ ଥାର୍ଡ ପାର୍ଟି ଦ୍ୱାରା ଆମେ କରୁଛୁ, କିନ୍ତୁ ବେତନ ଠିକ୍ ଭାବେ ମିଳିନାହିଁ । ପ୍ରତିଦିନ କାମ କରୁଛୁ ବିଭାଗ ପାଇଁ, ପ୍ରତିଦିନ ଜଙ୍ଗଲରେ କାମ କରୁଛୁ ଜୀବନକୁ ବାଜି ଲଗାଇ, କିନ୍ତୁ ସେହି ଅନୁସାରେ ସୁବିଧା ମିଳି ପାରୁନାହିଁ । ପ୍ରତିଦିନ ୧୨ ରୁ ୧୫ ଘଁଟା କାମ କଲେ ମଧ ଦିନ ମଜୁରିଆ ଠୁ ଦରମା କମ ମିଳୁଛି । କାଠ ମାଫିଆ, ପଶୁ ଶିକାରୀ, ହାତୀ, ବାଘ, ଭାଲୁ ବା ଅନ୍ୟ ଜୀବ ଜନ୍ତୁଙ୍କ ଦ୍ୱାରା ମୃତ୍ୟୁ ହେଲେ କୌଣସି ସ୍ୱତନ୍ତ୍ର ସହାୟତା ମଧ ନଥିବା କହିଛନ୍ତି । ତେଣୁ ବରମ୍ବାର ବିଭାଗୀୟ ମୁଖ୍ୟ ଓ ମନ୍ତ୍ରୀଙ୍କ ସହ ଆଲୋଚନା କରିଥିଲେ ମଧ କୌଣସି ସହାୟତା ମିଳିନାହିଁ, କିମ୍ବା ପ୍ରତିଶ୍ରୁତି ମିଳିନାହିଁ । ଯାହା ଫଳରେ ଆଜିଠୁ ଅନିର୍ଦ୍ଦିଷ୍ଟ କାଳ ପର୍ଯ୍ୟନ୍ତ କାମ ବନ୍ଦ ଓ ଆନ୍ଦୋଳନ ଡାକରା ଦେଇଛି ସଂଘ ।

# ଅବସରକାଳୀନ ସମ୍ବର୍ଦ୍ଧନା ସଭା ଅନୁଷ୍ଠିତ



ବାସୁଦେବପୁର, ୧/୯ (ନି.ପ୍ର): ବାସୁଦେବପୁର ବ୍ଲକ ଅନ୍ତର୍ଗତ ବରଣ୍ଡୁଆ ଜଗବନ୍ଧୁ ନୋଡାଲ ବିଦ୍ୟାପୀଠର ଆଦର୍ଶ ଶିକ୍ଷୟିତ୍ରୀ ସୀତା ମଣି ପଣ୍ଡାଙ୍କ ପାଇଁ ଅବସର କାଳୀନ ସମ୍ବର୍ଦ୍ଧନା ସଭା ଅନୁଷ୍ଠିତ ହୋଇ ଯାଇଛି । ଏହି ଉତ୍ସବରେ ବିଦ୍ୟାଳୟର ପ୍ରଧାନ ଶିକ୍ଷୟତ୍ରୀ ରଶ୍ମି ରଞ୍ଜିତା ପାଣିଗ୍ରାହୀ ସଭାପତିତ୍ୱ କରିଥିଲେ । ବାସୁଦେବପୁର ବ୍ଲକ ଅଧକ୍ଷ ନଗେନ୍ଦ୍ର ପ୍ରସାଦ ବିଶ୍ୱାଳ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲା ବେଳେ ମୁଖ୍ୟ ବକ୍ତା ଭାବେ ଯୋଗ ଦେଇଥିଲେ ଶିକ୍ଷାବିତ୍ ପୂର୍ଣ୍ଣଚନ୍ଦ୍ର ପରିଡା । ସରପଞ୍ଚ ଗୋବିନ୍ଦ ଚନ୍ଦ୍ର ମଲ୍ଲିକ, ଅତିରିକ୍ତ ବ୍ଲକ୍ ଶିକ୍ଷା ଅଧିକାରୀ ତପନ କୁମାର ଦ୍ୱିବେଦୀ, ନରସିଂହପୁର ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ପ୍ରଧାନ ଶିକ୍ଷୟତ୍ରୀ ଶାନ୍ତିଲତା ପଣ୍ଡା, ରମ୍ଭାମଣି ପଣ୍ଡା, ସ୍କୁଲ ପରିଚାଳନା କମିଟି ସଭାପତି ସରୋଜ ନଳିନୀ ମହାନ୍ତି ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ । ସମସ୍ତ ଅତିଥି ପ୍ରିୟ ଶିକ୍ଷୟତ୍ରୀ ସୀତାମଣି ପଣ୍ଡା ଙ୍କ ଶିକ୍ଷା ଜୀବନର ବିଭିନ୍ନ ଦିଗ ପ୍ରତି ଆଲୋଚନା କରିଥିଲେ । ଅବସର ପ୍ରାପ୍ତ ଶିକ୍ଷୟତ୍ରୀ ସୀତାମଣି ପଣ୍ଡା ନିଜର ଅନୁଭୂତି ବର୍ଣ୍ଣନା କରିଥିଲେ । ଏହି ଅବସରରେ ବିଦାୟୀ ଶିକ୍ଷୟତ୍ରୀ ସୀତା ମଣି ପଣ୍ଡାଙ୍କୁ ମାନପତ୍ର, ଉପଢୌକନ ଓ ବିଭିନ୍ନ ଉପହାର ଦିଆଯାଇ ସମ୍ବର୍ଦ୍ଧିତ କରାଯାଇଥିଲା । ସହକାରୀ ଶିକ୍ଷକ ଶ୍ରୀକାନ୍ତ ପାକଳ ଅତିଥି ପରିଚୟ ପ୍ରଦାନ କରିଥିଲେ ଓ ଗଙ୍ଗାଧର ସେଠୀ ଧନ୍ୟବାଦ ଅର୍ପଣ କରିଥିଲେ । ଶିକ୍ଷୟତ୍ରୀ ସୁଚିସ୍ମିତା ଶୁକ୍ଳ, ଅଙ୍କିତା ଦେ, କୁନ୍ତଳା ନାୟକ ପ୍ରମୁଖ ମାନପତ୍ର ପାଠ କରିଥିଲେ । ସମସ୍ତ ଶିକ୍ଷକ ଶିକ୍ଷୟତ୍ରୀ ଉତ୍ସବ ପରିଚାଳନା କରିବାରେ ସହଯୋଗ କରିଥିଲେ । ସମସ୍ତ ଛାତ୍ର ଛାତ୍ରୀ ଯୋଗ ଦେଇଥିଲେ ।

## ଶିମଲାରେ ଭୂସ୍ଖଳନ: ପିତା-ପୁତ୍ରଙ୍କ ସମେତ ତିନି ମୃତ

ଶିମଲା, ୧/୯ : ହିମାଚଳ ପ୍ରଦେଶରେ ଲାଗାତାର ପ୍ରବଳ ବର୍ଷା ଯୋଗୁ ବିନାଶ ଘଟିଛି । ଶିମଲା ଜିଲ୍ଲାରେ ଗତ ୨୦ ଘଣ୍ଟା ଧରି ଚାଲିଥିବା ବର୍ଷା ଜନଜୀବନକୁ ଅସ୍ଥିର କରିଦେଇଛି । ଅନେକ ସ୍ଥାନରେ ଭୂସ୍ଖଳନ ଓ ରାସ୍ତା ବନ୍ଦ ହେବାରୁ ଲୋକେ ଘର ଭିତରେ ରହିଛନ୍ତି । ଏହି ମଧ୍ୟରେ ଜିଲ୍ଲାର ଜୁଙ୍ଗା ଓ କୋଟଖାଇ ଅଞ୍ଚଳରେ ଦୁଇଟି ଭିନ୍ନ ଭୂସ୍ଖଳନ ଘଟଣାରେ ତିନି ଜଣଙ୍କର ମୃତ୍ୟୁ ହୋଇଛି । ତହସିଲ୍ ଜୁଙ୍ଗା ଅଞ୍ଚଳର ପଟୱାର ହଲ୍କା ଡବଲୁର ଉପ ମହଲ ଯୋଡ଼ରେ ରବିବାର ରାତିରେ ଏକ ଦୁଃଖଦ ଘଟଣା ଘଟିଥିଲା । ସେଠାରେ ରହୁଥିବା ବୀରେନ୍ଦ୍ର କୁମାର (୩୫), ପୁତ୍ର ସ୍ୱର୍ଗତ ଜୟ ସିଂହଙ୍କ ଘର ଭୂସ୍ଖଳନରେ ଭୁଶୁଡି ପଡିଛି ।

# ବାଲେଶ୍ୱର ଜିଲ୍ଲାର ପୌର ପାଳିକା ପକ୍ଷରୁ ସ୍ୱାୟତ୍ତ ଶାସନ ଦିବସ ମହାସମାରୋହରେ ପାଳିତ



ବାଲେଶ୍ୱର, ୧/୯ (ନି.ପ୍ର):ବାଲେଶ୍ୱର ଜିଲ୍ଲାର ପୌରୋପାଳିକା ପକ୍ଷରୁ ସ୍ୱାୟତ୍ତ ଶାସନ ଦିବସ ମ୍ୟୁନିସପାଲିଟି ଚେୟାରମେନ ସବିତା ସାହୁଙ୍କ ସଭାପତିତ୍ୱରେ ମହା ସମାରୋହରେ ପାଳିତ ହୋଇଯାଇଛି । ଶ୍ରୀମତୀ ସବିତା ସାହୁ ପ୍ରଥମେ ସକାଳୁ ବାଲେଶ୍ୱର ସବୁ ମହାପୁରୁଷଙ୍କୁ ଫୁଲମାଳ ଦେବା ସହ ପତାକା ଉତ୍ତୋଳନ କରିଥିଲେ । ପରିଶେଷରେ ମ୍ୟୁନିସପାଲିଟି ରେ ଜାତୀୟ ପତାକା ଉତ୍ତୋଳନ କରିଥିଲେ । ଏହି ପତାକା ଉତ୍ତୋଳନ ରେ ମ୍ୟୁନିସପାଲିଟି ର ସମସ୍ତ କର୍ମଚାରୀ ଓ ୱାର୍ଡ କାଉନସିଲର ଉପସ୍ଥିତ ଥିଲେ । ସନ୍ଧ୍ୟାରେ ଶ୍ରୀମତୀ ସବିତା ସାହୁ ପୌରପାଳିକା ସ୍ଥାନୀୟ ଗାନ୍ଧୀ ସ୍ମୃତି ଭବନରେ ଏକ ଶୋଭା ଓ ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜନ କରିଥିଲେ । ଆୟୋଜିତ କାର୍ଯ୍ୟକ୍ରମରେ ସଦର ବିଧାୟକ ମାନସ କୁମାର ଦତ୍ତ ଓ ବସ୍ତା ବିଧାୟିକା ସୁବାସିନୀ ଜେନା ସମ୍ମାନୀୟ ଅତିଥି ଭାବେ ଯୋଗ ଦେଇ ୧୫୦ ବର୍ଷରେ ଅତିକ୍ରମ କରିଥିବା ବାଲେଶ୍ୱର ପୌରପାଳିକା ବିକାଶ କ୍ଷେତ୍ରରେ ଆଗକୁ ବଢ଼ି ଚାଲିଛି ବୋଲି କହିଥିଲେ । ପୌରାଞ୍ଚଳ ସାମଗ୍ରିକ ବିକାଶ ପାଇଁ ସମସ୍ତ ସହଯୋଗ କରିବେ ବୋଲି ଅତିଥି ମାନେ ପ୍ରତିଶ୍ରୁତି ଦେଇଥିଲେ । ପୂର୍ବରୁ ହୋଇଥିବା ବିଭିନ୍ନ ପ୍ରତିଯୋଗିତାରେ କୃତି ଛାତ୍ର ଛାତ୍ରୀଙ୍କୁ ପୁରସ୍କାର ପ୍ରଦାନ କରାଯାଇଥିଲା । ଓ ଉଲ୍ଲେଖନୀୟ କାର୍ଯ୍ୟ ପାଇଁ ପୌର କର୍ମଚାରୀ ଙ୍କୁ ଓ ପରିଷଦଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା । ସାଂସଦ ପ୍ରତିନିଧି ଚିତ୍ତରଞ୍ଜନ ପଣ୍ଡାଙ୍କ ସମେତ ବହୁ ପରିଷଦ ଉତ୍ସବରେ ମଞ୍ଚାସିନ ଥିଲେ । ପୌର ନିର୍ବାହୀ ଅଧିକାରୀ ବିଲିପ୍ସା ମହାନ୍ତି ବିବରଣୀ ଉପସ୍ଥାପନ ସହ ଧନ୍ୟବାଦ୍ ଦେଇଥିଲେ । ସର୍ବଶେଷରେ ସାଂସ୍କୃତିକ କାର୍ଯ୍ୟକ୍ରମ ହୋଇଥିଲା ।

# ଜିଲ୍ଲାର ଜିଲ୍ଲାପାଳଙ୍କ ସଭା ଗୃହଠାରେ ମିଳିତ ଜନଶୁଣାଣି ଶିବିର ଅନୁଷ୍ଠିତ

ଭଦ୍ରକ , ୧/୯ (ନି.ପ୍ର): ଜିଲ୍ଲାର ଜିଲ୍ଲାପାଳଙ୍କ କାର୍ଯ୍ୟାଳୟର ସଦଭାବନା ସଭା ଗୃହ ଠାରେ ମିଳିତ ଜନଶୁଣାଣୀ ଶିବିର ଅନୁଷ୍ଠିତ ହୋଇଯାଇଅଛି। ଅତିରିକ୍ତ ଜିଲ୍ଲାପାଳ ଶ୍ରୀ ରବି ନାରାୟଣ ସାହୁ (ରାଜସ୍ୱ) ସହିତ ଅତିରିକ୍ତ ଜିଲ୍ଲାପାଳ ଶ୍ରୀ ସରୋଜ କୁମାର ଦତ୍ତ ,ମୁଖ୍ୟ ଚିକିତ୍ସା ଅଧିକାରୀ ଡ ସୁଧି ରଞ୍ଜନ ନାୟକ,ଉପ ଜିଲ୍ଲାପାଳ ଶ୍ରୀ ସୌରଭ ଚକ୍ରବର୍ତ୍ତି, ଅତିରିକ୍ତ ଆରକ୍ଷୀ ଅଧିକ୍ଷକ ସମ୍ବିତ ମାଝୀ, ଡେପୁଟି କଲେକ୍ଟର ଶ୍ରୀ କାର୍ତ୍ତିକ ନାଥ ମଣ୍ଡଳ,ଶ୍ରୀ ଜ୍ଞାନ ରଂଜନ ସାହୁ , ସଂଗ୍ରାମ କେଶରୀ ଖୁଣ୍ଟିଆ ତହସିଲଦାର, ଭଦ୍ରକ ଓ ଅନ୍ୟ ବିଭାଗର ଅଧିକାରୀ ମାନେ ଯୋଗଦେଇଥିଲେ। ସମସ୍ତ ବିଭାଗର ଅଧିକାରୀମାନେ ଉପସ୍ଥିତ ରହି ଦାଖଲ ହୋଇଥିବା ଅଭିଯୋଗ ପତ୍ରକୁ ସମାଧାନ ପାଇଁ ପଦକ୍ଷେପ ନେଇଥିଲେ। ଆଜିର ଜନଶୁଣାଣୀ ଶିବିରରେ ମୋଟ ୧୫୮ ଆବେଦନ ପତ୍ର ଦାଖଲ ହୋଇଥିଲା। ସେଥିରୁ ୧୩୩ ଟି ବ୍ୟକ୍ତିଗତ ଥିଲାବେଳେ , ୧୬ଟି ସାମୁହିକ ଥିଲା। ୧୮ ଟି ର ସମାଧାନ ସଙ୍ଗେ ସଙ୍ଗେ ହୋଇଥିଲା। ମୁଖ୍ୟମନ୍ତ୍ରୀ ରିଲିଫ୍ ପାଣ୍ଠି ରୁ ୩ ଜଣଙ୍କୁ ଓ ରେଡକ୍ରସ ରୁ ୬ ଜଣଙ୍କୁ ମୋଟ ୬୦୦୦୦ଟଙ୍କା



ପ୍ରଦାନ କରାଯାଇଥିଲା ଆଜିର ଜନଶୁଣାଣୀ ରେ ମୁଖ୍ୟତଃ ରେସନ କାର୍ଡ, ମଧୁବାବୁ ପେନସନ, ପି ଏମ ଆଭାସ ଯୋଜନାରେ ଗୃହ ବଣ୍ଟନ, ଜମିଜମା ସଂପର୍କିତ ଅଭିଯୋଗ ଦାଖଲ ହୋଇଥିଲା।

# ଏଲଆଇସି ପାରାଦୀପ ଶାଖାରେ ବୀମା ସପ୍ତାହ ପାଳିତ

ପାରାଦୀପ, ୧/୯ (ନି.ପ୍ର): ଏଲଆଇସି ପାରାଦୀପ ଶାଖା ପକ୍ଷରୁ ସ୍ଥାନୀୟ ମଧୁବନ ସ୍ଥିତ କାର୍ଯ୍ୟାଳୟରେ ଏଲଆଇସି ର ୬୯ ତମ ପ୍ରତିଷ୍ଠା ଦିବସ ଏବଂ ବୀମା ସପ୍ତାହ ଉତ୍ସାହ ଓ ଉଦ୍ଦୀପନାର ସହିତ ପାଳିତ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥି ଭାବେ ପୌରାଧ୍ୟକ୍ଷ ବସନ୍ତ ବିଶ୍ୱାଳ ଯୋଗ ଦେଇ ପ୍ରଦୀପ ପ୍ରଜ୍ୱଳନ କରି କାର୍ଯ୍ୟକ୍ରମର ଉଦଘାଟନ କରିଥିଲେ। ପାରାଦୀପ ଶାଖା ପରିଚାଳକ ବିଶ୍ୱ ରଞ୍ଜନ କର ଉଦଘାଟନ କାର୍ଯ୍ୟକ୍ରମ ରେ ଉପସ୍ଥିତ ଥିଲେ।ପବିତ୍ର ଦୀପ ପ୍ରଜ୍ଜ୍ୱଳନ ଏବଂ ଦିବ୍ୟ ପ୍ରାର୍ଥନା ସହିତ କାର୍ଯ୍ୟକ୍ରମ ଆରମ୍ଭ ହୋଇଥିଲା।ଶାଖା ପରିଚାଳକ ଶ୍ରୀ କର ତାଙ୍କ ବକ୍ତବ୍ୟ



ରେ କହିଲେ ଯେ, ୧ ସେପ୍ଟେମ୍ବର ୧୯୫୬ ରେ ଏଲଆଇସି ପ୍ରତିଷ୍ଠା ହୋଇଥିବାରୁ ଏହି ଅବସରରେ ଉକ୍ତ ଦିବସଟିକୁ କୁ ଚଳିତ ବର୍ଷ ୧ ସେପ୍ଟେମ୍ବର ୨୦୨୫ ରୁ ୭ ସେପ୍ଟେମ୍ବର ୨୦୨୫ ପର୍ଯ୍ୟନ୍ତ ଏହାର 'ବୀମା ସପ୍ତାହ' ପାଳନ କରିବା ସହିତ ଏହାର ୬୯ତମ ବାର୍ଷିକୀ ଉତ୍ସବ ପାଳନ କରିଛି। ଏହି ଦିବସଟି ବୀମା ସଚେତନତାକୁ ପ୍ରୋତ୍ସାହିତ କରିବା, ବୀମାର ଗୁରୁତ୍ୱ ବିସ୍ତାର କରିବା ଏବଂ ସାରା ଭାରତରେ ନାଗରିକମାନଙ୍କୁ ଆର୍ଥିକ ସୁରକ୍ଷା ଏବଂ କଲ୍ୟାଣ ପ୍ରଦାନ କରି ଲୋକଙ୍କ ସେବା କରିବାର ଉଦ୍ଦେଶ୍ୟକୁ ବଜାୟ ରଖିବା ପାଇଁ ପାଳନ କରାଯାଏ।ମୁଖ୍ୟ ଅତିଥି ପୌରାଧ୍ୟକ୍ଷ ଶ୍ରୀ ବିଶ୍ୱାଳ କହିଛନ୍ତି ଯେ, ଏଲଆଇସିର ହେଉଛି ଦୀର୍ଘସ୍ଥାୟୀ ଏବଂ ବ୍ୟାପକ ଏଜେଣ୍ଟ ଏବଂ ଶାଖା ନେଟୱାର୍କ ଯୋଗୁଁ, ବିଶେଷକରି ଗ୍ରାମାଞ୍ଚଳ ଏବଂ ଦୂରଦୂରାନ୍ତ ଅଞ୍ଚଳରେ ଏକ ଅତୁଳନୀୟ ପହଞ୍ଚ ରହିଛି। ଏହି ଉତ୍ସବରେ ଶାଖା ର ସମସ୍ତ କର୍ମଚାରୀ ଙ୍କ ସମେତ ସମସ୍ତ ଏଜେଣ୍ଟ ଏବଂ ପଲିସିଧାରୀ ମାନେ ଉପସ୍ଥିତ ଥିଲେ।

## ବେଆଇନ ୨ ଗୋରୁଗାଡି ଜବତ: ୧୨ ଗୋରୁ ଉଦ୍ଧାର

ଖଇରା, ୧/୯ (ନି.ପ୍ର): ବେଆଇନ ଭାବେ ଗୋରୁ ବୋଝେଇ କରିନିଆଯାଉଥିବା୨ଟି ଗାଡିକୁ ଖଇରା ପୋଲିସ କୁପାରୀ ନିକଟରୁ ଜବତ କରିଛି । ଏଥିସହ ଜବତ ଟାଟା ଏସି ଓ ପିକଅପର ଡ୍ରାଇଭର ଶରତ ଅଞ୍ଚଳର ରବିନ୍ଦ୍ ହେମ୍ବ୍ରମ ଓ ଭଦ୍ରକ ବାଣିତିଆ ଅଞ୍ଚଳର ହରେକୃଷ୍ଣ ଜେନାଙ୍କୁ ଥାନାରେ ଅଟକ ରଖାଯାଇଛି । ଏହି ୨ଟି ଗାଡିରେ ୧୨ଟି ଗୋରୁ ଭଦ୍ରକରୁ ମୟୁରଭଞ୍ଜ ଚାଲାଣ କରାଯାଉଥିବା ବେଳେ ଖଇରା ଥାନା ଏସଆଇ ତପନ ଜେନା ଗାଡିକୁ ଜବତ କରିଥିଲେ । ପରେ ଗୋରୁ ଗୁଡିକୁ ମଇତାପୁର ଗୋଶାଳାକୁ ସ୍ଥାନାନ୍ତର କରାଯାଇଛି ।

# ନୀଳଗିରି ଆଇଟିଡିଏ କାର୍ଯ୍ୟନିର୍ବାହୀ ଯନ୍ତ୍ରୀଙ୍କ ସରକାରୀ ତେଲଚୋରି ଘଟଣା: ସତ୍ୟତା ସ୍ୱୀକାର କଲେ ତଦନ୍ତକାରୀ ଅଧିକାରୀ

ନୀଳଗିରି , ୧/୯ (ନି.ପ୍ର): ଘଟଣାକୁ ଏକମାସରୁ ଉର୍ଦ୍ଧ୍ୱ ହୋଇଥିଲେ ବି ଶେଷରେ ସରକାରୀ ତେଲଚୋରୀ ଘଟଣାର ଯାଞ୍ଚ ହୋଇଛି । ବାଲେଶ୍ୱର ଜିଲ୍ଲାପ୍ରକଳ୍ପ ନିର୍ଦ୍ଦେଶକଙ୍କ ନିର୍ଦ୍ଦେଶରେ ସୋମବାର ଏହାର ବିଧିବଦ୍ଧ ତଦନ୍ତ କରି ଛନ୍ତି ସହକାରୀ ପ୍ରକଳ୍ପ ନିର୍ଦ୍ଦେଶକ ତଥା ନୀଳଗିରିର ଭାରାପ୍ରାପ୍ତ ଉପଜିଲ୍ଲାପାଳ ଡଃ ମଧୁସ୍ମିତା ସାମନ୍ତରାୟ। ଗତ ୩୦/୭/୨୫ତାରିଖରେ ନୀଳଗିରି ଆଇଟିଡିଏରେ ଅତିରିକ୍ତ ଦାୟିତ୍ୱରେ ଥିବା ଅତିରିକ୍ତ କାର୍ଯ୍ୟନିର୍ବାହୀ ଯନ୍ତ୍ରୀ ଶରତ ଚନ୍ଦ୍ର ଉପାଧ୍ୟାୟ କାର୍ଯ୍ୟାଳୟରୁ ଡିଜେଲ ବିଲ୍ ନେଇ ଆମ୍ଭୁଡ଼ିହା ନିକଟସ୍ଥ ଶ୍ରୀ ପଞ୍ଚଲିଙ୍ଗେଶ୍ୱର ପେଟ୍ରୋଲ ପମ୍ପରେ ଡିଜେଲ ବଦଳରେ ନିଜ ଗାଡ଼ିରେ ପେଟ୍ରୋଲ ପକାଇବା ଏବଂ ବଳକା ଟଙ୍କାରେ ପ୍ଲାଷ୍ଟିକ ଜାରକିନରେ ଭରି ଉକ୍ତଗାଡ଼ିରେ ରଖି ନେଇଯିବା ଘଟଣା ବିଭିନ୍ନ ଗଣମାଧ୍ୟମରେ ପ୍ରସାରିତ ହୋଇଥିଲା। ସଂପୃକ୍ତ ଯନ୍ତ୍ରୀ ଜଣକ ଏଭଳି ପୂର୍ବରୁ ବହୁବାର ତେଲଚୋରୀ କରିଥିବା କଥା ପମ୍ପରେ କାର୍ଯ୍ୟରତ କର୍ମଚାରୀ ମଧ ଗଣମାଧ୍ୟମରେ ସ୍ୱୀକାର କରିଛନ୍ତି।ଫଳରେ ଯନ୍ତ୍ରୀଙ୍କ ସରକାରୀ ଅର୍ଥର ହରିଲୁଟ୍ ର ପର୍ଦ୍ଦାଫାଶ ହେବା ଏବଂ ଘଟଣା ସମଗ୍ରରାଜ୍ୟରେ ପ୍ରମୁଖ ଖବରର ଶିରୋନାମା ପାଲଟିଥିଲା। ଏନେଇ ଗତ ୧୧/୮ରେ ବାଲେଶ୍ୱର ଜିଲ୍ଲାପାଳ ସୂର୍ଯ୍ୟବଂଶୀ ମୟୂର ବିକାଶ ଜିଲ୍ଲାପ୍ରକଳ୍ପ ନିର୍ଦ୍ଦେଶକଙ୍କୁ ଘଟଣାର ତଦନ୍ତକରିବାକୁ ନିର୍ଦ୍ଦେଶ ଦେଇଥିଲେ। ଜିଲ୍ଲା ପ୍ରକଳ୍ପ ନିର୍ଦ୍ଦେଶକ ନୀଳଗିରି ଉପଜିଲ୍ଲାପାଳ ତଥା ଅତିରିକ୍ତ ସହକାରୀ ପ୍ରକଳ୍ପ ନିର୍ଦ୍ଦେଶକ ଡ଼ଃ ମଧୁସ୍ମିତା ସାମନ୍ତରାୟଙ୍କୁ ୭ଦିନ ମଧ୍ୟରେ ତଦନ୍ତ ରିପୋର୍ଟ ଦେବାକୁ ନିର୍ଦ୍ଦେଶ ଦେଇଥିଲେ। ବିଳମ୍ବରେ ହେଲେ ମଧ ଡ଼ଃ ସାମନ୍ତରାୟ ଆଜି ପେଟ୍ରୋଲ ପମ୍ପରେ ପହଞ୍ଚି ତଦନ୍ତ କରିଥିବା ବେଳେ ଘଟଣାର ସତ୍ୟତା ଥିବା ସ୍ୱୀକାର କରିଛନ୍ତି। ତେବେ ସରକାରୀ ଅର୍ଥର ଦୁରୁପୋଯୋଗ ଏବଂ ଆତ୍ମସାତ ଘଟଣାରେ ସଂପୃକ୍ତ ଯନ୍ତ୍ରୀଙ୍କ ବିରୋଧରେ କେବେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ତାକୁ ନୀଳଗିରିର ବୁଦ୍ଧିଜୀବୀ ଅପେକ୍ଷା କରିଛନ୍ତି।

## ଗୁରୁଦିବସରୁ ଜିଲ୍ଲାବ୍ୟାପି ପ୍ରଦର୍ଶିତ ହେବ ଆନ୍ଦୋଳନ

ବାରିପଦା, ୧/୯ (ନି.ପ୍ର): ଶିମିଳିପାଳ ଓ ପରିବେଶ ସୁରକ୍ଷା ବାର୍ତ୍ତା ନେଇ ପ୍ରସ୍ତୁତ ଚଳଚ୍ଚିତ୍ର ଆନ୍ଦୋଳନ ଗୁରୁଦିବସ ଠାରୁ ଜିଲ୍ଲାବ୍ୟାପି ପ୍ରଦର୍ଶିତ କରାଯିବ। ପ୍ରାକୃତିକ ସୌନ୍ଦର୍ଯ୍ୟର ଗନ୍ତାଘର ମୟୁରଭଞ୍ଜ ଜିଲ୍ଲାର ପର୍ଯ୍ୟଟନ ସ୍ଥଳୀର ବିକାଶ, ବନ୍ୟଜାତ ଦ୍ରବ୍ୟ ଉଚିତ୍ ବ୍ୟବସାୟୀକରଣ ମାଧ୍ୟମରେ ଲକ୍ଷାଧିକ ବେକାର ଯୁବକ ଯୁବତୀ କିଭଳି ଆତ୍ମନିର୍ଭରଶୀଳ ହୋଇପାରିବେ। ସ୍ଥାନୀୟ ଅଂଚଳର କିପରି ଅର୍ଥନୈତିକ ଅଭିବୃଦ୍ଧି ହୋଇପାରିବ ସେ ବାବଦରେ ଚଳଚ୍ଚିତ୍ର ମାଧ୍ୟମରେ ଭଞ୍ଜସେନା ପକ୍ଷରୁ ପ୍ରତିଷ୍ଠାତା କଳିଙ୍ଗ କେଶରୀ ଜେନାଙ୍କ ପରିକଳ୍ପନା କରିଛନ୍ତି। ଜନସଚେତନତା ଉଦ୍ଦେଶ୍ୟରେ ନିର୍ମିତ "ଆନ୍ଦୋଳନ' ଚଳଚ୍ଚିତ୍ର ବିନା ଶୁଳ୍କରେ ଜିଲ୍ଲାବାସୀଙ୍କ ପାଖରେ ପହଂଚିବ। ଭଞ୍ଜସେନା ପକ୍ଷରୁ ଦୁଇଟି ଏଲଇଡି ଗାଡି ମାଧ୍ୟମରେ ସେପ୍ଟେମ୍ବର ୫ ତାରିଖ ଗୁରୁଦିବସ ଠାରୁ ୪ ଗୋଟି ଉପଖଣ୍ଡର ପ୍ରତି ବ୍ଲକ/ଏନ୍ଏସି/ପୌରପାଳିକା ଯାଇ ପ୍ରଦର୍ଶନ କରାଯିବ।

# ବୁଧବାର ଖଇରା ବଜାର ବନ୍ଦ: ଏନଏସି ଘୋଷଣା ନହେବା ଯାଏ ଜାରି ରହିବ ଆନ୍ଦୋଳନ



ଖଇରା, ୧/୯ (ନି.ପ୍ର): ଖଇରାକୁ ବିଜ୍ଞାପିତ ଅଞ୍ଚଳ ଘୋଷଣା କରାନଯିବା ପ୍ରତିବାଦରେ ଖଇରା ଅଞ୍ଚଳର ସମସ୍ତ ସଙ୍ଗଠନ ଓ ସମସ୍ତ ରାଜନୈତିକ ଦଳର ନେତୃବୃନ୍ଦ ଏକଜୁଟ ହୋଇ ଦାବି ଜାହିର କରିବାକୁ ଗଣତାନ୍ତ୍ରିକ ପଦ୍ଧତିରେ ଆନ୍ଦୋଳନକୁ ଓହ୍ଲାଇବାକୁ ନିଷ୍ପତ୍ତି ନେଇଛନ୍ତି। ପ୍ରଥମ ପଦକ୍ଷେପ ସ୍ୱରୂପ ଆସନ୍ତା ବୁଧବାର ଦିନ ସକାଳ ୭ଟାଠାରୁ ଅପରାହ୍ନ ୨ଟା ପର୍ଯ୍ୟନ୍ତ ଖଇରା ବଜାର ବନ୍ଦ ରଖିବାକୁ ନିଷ୍ପତ୍ତି ନିଆଯିବା ସହ ପ୍ରଶାସନକୁ ଅବଗତ କରାଯାଇଛି । ଏହି ସମୟ ମଧ୍ୟରେ ବ୍ଲକ,ତହସିଲ ଏବଂ ପ୍ରସ୍ତାବିତ ବିଜ୍ଞାପିତ ଅଞ୍ଚଳ ପରିଧି ମଧ୍ୟରେ ଆସୁଥିବା ୩୯ ଗ୍ରାମର ସମସ୍ତ ସ୍କୁଲ ଓ କଲେଜ ସମେତ ସମସ୍ତ ସରକାରୀ ଓ ବେସରକାରୀ ଅନୁଷ୍ଠାନ ବନ୍ଦ ରଖିବାକୁ ନିଷ୍ପତ୍ତି ନିଆଯାଇଛି । ଏହି ବନ୍ଦକୁ ଖଇରା ବଜାରର ଲିଜେଣ୍ଡ ଲାୟନ୍ସ ଓ ୱାରିଅର୍ସ କ୍ଲବ, ଶ୍ରୀ ଗଣେଷ ପୂଜା କମିଟି,ରାଧାକୃଷ୍ଣ ପୂଜା କମିଟି ର ଯୁବଗୋଷ୍ଠୀ ଖୋଲାଖୋଲି ସମର୍ଥନ ଦେବାକୁ ମଧ୍ୟ ଘୋଷଣା କରିଛନ୍ତି । ବଜାର ବନ୍ଦ ସମ୍ପର୍କରେ ସୂଚନା ଓ ସଚେତନ ପାଇଁ ସୋମବାର ସଂଧ୍ୟାରେ ଖଇରା ପୋଷ୍ଟ ଅଫିସ ଛାକ ନିକଟରେ ଏକ ପଥପ୍ରାନ୍ତ ସଭା ଅନୁଷ୍ଠିତ ହୋଇ ଯାଇଛି । ସରକାର ଖଇରାକୁ ଏନଏସି ମାନ୍ୟତା ନଦେବା ଯାଏ ଆନ୍ଦୋଳନ ଚାଲୁ ରହିବ ବୋଲି ସଭାରେ ଉପସ୍ଥିତ ନେତୃବୃନ୍ଦ ଚେତାବନି ଦେଇଛନ୍ତି । ପ୍ରାକ୍ତନ ପ୍ରଧାନଶିକ୍ଷକ ଅନ୍ତର୍ଯାମୀ ପାତ୍ରଙ୍କ ସଭାପତିତ୍ୱରେ ଆୟୋଜିତ ପ୍ରସ୍ତୁତି ବୈଠକରେ ଜିଲା ପରିଷଦ ସଭ୍ୟା ରଶ୍ମିତା ମହାପାତ୍ର,ବିଭିନ୍ନ ସଙ୍ଗଠନର କର୍ମକର୍ତ୍ତା ଶରତ କୁମାର ବିଶ୍ୱାଳ, ସନ୍ତୋଷ ଶତପଥି, ଜଗତାନନ୍ଦ ମହାପାତ୍ର, କମଳାକାନ୍ତ ନାୟକ, ସନ୍ତୋଷ ବିଶ୍ୱାଳ, ମାନସ ମହାପାତ୍ର, ଚିନ୍ତାମଣି ସାହାଣି, ପ୍ରଭାତ ଦାସ, ସୁଦର୍ଶନ ସେଠୀ ,ନିରଞ୍ଜନ ବେହେରା, ବୁଦ୍ଧିରାମ ପାଣିଗ୍ରାହୀ, ପ୍ରଶାନ୍ତ ବେହେରା, ଜନ୍ମେଜୟ ଶତପଥି, ଅନାମ ଚରଣ ପଣ୍ଡା, ଉତ୍କଳବନ୍ଧୁ ପଣ୍ଡା, ଧନଞ୍ଜୟ ପଣ୍ଡା, ବଳରାମ ଲେଙ୍କା, ଉମେଶ କୁମାର ଜେନା, ରତ୍ନାକର ବିଶ୍ୱାଳ, ରଘୁନାଥ ପାତ୍ର, ଅଭିରାମ ମହାପାତ୍ର, ମାୟାଧର କୁଅଁର, ଦେବବ୍ରତ ଦାସ, ତପୋଧନ ବାରିକ, ସଞ୍ଜୟ ବେହେରା, ରଶ୍ମିରଞ୍ଜନ ପଲେଇ, ଇନ୍ଦ୍ରମଣି ବେହେରା, ପୂର୍ଣ୍ଣଚନ୍ଦ୍ର ମୁଖି ପ୍ରମୁଖ ଉପସ୍ଥିତ ଥିଲେ ।

# ବାରିପଦା ଉପଖଣ୍ଡ ପାଇଁ ଯୁଗ୍ମ ଜନ ଶୁଣାଣି ଅନୁଷ୍ଠିତ: ମୋଟ ୨୩୮ଗୋଟି ଅଭିଯୋଗର ହେଲା ଶୁଣାଣି

ବାରିପଦା, ୧/୯ (ନି.ପ୍ର): ନିର୍ଦ୍ଧାରିତ କାର୍ଯ୍ୟସୂଚୀ ଅନୁଯାୟୀ ଆଜି ମୟୂରଭଞ୍ଜ ଜ଼ିଲ୍ଲା ସଦରମହକୁମା ବାରିପଦା ଠାରେ ଜିଲ୍ଲାପାଳ ଶ୍ରୀ ହେମ କାନ୍ତ ସୟ ଭା. ପ୍ର. ସେଙ୍କ ଅଧକ୍ଷତାରେ କାର୍ଯ୍ୟାଳୟ ସ୍ଥିତ ସମ୍ମିଳନୀ କକ୍ଷରେ ଏକ ଯୁଗ୍ମ ଜନଶୁଣାଣୀ ଶିବିର ଆରମ୍ଭ ହୋଇଯାଇଛି। ଉକ୍ତ ଜନଶୁଣାଣୀ ଶିବିରରେ ଜିଲ୍ଲା ଆରକ୍ଷୀ ଅଧିକ୍ଷକ ଶ୍ରୀ ବରୁଣ ଗୁଣ୍ଟୁପଲ୍ଲୀ,ଭା.ପୋ.ସେ., ଜ଼ିଲ୍ଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ଶ୍ରୀ ଧର୍ମାନନ୍ଦ ବେହେରା, ଅତିରିକ୍ତ ଜିଲ୍ଲାପାଳ ଶ୍ରୀ ନେତ୍ରାନନ୍ଦ ମଲ୍ଲିକ, ଅତିରିକ୍ତ ଜିଲ୍ଲାପାଳ ଶ୍ରୀ ଇଶ୍ୱର ଚନ୍ଦ୍ର ନାଏକ, ବାରିପଦା ଉପଜିଲ୍ଲାପାଳ ଡ଼. ଦୟାସିନ୍ଧୁ ପରିଡା,ମୁଖ୍ୟ ଜିଲ୍ଲା ଚିକିତ୍ସା ଓ ଜନସ୍ୱାସ୍ଥ୍ୟ ଅଧିକାରୀ ଡାକ୍ତର କିଶୋର କୁମାର ଆଚାର୍ଯ୍ୟ ପ୍ରମୁଖ ଯୋଗ ଦେଇଥିଲେ। ଶିବିରରେ ବିଭିନ୍ନ ବିଭାଗର ଜିଲ୍ଲା ସ୍ତରୀୟ ଅଧିକାରୀଙ୍କ ସମେତ ବାରିପଦା ଉପଖଣ୍ଡ ର ଉପଖଣ୍ଡ ଓ ବ୍ଲକ ସ୍ତରୀୟ ବିଭିନ୍ନ ବିଭାଗୀୟ ଅଧିକାରୀ ମାନେ ଉପସ୍ଥିତ ରହି ଅଭିଯୋଗ ଶୁଣାଣି କାର୍ଯ୍ୟରେ ସହଯୋଗ କରିଥିଲେ। ଆଜିର ଶୁଣାଣିରେ ବାରିପଦା ଉପଖଣ୍ଡର ସର୍ବମୋଟ ୨୩୮ଟି ଅଭିଯୋଗ ପତ୍ର ଶୁଣାଣି ପାଇଁ ଗ୍ରହଣ ହୋଇଥିଲା । ଉକ୍ତ ୨୩୮ଗୋଟି ଅଭିଯୋଗ ମଧ୍ୟରୁ ୨୦୨ଟି ବ୍ୟକ୍ତିଗତ ସମସ୍ୟା ସମ୍ବନ୍ଧିତ ଥିବାବେଳେ, ୩୬ଗୋଟି ସାମୁହିକ ସମସ୍ୟା ସମ୍ବଳିତ ବିଷୟ ଉପରେ ଆଧାରିତ ଥିଲା। ୧୩ଟି ଆପତ୍ତିର ତତ୍କାଳ ସମାଧାନ ହୋଇଥିଲା। ଅଭିଯୋଗ ର ଗୁରୁତ୍ୱ କୁ ବିଚାର କରି ଜିଲ୍ଲାପାଳ ୭ଜଣ ଙ୍କୁ ମୁଖ୍ୟମନ୍ତ୍ରୀ ରିଲିଫ ପାଣ୍ଠିରୁ ୪୫,୦୦୦/- ଟଙ୍କା ଏବଂ ୩ଜଣଙ୍କୁ ରେଡ କ୍ରସ ପାଣ୍ଠି ରୁ ୧୫,୦୦୦/- ଟଙ୍କା ମଂଜୁର କରିଛନ୍ତି। ଆଜିର ଜନ ଅଭିଯୋଗ ଶୁଣାଣୀରେ ଗ୍ରହଣ ହୋଇଥିବା ବିଭିନ୍ନ ବିଭାଗ ସମ୍ପର୍କିତ ଅନ୍ୟାନ୍ୟ ଅଭିଯୋଗ ଗୁଡିକ ଉପରେ ଅନୁଧ୍ୟାନ ପୂର୍ବକ ବିଚାର କରି ସେଗୁଡିକର ତ୍ୱରିତ ସମାଧାନ ନିମନ୍ତେ ସମ୍ପୃକ୍ତ ବିଭାଗୀୟ ଅଧିକାରୀ ମାନଙ୍କୁ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଥିଲେ। ଉପରୋକ୍ତ ସମସ୍ତ କାର୍ଯ୍ୟକ୍ରମ ପରିଚାଳନାରେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟର କର୍ମଚାରୀ ମାନେ ସହଯୋଗ କରିଥିଲେ।

# ପାଣ୍ଡେ ବିଦ୍ୟାଳୟର କଳ୍ପନା ଦିଦିଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା

ବାରିପଦା , ୧/୯ (ନି.ପ୍ର): ବାରିପଦା ମୁନିସିପାଲିଟି ଅନ୍ତର୍ଗତ ୩ ନଂ ୱାର୍ଡ ସ୍ଥିତ ପାଣ୍ଡେ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ପରିସରରେ ବିଦ୍ୟାଳୟର ଶିକ୍ଷୟତ୍ରୀ କଳ୍ପନା ଚାଟାର୍ଜୀଙ୍କ ଅବସରକାଳୀନ ସମ୍ବର୍ଦ୍ଧନା ଉତ୍ସବ ଅନୁଷ୍ଠିତ ହୋଇଯାଇଛି ଓ ଅତିରିକ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ ବ୍ରଜମୋହନ ମୁର୍ମୁଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ବିଦାୟକାଳୀନ ସଭାରେ ବରିଷ୍ଠ ସାମ୍ବାଦିକ ସୁକାନ୍ତ ଜୀଉ, ବି ଆର ସି ସି ତପସ୍ୱିନୀ ଦାଶ, ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ବଳରାମ ନାଥ, ଡଃ ଅସୀମ ଚକ୍ରବର୍ତ୍ତୀ ଶିକ୍ଷକ ଡଃ ଶଶୀଧର ବିଶ୍ୱାଳ, ବରିଷ୍ଠ ଶିକ୍ଷକ ସୋମନାଥ ସିଂହ, ବ୍ଲକ ସଙ୍ଘ ସଭାପତି ପ୍ରଦୀପ କୁମାର ନାଥ, ସମ୍ପାଦକ ସିଦ୍ଧେଶ୍ୱର ମିଶ୍ର, ଶିକ୍ଷକ ଗୌରଗୋପାଳ ଲେଙ୍କା, ବିଦ୍ୟାଳୟର ଅବସରପ୍ରାପ୍ତ



ଶିକ୍ଷୟତ୍ରୀ ସ୍ୱର୍ଣ୍ଣରେଖା କରମହାପାତ୍ର, ରତ୍ନାବତୀ ସାହୁ, ଭାରପ୍ରାପ୍ତ ପ୍ରଧାନ ଶିକ୍ଷୟତ୍ରୀ ସୁକାନ୍ତି ବାରିକ, ଶିକ୍ଷୟତ୍ରୀ ଅନୁପମା ହୋତା, ନଗମା ପରବିନ ପ୍ରମୁଖ ଉପସ୍ଥିତ ରହି ଦିଦିଙ୍କର କାର୍ଯ୍ୟଧାରା ଉପରେ ଆଲୋକପାତ କରିଥିଲେ ଓ ସେ ଜଣେ ସମୟାନୁବର୍ତ୍ତୀ, ଛାତ୍ରବତ୍ସଳ, ମିଷ୍ଟଭାଷୀ, ସ୍ନେହୀ, ପରପୋକାରୀ ଆଦର୍ଶ ଶିକ୍ଷୟତ୍ରୀ ଭାବେ ଛାତ୍ରଛାତ୍ରୀ, ଅଭିଭାବକ, ଶିକ୍ଷକ/ଶିକ୍ଷୟତ୍ରୀ ମହଲରେ ବେଶ ପରିଚିତ ଥିଲେ ଓ ଦୀର୍ଘ ୨୨ ବର୍ଷର ଶିକ୍ଷକତା ଭିତରେ ସେ ବହୁ ଛାତ୍ରଛାତ୍ରୀଙ୍କୁ ସମାଜରେ ପ୍ରତିଷ୍ଠିତ କରିପାରିଛନ୍ତି ବୋଲି ବକ୍ତାମାନେ ପ୍ରକାଶ କରିଥିଲେ ଓ ଶେଷରେ ବ୍ଲକ ସଙ୍ଘ ତରଫରୁ ପ୍ରଦୀପ ନାଥ, ସିଦ୍ଧେଶ୍ୱର ମିଶ୍ର, ଆଦର୍ଶ ଶିକ୍ଷକ ଡଃ ବିଶ୍ୱାଳ, ପୂର୍ବତନ ସି ଆର ସି ସି ବଳରାମ ନାଥ, ସୋମନାଥ ସିଂହ ଓ ତପସ୍ୱିନୀ ଦାଶ ତଥା ବିଦ୍ୟାଳୟ ତରଫରୁ କଳ୍ପନା ଦିଦିଙ୍କୁ ଉପଢୌକନ ଓ ସମ୍ବର୍ଦ୍ଧନା ପତ୍ର ପ୍ରଦାନ କରି ସମ୍ମାନିତ କରାଯାଇଥିଲା ଓ ଶକ୍ତିପ୍ରକାଶ ବାନାର୍ଜୀ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

# ବାଲେଶ୍ୱର ଜିଲ୍ଲା କଂଗ୍ରେସ ସଭାପତି ଚୟନ ପ୍ରକ୍ରିୟା ଆରମ୍ଭ: ଏଆଇସିସି ପର୍ଯ୍ୟବେକ୍ଷକ ବଖାଣିଲେ ତଥ୍ୟ

ବାଲେଶ୍ୱର, ୧/୯ (ନି.ପ୍ର): ବାଲେଶ୍ୱର ଜିଲ୍ଲା କଂଗ୍ରେସ କମିଟି ସଭାପତି ପଦ ପାଇଁ ଚୟନ ପ୍ରକ୍ରିୟା ଆଜି ଠାରୁ ଆରମ୍ଭ ହୋଇଯାଇଛି। ଆଜି ଅପରାହ୍ନ ରେ ସ୍ଥାନୀୟ ରାଜୀବ ଭବନ ରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀ ରେ ବାଲେଶ୍ୱର ଜିଲ୍ଲା ପାଇଁ ନିଯୁକ୍ତ ଏ ଆଇ ସି ସି ର ପର୍ଯ୍ୟବେକ୍ଷକ ତଥା ହାସା ନ ଲୋକ ସଭା ନିର୍ବାଚନମଣ୍ଡଳୀ ର ସାଂସଦ ଶ୍ରେୟାସ ଏମ ପଟେଲ ଗୌଡା ଏ ସମ୍ପର୍କରେ ସୂଚନା ଦେଇଛନ୍ତି। ଲୋକ ସଭା ର ବିରୋଧୀ ଦଳ ନେତା ରାହୁଲ ଗାନ୍ଧୀ ଓ ଏ ଆଇ ସି ସି ସଭାପତି ମଲ୍ଲୀକାର୍ଜୁନ ଖଡ଼ଗେ ଙ୍କ ନିର୍ଦ୍ଦେଶ କ୍ରମେ ଦଳ ପକ୍ଷରୁ 'ସଂଗଠନ ଶ୍ରୀଜନ ଅଭିଯାନ 'ମାଧ୍ୟମ ରେ ଦଳ ଜିଲ୍ଲା ସଭାପତି ଚୟନ କରିବ। ତେଣୁ




ଆଜି ସକାଳେ ବ୍ରିଟ କଲ୍ୟାଣ ମଣ୍ଡପ ରେ ସମସ୍ତ ପୂର୍ବତନ ସାଂସଦ, ପୂର୍ବତନ ବିଧାୟକ, ବିଧାୟକ ପ୍ରାର୍ଥୀ, ବ୍ଲକ ସଭାପତି। ପୂର୍ବତନ ବ୍ଲକ ଚେୟାରମ୍ୟାନ, ସରପଞ୍ଚ, ପୂର୍ବତନ ସରପଞ୍ଚ କର୍ମକର୍ତ୍ତା ଙ୍କୁ ନେଇ ସଭାପତି ଚୟନ ପ୍ରକ୍ରିୟା ଓ ଏ ଆଇ ସି ସି ର ଗାଇଡ଼ ଲାଇନ ଉପରେ ଆଲୋଚନା କରାଯାଇଥିଲା ବୋଲି ଶ୍ରୀ ଗୌଡା କହିଥିଲେ। ସେ ଆଜି ଠାରୁ ସାତ ଦିନ ପର୍ଯ୍ୟନ୍ତ ଜିଲ୍ଲା ର ସମସ୍ତ ନିର୍ବାଚନ ମଣ୍ଡଳୀ ର ବାର ଟି ବ୍ଲକ ଓ ଅନେକ ପଂଚାୟତ ଗସ୍ତ କରି ଦଳୀୟ ଲୋକ, କର୍ମକର୍ତ୍ତା, କଂଗ୍ରେସ ପ୍ରେମୀ, ସାମାଜିକ କର୍ମ କର୍ତ୍ତା, ଗଣ ମାଧ୍ୟମ ପ୍ରତିନିଧି ଙ୍କ ସହ ବିଶେଷ ଭାବେ ସଭାପତି ପଦ ଉପରେ ଆଲୋଚନା କରିବେ। ଏକ ପ୍ରଶ୍ନ ର ଉତ୍ତର ଦେଇ ଶ୍ରୀ ଗୌଡା କହି କହିଥିଲେ କି,ଡ଼ି ସି ସି ସଭାପତି ପଦ ଲାଗି ଅତି ବେଶି ପଂଚାବନ ବୟସ ମଧ୍ୟରେ ହୋଇଥିବେ। ଏହା ସହିତ ଦଳରେ ତୃଣ ମୂଳ ସ୍ତର ରେ ଅତି କମ ରେ ପାଞ୍ଚ ବର୍ଷ ଧରି ଦଳ ପାଇଁ କାମ କରିଥିବେ। ଏ ଆଇ ସି ସି କର୍ତ୍ତୃପକ୍ଷ ଚାହିଁଲେ ବୟସ ସୀମା କୋହଳ କରିବାର କ୍ଷମତା ରଖିଛନ୍ତି। ଶିକ୍ଷଗତ ଯୋଗ୍ୟତା କିଛି ନାହି. ତେବେ ସଂଗଠନିକ ଦକ୍ଷତା ଥିବା ଆବଶ୍ୟକ, ଆର୍ଥିକ ସଂମ୍ପନ୍ନ କର୍ମୀ ଓ ଗରିବ କର୍ମୀଙ୍କ ମଧ୍ୟରେ କୌଣସି ପାତର ଅନ୍ତର କରାଯିବ ନାହି। ତେବେ ଦଳ ଭିତରେ ଥାଇ ଦଳ ବିରୋଧୀ କାର୍ଯ୍ୟ କରିଥିବା କର୍ମୀ ଓ ନେତା ଙ୍କୁ ବିଚାର କୁ ନିଆଯିବ ନାହି। କର୍ମୀଙ୍କ ମତା ମତ ନିଆଯିବ। ଅପରାଧିକ କାର୍ଯ୍ୟକଳାପ ସହ ଜଡିତ କର୍ମୀ ଓ ନେତା ଆବେଦନ କରିପାରିବେ ନାହି। ସାମ୍ବାଦିକ ସମ୍ମିଳନୀ ପ୍ରାରମ୍ଭ ରେ ଜିଲ୍ଲା ସଭାପତି ସଂଜୀବ ଗିରି 'ସଂଗଠନ ଶ୍ରୀଜନ ଅଭିଯାନ 'ସମ୍ପର୍କରେ ବିସ୍ତୃତ ସୂଚନା ଦେଇଥିଲେ। ଅନ୍ୟ ମାନଙ୍କ ମଧ୍ୟରେ ପି ସି ସି ର ପର୍ଯ୍ୟବେକ୍ଷକ ବିପ୍ଲବ ଚୌଧୁରୀ, ପର୍ଯ୍ୟବେକ୍ଷକ ତଥା ପୂର୍ବତନ ବିଧାୟକ ରବୀନ୍ଦ୍ର ମଲ୍ଲିକ, ପି ସି ସି ର ପର୍ଯ୍ୟବେକ୍ଷକ ଜବାମଣି ଟୁଡୁ,ପୂର୍ବତନ ବିଧାୟକ ସୁଦର୍ଶନ ଜେନା,ବରିଷ୍ଠ ନେତା ସୁଦର୍ଶନ ଦାସ ଓ ସୁଶ୍ରୀ ଅର୍ଚ୍ଚନା ନନ୍ଦି ପ୍ରମୁଖ ମଂଚାସୀନ ଥିଲେ।

# ଚୋରା ମୋରମ ବୋଝେଇ ଡମ୍ଫର ଜବତ

ବେତନଟୀ,୧/୯(ନି.ପ୍ର) : ବେତନଟୀ ପୁଲିସ ଟିମ ମହୁଲିଆ ଏରିଆରେ ପେଟ୍ରୋଲିଂ କରୁଥିବା ବେଳେ ଏକ ଚୋରା ମୋରମ ବୋଝେଇ ଡମ୍ଫରକୁ ଜବତ କରି ସୋମବାର ଥାନାକୁ ଆଣିଛି । ସୂଚନା ମୁତାବକ ବେଆଇନ ମୋରମ ଉତ୍ତୋଳନ ଏବଂ ଚୋରାଚାଲାଣ ବାବଦରେ ସୂଚନା ମିଳିବାପରେ ବେତନଟୀ ପୁଲିସ ପେଟ୍ରୋଲିଂ ଟିମ ମହୁଲିଆ ଏରିଆରେ ଚଢାଉ କରିଥିଲେ । ଚଢାଉ ସମୟରେ ଓଡି-୦୧ଏଚ-୨୮୪୩ ନମ୍ବର ବିଶିଷ୍ଟ ଚୋରା ମୋରମ ବୋଝେଇ ଡମ୍ଫରକୁ ଜବତକରି ଥାନାକୁ ଆଣିଛନ୍ତି । ଏନେଇ ବେତନଟୀ ପୁଲିସ ପକ୍ଷରୁ ମାମଲା ରୁଜୁ କରାଯାଇ ଅଧିକ ତଦନ୍ତ ଜାରି ରଖାଯାଇଛି ।



# ଗୋପବନ୍ଧୁ ସାମ୍ବାଦିକ ସ୍ୱାସ୍ଥ୍ୟ ବୀମା ଯୋଜନା ଆବେଦନ ତାରିଖ ବୃଦ୍ଧି

ଭଦ୍ରକ , ୧/୯ (ନି.ପ୍ର): ଗୋପବନ୍ଧୁ ସାମ୍ବାଦିକ ସ୍ୱାସ୍ଥ୍ୟବୀମା ଯୋଜନାର ଆବେଦନ ତାରିଖକୁ ବୃଦ୍ଧି କରାଯାଇଛି । ପୂର୍ବରୁ ଏହି ଆବେଦନର ଶେଷ ତାରିଖ ଅଗଷ୍ଟ ୩୦ ତାରିଖ ରହିଥିଲା । ସାମ୍ବାଦିକମାନଙ୍କ ଅନୁରୋଧ ରକ୍ଷା କରି ରାଜ୍ୟ ସରକାର ଏହି ଆବେଦନର ଶେଷ ତାରିଖକୁ ସେପ୍ଟେମ୍ବର ୮ ତାରିଖ ପର୍ଯ୍ୟନ୍ତ ବୃଦ୍ଧି କରିଛନ୍ତି । ପୂର୍ବରୁ ମଧ ଏହି ଆବେଦନ ସମୟସୀମାକୁ ବୃଦ୍ଧି କରାଯାଇଥିଲା । କର୍ମଜୀବୀ ସାମ୍ବାଦିକମାନଙ୍କୁ ରାଜ୍ୟ ସରକାର ସ୍ୱାସ୍ଥ୍ୟବୀମା ଯୋଗାଇ ଦେଉଛନ୍ତି । ଏହା ଦ୍ୱାରା ବହୁ ସାମ୍ବାଦିକଙ୍କ ପରିବାର ଦେୟମୁକ୍ତ ଭାବେ ବିଭିନ୍ନ ଅନୁବନ୍ଧିତ ଡାକ୍ତରଖାନାରେ ୫ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ଚିକିତ୍ସା ସୁବିଧା ପାଇପାରୁଛନ୍ତି । ଚଳିତ ବର୍ଷ ମଧ ଉଭୟ ନୂତନ ଏବଂ ନବୀକରଣ ନିମନ୍ତେ ସାମ୍ବାଦିକମାନଙ୍କଠାରୁ ଅନ୍‌ଲାଇନ୍ ମାଧ୍ୟମରେ ଆବେଦନ ଗ୍ରହଣ କରାଯାଉଛି । ସୂଚନାଯୋଗ୍ୟ ଯେ ଇଚ୍ଛୁକ ସାମ୍ବାଦିକମାନେ **www.owjws.odisha.gov.in** ରେ ଆବେଦନ କରିପାରିବେ ।


❒ ସଂପାଦିକା : ସୈରିନ୍ଧ୍ରୀ ସାହୁ
❒ ପରିଚାଳକ ତଥା କାର୍ଯ୍ୟନିର୍ବାହୀ ସମ୍ପାଦକ: ସୃଷ୍ଟିଧର ପରିଡ଼ା

Printed, Published & owned by Sairindhree Sahoo and Printed & Published at Sagarika press, Jail Road, Balasore-756001, Phone No- (06782) 263704

❒ Editor: Sairindhree Sahoo
❒ Managing & Executive Editor : Srustidhar Parida